

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୦ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 10 DECEMBER 2022
Vol.No. 33 ■ No. 321 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆମେରିକାରେ ସମଲିଙ୍ଗୀ ବିବାହକୁ ମିଳିଲା ମଞ୍ଜୁରୀ



ନୂଆଦିଲ୍ଲୀ, ୦୯/୧୨ : ସମଲିଙ୍ଗୀ ବିବାହକୁ ନେଇ ଏବେ ବି ଅନେକ ଦେଶରେ ତର୍କ ବିତର୍କ ଜାରି ରହିଛି । ହେଲେ ଆମେରିକା ସରକାର ଏହାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଆମେରିକାର ତଳ ସଂସଦରେ ସମଲିଙ୍ଗୀ ବିବାହ ଓ ଅନ୍ତରଜାତୀୟ ବିବାହକୁ ମଞ୍ଜୁରୀ ମିଳିଛି । ଏହା ଖୁବଶୀଘ୍ର ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବ ବୋଲି କୁହାଯାଇଛି । ଗଣମାଧ୍ୟମ ରିପୋର୍ଟ ମୁତାବକ ଏହି ବିଧେୟକକୁ ହାଉସରେ ୧୫୮-୧୬୯ ଭୋଟରେ ପାରିତ କରାଯାଇଛି । ଏହି ବିଧେୟକ ସମର୍ଥନରେ ରିପବ୍ଲିକାନ ପାର୍ଟିର ୩୯ ଜଣ ସାଂସଦ ଭୋଟ ଦେଇଥିବା ଜଣାପଡିଛି । ଗତ ସପ୍ତାହାରେ ଆମେରିକା ସଂସଦରେ ଏହି ବିଧେୟକକୁ ପାରିତ କରାଯାଇଥିଲା । ବିଧେୟକଙ୍କ ସମର୍ଥନରେ ୬୧ ଜଣ ଭୋଟ ଦେଇଥିବା ବେଳେ ଏହା ବିରୋଧରେ ୩୬ ଜଣ ଭୋଟ ଦେଇଥିଲେ । ଏହି ବିଲ୍ ପାରିତ ହେବା ପରେ ଏହାକୁ ନେଇ ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି ଯେ ସଂସଦ ଆଜି ଏହା ସୁନିଶ୍ଚିତ କରିଛି କି ଆମେରିକାର କୌଣସି ବ୍ୟକ୍ତି ଭଲ ପାଉଥିବା ଅନ୍ୟଜଣେ ବ୍ୟକ୍ତିଙ୍କୁ ବିବାହ କରିପାରିବ । ଏହି ଆଇନ ଲକ୍ଷଲକ୍ଷ ସମଲିଙ୍ଗୀ ଓ ଅନ୍ତରଜାତୀୟ ବିବାହ କରିବାକୁ ଚାହୁଁଥିବା ଲୋକଙ୍କ ମନରେ ଶାନ୍ତି ଦେବ । ଏହାସହ ଏହି ବିବାହକୁ ସୁରକ୍ଷା ଗ୍ୟାରେଣ୍ଟି ମିଳିବ ବୋଲି ବାଇଡେନ କହିଛନ୍ତି ।

## ଚାଲିଗଲେ ବରଗଡ଼ ଧନୁଯାତ୍ରାର ବଳରାମ



ବରଗଡ଼, ୦୯/୧୨ (ନି.ପ୍ର): ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ ବଳରାମ ଭୂମିକାରେ ଅଭିନୟ କରିବା ପାଇଁ ମନୋନୀତ ହୋଇଥିବା କୁନି କଳାକାର ଶ୍ରେୟସ ପୂଝାରୀଙ୍କର ମୃତ୍ୟୁ ଘଟିଛି । ତାଙ୍କୁ ମାତ୍ର ୧୨ ବର୍ଷ ହୋଇଥିଲା । ଶ୍ରେୟସଙ୍କ ଘର ଅମ୍ବାପାଲିରେ । ତାଙ୍କ ବାପାଙ୍କ ନାଁ ମହେନ୍ଦ୍ର ପୂଝାରୀ । ସେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସପ୍ତମ ଶ୍ରେଣୀରେ ପଢୁଥିଲେ । ମିଳିଥିବା ସୂଚନା ଅନୁଯାୟୀ, ଆଜି ଶ୍ରେୟସ ଘରେ ଖେଳୁଥିବା ସମୟରେ ତଳେ ପଡ଼ିଯାଇଥିଲେ । ସେ ଅଚେତ ହୋଇଯିବାରୁ ପରିବାର ଲୋକେ ତାଙ୍କୁ ବରଗଡ଼ ପୁରୁଣା ହସ୍‌ପିଟାଲ୍‌କୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବଳରାମ ଭୂମିକାରେ ଅଭିନୟ କରିବା ପାଇଁ ଶ୍ରେୟସ ଗତକାଲି ସଂଳାପ ଅଭ୍ୟାସ କରିଥିଲେ । କିନ୍ତୁ ଆଜି ତାଙ୍କର ଅକାଳ ବିୟୋଗ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି । ଶ୍ରେୟସଙ୍କ ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି ସଂପାଦକ ସୁରେଶ୍ୱର ଶତପଥୀ କହିଛନ୍ତି ଯେ ଏହା ଅତ୍ୟନ୍ତ ଦୁଃଖଦ ଘଟଣା । ଏହା ଆମକୁ ମର୍ମାହତ କରିଛି ।

## ୧୫୦ କୋଟି ଆକାଉଣ୍ଟ ହେବ ଡିଲିଟ୍ : ଏଲନ ମସ୍କ



ନୂଆଦିଲ୍ଲୀ, ୦୯/୧୨ : ଟେସଲା ମାଲିକ ଏଲନମସ୍କ ୪୪ ଆରବ ଡଲାରରେ ଟ୍ୱିଟରକୁ ଅଧିଗ୍ରହଣ କରିବା ପରେ ଲଗାତର ଭାବେ ଚମକାଇବା ଭଳି କାମ କରୁଛନ୍ତି । ପ୍ରଥମେ ମସ୍କଙ୍କ ତରଫରୁ ହଜାର ହଜାର କର୍ମଚାରୀଙ୍କୁ ଛଟେଇ କରିଥିଲେ । ଏହାକୁ ନେଇ ସାରା ବିଶ୍ୱରେ ଆଲୋଚନା ଜୋର ଧରିଥିଲା । ଏହି ଆଲୋଚନା ଜାରି ରହିଥିବା ବେଳେ ତାଙ୍କର ପୁଣି ଏକ ଟ୍ୱିଟ ଆକାଉଣ୍ଟଧାରୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ମସ୍କ ଏକ ଟ୍ୱିଟ କରି କହିଛନ୍ତି କି କମ୍ପାନୀ ତରଫରୁ ଖୁବଶୀଘ୍ର ୧୫୦ କୋଟି ଆକାଉଣ୍ଟ ଡିଲିଟ କରାଯିବ । କମ୍ପାନୀ ତରଫରୁ କୁହାଯାଇଛି କି ସେହି ଆକାଉଣ୍ଟଗୁଡିକୁ ଡିଲିଟ କରାଯିବ ଯେଉଁ ଆକାଉଣ୍ଟରେ କୌଣସି ପ୍ରକାର ଟ୍ୱିଟ ହୋଇନାହିଁ ବା ବର୍ଷ ବର୍ଷଧରି ଲଗଇନ୍ ହୋଇନାହିଁ । ଆପଣଙ୍କୁ କହିରଖୁ କି ଟ୍ୱିଟର ପ୍ଲାଟଫର୍ମରେ ଏମିତି ଅନେକ ଆକାଉଣ୍ଟ ରହିଛି, ଯେଉଁଥିରେ ବ୍ୟବହାରକାରୀମାନେ କେବଳ ଆକାଉଣ୍ଟ ଖୋଲିଛନ୍ତି ହେଲେ କେବେ ଏହାକୁ ଲଗଇନ୍ କରିନାହାଁନ୍ତି କି କୌଣସି ପ୍ରକାର ଟ୍ୱିଟ୍ କରିନାହାଁନ୍ତି । ଫୋବର୍ସ ରିୟଲ ଟାଇମ୍ ବଲିନିୟର ଇଣ୍ଡେକ୍ସ ମୁତାବକ ଏଲନ ମସ୍କ ଏବେ ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ତାଲିକାରେ ନାହାଁନ୍ତି । ତାଙ୍କ ସ୍ଥାନରେ ବର୍ନାର୍ଡ ଅରନାଲ୍ଟ ଏହି ସ୍ଥାନ ଦଖଲ କରିନେଇଛନ୍ତି ବର୍ନାର୍ଡଙ୍କ ସମ୍ପତ୍ତି ୧୮୬.୨ ବିଲିୟନ ଡଲାର ଥିବା ବେଳେ ମସ୍କଙ୍କ ସମ୍ପତ୍ତି ୧୮୫ ବିଲିୟନ ଡଲାର ରହିଛି ।

## ଏପରି ଭୋଟ ମିଳିଲେ କଂଗ୍ରେସ ଦଳ ଲୋପ ପାଇଯିବ : ତାରା

ଭୁବନେଶ୍ୱର, ୦୯/୧୨ (ନି.ପ୍ର): କଂଗ୍ରେସ ଭୋଟ ବିଜେଡିକୁ ଯାଇଛି । ବହୁ ଲୋକ କହୁଛନ୍ତି କଂଗ୍ରେସ ଭୋଟ ବିକି ଖାଇଦେଲେ । ଦୁଇ ଦୁଇଟା ଉପନିର୍ବାଚନରେ ଆମର ଅମାନତ ଗଲାଣି । ଆମ ପାଇଁ ଲଜ୍ଜାଜନକ କଥା । ପିସିସି ସଭାପତି ତର୍ଜମା କରିବା ଦରକାର, ବୈଠକ ଡାକିବା ଦରକାର, ନିଜକୁ ପରଖିବା ଦରକାର । ଆଜି ଯାଏ ପିସିସି କମିଟି ହୋଇପାରିନି । ଯଦି ଏପରି ଭୋଟ ମିଳେ ତାହାଲେ କଂଗ୍ରେସ ଦଳ ଲୋପ ପାଇଯିବ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି । ପଦ୍ମପୁର ଉପନିର୍ବାଚନର ଫଳାଫଳକୁ ନେଇ ପ୍ରତିକ୍ରିୟା ଦେଇ ଶ୍ରୀ ବାହିନୀପତି କହିଛନ୍ତି ରେଜଲ୍ଟ ଆସିବାର ଦିନକ ପୂର୍ବରୁ ସଭାପତି କେମିତି ଜାଣିଲେ ଆମେ ହାରିଯିବୁ । ପିସିସି ସଭାପତିମାନେ ନିଜ ନିଜ ଗୋଷ୍ଠୀ ତିଆରି କରି ଚାଲୁଛନ୍ତି । ଯେଉଁଥିପାଇଁ ଦଳର ଏଭଳି ଅବସ୍ଥା ହେଉଛି । ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ପଡ଼ିବ । ସେ ଆହୁରି କହିଛନ୍ତି, ପଦ୍ମପୁର ନିର୍ବାଚନ ଫଳ ୨୦୨୪ ଉପରେ ପଡ଼ିବନି । ରାତିକରେ ସରକାର ବଦଳିପାରେ । ନବୀନ ସରକାର ଏଠି ବିଜେପି ସହ ମାଡ଼ ଗୋଳ, ହେଲେ ଦିଲ୍ଲୀରେ କୋଳାକୋଳି । ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ୨୦୨୪ରେ ବିଜେପି କେନ୍ଦ୍ରରେ ରହିବ କି ନାହିଁ ଦେଖନ୍ତୁ ।

## ସମୁଦ୍ର ଭିତରେ ନେଲା ଭୀଷଣ ବାତ୍ୟାର ରୂପ : ତାମିଲନାଡୁରେ ଆଲର୍ଟ



ନୂଆଦିଲ୍ଲୀ, ୦୯/୧୨ : ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୟଙ୍କର ସାମୁଦ୍ରିକ ଝଡ଼ 'ମଣ୍ଡୋସ' ଭୀଷଣ ବାତ୍ୟାର ରୂପ ନେଇଛି । ଗୁରୁବାର ସନ୍ଧ୍ୟାରେ ମଣ୍ଡୋସ ଭୀଷଣ ବାତ୍ୟାର ରୂପ ନେଇସାରିଛି । ଶୁକ୍ରବାର ରାତି ସୁଦ୍ଧା ତାମିଲନାଡୁର ମମଲ୍ଲାପୁରମ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଏହି ସାମୁଦ୍ରିକ ଝଡ ପୁଡୁଚେରୀ ଓ ଶ୍ରୀହରିକୋଟା ମଧ୍ୟରେ ଲ୍ୟାଣ୍ଡଫଲ କରିବ । ଲ୍ୟାଣ୍ଡଫଲ୍ ସମୟରେ ପବନର ବେଗ ରହିବ ୬୫ରୁ ୭୫ କିଲୋମିଟର । ଶୁକ୍ରବାର ପାଇଁ କାଂଚିପୁରମ, ଚେଙ୍ଗଲପେଟ ଏବଂ ଭିଲୁପୁରୁ ପାଇଁ ଆଇଏମଡ଼ି ରେଡ଼ ଅଲର୍ଟ ଜାରି କରିଛି । ସେହିପରି ୯ ଡ଼ିସେମ୍ବରରୁ ଥିରୁଭଲୁର ଠାରୁ ନାଗାପଟିନମ ପର୍ଯ୍ୟନ୍ତ ସମସ୍ତ ଉପକୂଳବର୍ତୀ ଜିଲ୍ଲାକୁ ରେଡ଼ ଅଲର୍ଟ ଜାରି କରାଯାଇଛି । ଅନ୍ୟପଟେ ୯ ଓ ୧୦ ଡ଼ିସେମ୍ବରରେ ଉତର ତାମିଲନାଡୁ , ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ପାଇଁ ଅରେଂଜ ୱାର୍ଣ୍ଣି ଜାରି ହୋଇଛି । ଭୟଙ୍କର ବାତ୍ୟା ଆଶଙ୍କାରେ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶରେ ଆଲର୍ଟ ଜାରି କରାଯାଇଛି । ତେବେ ପ୍ରବଳ ବର୍ଷା କାରଣରୁ ବହୁ ଜିଲ୍ଲାରେ ସ୍କୁଲ କଲେଜ ବନ୍ଦ ଘୋଷଣା କରାଯାଇଛି । ସେପଟେ ପାଣିପାଗ ବିଭାଗର ସତର୍କ ପରେ ତାମିଲନାଡୁର ୧୦ ଜିଲ୍ଲାରେ ଏନଡିଆରଏଫ ଏବଂ ରାଜ୍ୟ ସୁରକ୍ଷା ବଳର ୧୨ଟି ଟିମକୁ ନିୟୋଜିତ କରାଯାଇଛି । ସେହିପରି ଆନ୍ଧ୍ରପ୍ରଦେଶ ସରକାର ଭୀଷଣ ବାତ୍ୟାକୁ ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନେଲେ ବର୍ଷା



ଭୁବନେଶ୍ୱର, ୦୯/୧୨ (ନି.ପ୍ର): ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ନେଇଛନ୍ତି ନବ ନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହା । ପଦମପୁର ଉପ ନିର୍ବାଚନରେ ବିଜେଡି ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିଲେ ବର୍ଷା ସିଂ ବରିହା । ବିଜୟୀ ହେବା ପରେ ଶୁକ୍ରବାର ଅପରାହ୍ନରେ ବର୍ଷା ନବୀନ ନିବାସରେ ପହଂଚିଥିଲେ । ବର୍ଷାଙ୍କ ସହ ପଶ୍ଚିମ ଓଡିଶାର ବହୁ ନେତା ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବର୍ଷାଙ୍କ ସମେତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହାସହ ମିଳିମିଶି କାମ କରିବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହା ପୂର୍ବରୁ ନବ ନିର୍ବାଚିତା ପଦମପୁର ବିଧାୟିକା ବର୍ଷା ସିଂ ବରିହା ଭୁବନେଶ୍ୱରସ୍ଥିତ ଶାଶୂ ଘରକୁ ଆସି ଶାଶୂ-ଶଶୂରଙ୍କ ଆଶୀର୍ବାଦ ନେଇଥିଲେ । ପରେ ସେ ନବୀନ ନିବାସ ଅଭିମୁଖେ ଗସ୍ତ କରିଥିଲେ । ନବୀନ ନିବାସ ବାହାରେ ବିଜେଡିର ଅନେକ ତୁଙ୍ଗ ନେତା ବର୍ଷାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଶୁଭେଚ୍ଛା ଓ ସ୍ୱାଗତ କରିଥିଲେ । ସୂଚନାଯୋଗ୍ୟ ଯେ ପଦମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ମୃତ୍ୟୁ ପରେ ଗତ ୫ ତାରିଖରେ ଉପ-ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ବିଜେଡି ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ କନ୍ୟା ବର୍ଷାଙ୍କୁ ନିର୍ବାଚନ ରଣାଙ୍ଗନକୁ ଅବତୀର୍ଣ୍ଣ କରିଥିଲା । ଡିସେମ୍ବର ୮ ତାରିଖରେ ପ୍ରକାଶ ପାଇଥିଲା ଫଳାଫଳ । ଯେଉଁଥିରେ ୪୨ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲା ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ।

## ଧାମରା - ପାରଦ୍ୱୀପ ୨୩୩ କିଲୋ ମିଟର ଦୀର୍ଘ ଜଳପଥକୁ ଜାତୀୟ ଜଳପଥ ମାନ୍ୟତା

ନୂଆଦିଲ୍ଲୀ, ୦୯/୧୨ : ଦେଶରେ ଆଭ୍ୟନ୍ତରୀଣ ଜଳ ପରିବହନ (ଆଇଡବ୍ଲ୍ୟୁଟି) କୁ ପ୍ରୋତ୍ସାହିତ କରିବା ପାଇଁ , ଜାତୀୟ ଜଳପଥ ଅଧିନିୟମ, ୨୦୧୬ ଅନୁଯାୟୀ ୨୪ ଟି ରାଜ୍ୟରେ ୫ ଟି ପୂର୍ବରୁ ରହିଥିବା ଏବଂ ୧୦୬ ଟି ନୂତନ ଜଳପଥ ସମେତ ୧୧୧ ଟି ଜଳପଥ ଗୁଡିକୁ ଜାତୀୟ ଜଳପଥ ଭାବରେ ଘୋଷିତ କରାଯାଇଛି । ଏହା ମଧ୍ୟରେ ଓଡିଶାର ଧାମରା - ପାରଦ୍ୱୀପ ଭାୟା ମଙ୍ଗଳାଗଡି ଜଳପଥ ମଧ୍ୟ ସାମିଲ୍ ହୋଇଛି । ଏହି ଜାତୀୟ ଜଳପଥର ଦୈର୍ଘ୍ୟ ୨୩୩ ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀ ଚୟନକୁ ନେଇ ହିମାଚଳରେ ସରଗରମ କଂଗ୍ରେସ ରାଜନୀତି




ନୂଆଦିଲ୍ଲୀ, ୦୯/୧୨ : ହିମାଚଳ ପ୍ରଦେଶରେ କଂଗ୍ରେସକୁ ନିର୍ବାଚନ ଜିତିବା ଯେତେ କଷ୍ଟ ହୋଇନଥିଲା ଏବେ ମୁଖ୍ୟମନ୍ତ୍ରୀ ଚୟନ କରିବା ତା ଠାରୁ ଅଧିକ କଷ୍ଟ ହୋଇପଡିଛି । ରାଜ୍ୟରେ ଦଳର ନେତାଙ୍କ ମଧ୍ୟରୁ କାହାକୁ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରାଯିବ ସେନେଇ ଦଳର ବରିଷ୍ଠ ନେତାମାନେ ଶୁକ୍ରବାର ଦିନ ଏକ ବୈଠକ ଡାକିଥିଲେ । ଏହି ବୈଠକରେ ଦଳର କେନ୍ଦ୍ରୀୟ ନେତାଙ୍କ ସହ ରାଜ୍ୟର ବରିଷ୍ଠ ନେତାମାନେ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା । ହେଲେ ଏହି ବୈଠକ ବସିବା ପୂର୍ବରୁ ରାଜ୍ୟର ଦଳୀୟ କାର୍ଯ୍ୟକର୍ତ୍ତା ଓ ପ୍ରତିଭା ସିଂଙ୍କ ସମର୍ଥକମାନେ କଂଗ୍ରେସ ହାଇକମାଣ୍ଡଙ୍କ ତରଫରୁ ପଠାଯାଇଥିବା ନେତାମାନଙ୍କ ଗାଡିକୁ ଅଟକାଇଥିଲେ । ଏହି ଗାଡି ମଧ୍ୟରେ ଥିଲେ ଛତିଶଗଡର ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ । ଗାଡି ଅଟକାଇଥିବା କର୍ମକର୍ତ୍ତାମାନେ ପ୍ରତିଭା ସିଂଙ୍କ ନାମରେ ମୋହର ମାରିବାକୁ ନାରା ଲଗାଇଥିଲେ । ସେପଟେ ପ୍ରତିଭା ସିଂ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କହିଛନ୍ତି କି, ଦଳ ତାଙ୍କ ସ୍ୱାମୀଙ୍କ ନାମରେ ନିର୍ବାଚନ ଲଢି ବିଜୟୀ ହୋଇଛି । ତେଣୁ ଦଳ ତରଫରୁ ▶▶ପୃଷ୍ଠା ୭

## ଓଡିଶା ରାଜ୍ୟ ପୁସ୍ତକ ମହୋତ୍ସବ ୨୦୨୨ ଉଦ୍‌ଘାଟିତ



ଭୁବନେଶ୍ୱର, ୦୯/୧୨ (ନି.ପ୍ର): ଚତୁର୍ଥ ଓଡିଶା ରାଜ୍ୟ ପୁସ୍ତକ ମହୋତ୍ସବ ୨୦୨୨ ଆଜି ସନ୍ଧ୍ୟାରେ ପ୍ରଦର୍ଶନୀ ପଡିଆରେ ଉଦଘାଟିତ ହୋଇ ଯାଇଛି । ପ୍ରାରମ୍ଭରେ ଓଡ଼ିଆ ଭାଷା ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଭିଡ଼ିଓ ମାଧ୍ୟମରେ ଉଦଘାଟନ କରିଥିଲେ । ମାନ୍ୟବର ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅଙ୍କଲ ଟମସ କ୍ୟାବିନ, ଭୀମ ଭୋଇ ପ୍ରଭୃତିଙ୍କ ଉଦ୍ଧୃତି ଦେଇ ପୁସ୍ତକ କେଉଁ ଭଳି ସାମାଜିକ ପାରିବର୍ତ୍ତନର ବାର୍ତ୍ତାବହ ବୋଲି ଉଲ୍ଲେଖ କରିଥିଲେ । ଅନ୍ୟତମ ଅତିଥି ସଚିବ ସତ୍ୟବ୍ରତ ସାହୁ ପୁସ୍ତକମେଳା ର ଆବଶ୍ୟକତା ଉପରେ ଭାଷଣ ପ୍ରଦାନ କରିଥିଲେ । ପରିଶେଷରେ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇବର୍ଷ ପରେ ଏହି ପୁସ୍ତକମେଳା ଅନୁଷ୍ଠିତ ହେଉଥିବାରୁ ଲେଖକ ପ୍ରକାଶକ ମାନଙ୍କ ମଧ୍ୟରେ ବେଶ ଆଗ୍ରହ ପ୍ରକାଶ ପାଇଛି । ଏହି ପୁସ୍ତକ ମେଳାରେ ଛଅସହ ଷ୍ଟଲ ଖୋଲିଛି ।

## ଗାନ୍ଧୀମାର୍ଗ ଅଚଳ କଲେ ଅଙ୍ଗନୱାଡ଼ି କର୍ମୀ

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ରାଜ୍ୟର ଲକ୍ଷାଧିକ ଅଙ୍ଗନୱାଡ଼ି କର୍ମୀ, ମିନି ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ବିଭିନ୍ନ ଦାବି ନେଇ ଶୁକ୍ରବାର ବିଧାନସଭା ସମ୍ମୁଖରେ ଧାରଣା ଦେଇଛନ୍ତି । ଭାରତୀୟ ଶ୍ରମ ସମ୍ମିଳନୀର ସୁପାରିଶ ଅନୁସାରେ ଅଙ୍ଗନୱାଡ଼ି କର୍ମୀଙ୍କୁ ୱାର୍କର ମାନ୍ୟତା, ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କାକୁ ଭତା ବୃଦ୍ଧି, ଏସ୍.ଏନ୍.ପି.ର ବଜାର ଦର ଭିତିରେ ସଂଶୋଧନ, ଅଙ୍ଗନୱାଡ଼ି କର୍ମୀଙ୍କୁ ଦିଆଯାଇଥିବା ନିମ୍ନ ମାନର ମୋବାଇଲ ଫେରାଇ ନେଇ ଉନ୍ନତ ଗୁଣମାନର ମୋବାଇଲ ଖରିଦ ପାଇଁ ୱାର୍କର ଓ ମିନି ୱାର୍କରଙ୍କ ଜମାଖାତାକୁ ଟଙ୍କା ପ୍ରଦାନ, ୫ ବର୍ଷ ଓ ୧୦ ବର୍ଷର ଇନକ୍ରିମେଂଟ୍ ପ୍ରଦାନ, ୬୨ ବର୍ଷରେ ଅବସରଜନିତ ସହାୟତା ରାଶି ୫ ଲକ୍ଷ ଟଙ୍କାକୁ ବୃଦ୍ଧି, ସର୍ବନିମ୍ନ ପେନସନ୍ ୩ ହଜାର ଟଙ୍କା ପ୍ରଦାନ, ପେନ୍‌ସନ୍ ଯୋଜନା ଓ ଦୁର୍ଘଟଣାଜନିତ ବୀମା ଯୋଜନାର ସମ୍ପୃକ୍ତି ନିମନ୍ତେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ବାଧ୍ୟ ନ କରି ସେମାନଙ୍କର ପ୍ରିମିୟମ୍ ସରକାର ବହନ କରିବା, ମିନି ଅଙ୍ଗନୱାଡ଼ି କେନ୍ଦ୍ରକୁ କେନ୍ଦ୍ରରେ ପରିଣତ କରିବା, ମୁଖ୍ୟମନ୍ତ୍ରୀ ଚିକିତ୍ସା ପାଣ୍ଠିରୁ ସହାୟତା ନିମନ୍ତେ ଗାଇଡ୍‌ଲାଇନ୍ ସ୍ଥିର କରିବା, ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରତ୍ୟାହାର କରିବା ଇତ୍ୟାଦି ଦାବି ନେଇ ଆଜି ମାଷ୍ଟରକ୍ୟାଂଟିନ୍‌ରୁ ଗାନ୍ଧୀମାର୍ଗ ଜାମ୍ କରିଛନ୍ତି ଅଙ୍ଗନୱାଡ଼ି କର୍ମୀ, ମିନିକର୍ମୀ ଓ ସହାୟିକାମାନେ । ଅଙ୍ଗନୱାଡ଼ି କର୍ମଚାରୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା, ଓଡ଼ିଶା ନେତୃତ୍ୱରେୟ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ସଭାପତି ତଥା ଏ.ଆଇ.ଟି.ୟୁ.ସି. ରାଜ୍ୟ ସଭାପତି ଅଶୋକ ଦାସ,ଙ୍ଗନୱାଡ଼ି କର୍ମଚାରୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚାର ଆବାହକ ତଥା ଏ.ଆଇ.ଟି.ୟୁ.ସି. ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ପଶ୍ଚିମ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘର ଆବାହକ ତଥା ଏନ୍.ଏଫ୍.ଆଇ.ଟି.ୟୁ. ଆବାହକ ପ୍ରଶାନ୍ତ ପାଢ଼ୀ, ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ୱାର୍କର ଆଣ୍ଡ୍ ହେଲପରସ୍ ▶▶ପୃଷ୍ଠା ୭

## ମାଟ୍ରିକ ସମେଟିଭ୍-୧ ଖାତା ଦେଖା ଆରମ୍ଭ

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ଶୁକ୍ରବାର ଠାରୁ ମାଟ୍ରିକ ସମେଟିଭ୍-୧ ଖାତା ଦେଖା ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁସାରେ ମୋଟ ୫୬ଟି କେନ୍ଦ୍ରରେ ୧୨୪୫୦ ଶିକ୍ଷକ ମୂଲ୍ୟାୟନରେ ନିୟୋଜିତ ଅଛନ୍ତି । ସକାଳ ୯ଟାରୁ ଏହି ଖାତା ଦେଖା ପ୍ରକ୍ରିୟା ଆରମ୍ଭ ସନ୍ଧ୍ୟା ୫ଟା ଯାଏ ଚାଲିବ । ଆସନ୍ତା ୧୦ ଦିନ ମଧ୍ୟରେ ଖାତା ଦେଖା ସାରିବାକୁ ଲକ୍ଷ୍ୟ ରଖା ଯାଇଥିବା ଜଣା ପଡିଛି । ଖାତା ଦେଖା କେନ୍ଦ୍ରକୁ ନିରୀକ୍ଷକଙ୍କୁ ମୋବାଇଲ ନେବାକୁ ବାରଣ କରାଯାଇଛି । ଉଲ୍ଲେଖନୀୟ ଯେ ଚଳିତ ବର୍ଷ ନଭେମ୍ବର ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୩୦୨୯ ପରୀକ୍ଷା କେନ୍ଦ୍ରରେ ୫ ଲକ୍ଷ ୪୦ ହଜାର ଛାତ୍ରଛାତ୍ରୀ ସମେଟିଭ୍-୧ ପରୀକ୍ଷା ଦେଇଥିଲେ । ଛାତ୍ରଛାତ୍ରୀ ମାନେ ଉଭୟ ଦୀର୍ଘ ଓ ସଂକ୍ଷିପ୍ତ ପ୍ରଶ୍ନ ସମ୍ବଳିତ ପରୀକ୍ଷା ଦେଇଥିଲେ । ଖାତା ଦେଖା ସରିବା ପରେ ଏହାକୁ ତର୍ଜମା କରି ପରୀକ୍ଷା ଫଳ ବୋର୍ଡ ୱେବ ସାଇଟରେ ପ୍ରକାଶ କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି ।

## ଅଣସଂକ୍ରାମକ ରୋଗ ନିରୁପଣ ଶିବିର

ଜୟପୁର, ୦୯/୧୧ (ନି.ପ୍ର): ଅଣସଂକ୍ରାମକ ରୋଗର ନିରୁପଣ ଶିବିର ଅନୁଷ୍ଠିତ ହୋଇଛି । ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଜୟପୁର ଏଲଆର ଓ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଜଗଧାତ୍ରୀପୁର ତରଫରୁ ଶିବିରି ଆୟୋଜନ କରିଥିଲେ । ଜୟପୁର ଏଲଆର ତରଫରୁ ମହାରାଣିପେଟା କନକେଶ୍ୱରି ମନ୍ଦିର ପରିସରରେ ହୋଇଥିବା ବେଳେ ରାଜୁ ସାହି ସ୍ଥିତ ପଂଚାନନ ମନ୍ଦିର ପରିସରରେ ଜଗଧାତ୍ରୀପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ତରଫରୁ ହେଇଥିଲା ।

ଏହି ଶିବିରରେ ରୋଗ ନିରୁପଣ, ରକ୍ତ ପରୀକ୍ଷା ଆଦି କରାଯାଇ ଔଷଧ ବିତରଣ କରାଯାଇଥିଲ। ଡାକ୍ତର ଉପସ୍ଥିତ ରହି ପରୀକ୍ଷା କରିଥିଲେ । କନକେଶ୍ୱରି ମନ୍ଦିର ପରିସରରେ ୭୯୫ ଜଣ ରୋଗି ଚିକିତ୍ସିତ ହୋଇଥିବା ବେଳେ ପଂଚାନନ ମନ୍ଦିର ପରିସରରେ ୮୯୦ ରୋଗି ଚିକିତ୍ସିତ ହୋଇଛନ୍ତି। ପଂଚାନନ ମନ୍ଦିର ପରିସରରେ ଥିବା ଶିବିରକୁ କାଉନସିଲର ଅର୍ପିତା ଷଡଙ୍ଗି ତଦାରଖ କରିଥିଲେ।

## ସ୍ୱାସ୍ଥ୍ୟ କର୍ମୀଙ୍କ ବିକ୍ଷୋଭ ଓ ଦାବିପତ୍ର

ପୁରୀ, ୦୯/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟପରିଦର୍ଶକ ମିଳିତ ମହାସଂଘ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୁରୀ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ । ସରକାରଙ୍କ ଅଧୀନରେ ସ୍ୱାସ୍ଥ୍ୟକର୍ମୀମାନେ କାର୍ଯ୍ୟ କରୁଥିଲେ ମଧ ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ହୋଇପାରୁନାହିଁ । ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟକର୍ମୀମାନେ କାର୍ଯ୍ୟକରୁଥିଲେ ମଧ ତାଙ୍କର ଗ୍ରେଡେସନ, ପ୍ରମୋସନ ଓ ଦରମାରେ ତାରତମ୍ୟ ରହିଥିବାରୁ ସଂଘ ଏହି ସମସ୍ୟାକୁ ଜଣାଇଛନ୍ତି । ଏ ସଂପର୍କରେ ପାଂଚ ଦଫା ଦାବିନେଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । କ୍ୟାଡର ପୁର୍ନଗଠନ, ଚାରୋଟି ପଦୋନ୍ନତି, ଗ୍ରେଡ୍ ପେ ୪୨୦୦ରୁ ଆରମ୍ଭ, ଠିକା ବ୍ୟବସ୍ଥା ଉଚ୍ଛେଦ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପଦବୀର ନାମ ପରିବର୍ତନ, ପୋଷାକ ଭତା ବୃଦ୍ଧି ପ୍ରଭୃତି ବିଷୟ ଦାବିପତ୍ରରେ ଉଲ୍ଲେଖ ରହଚି । ଡିସେମ୍ବର ୭ରୁ ୧୪ ତାରିଖ ପର୍ଯ୍ୟନ୍ତ କଳାବ୍ୟାଚ ପିନ୍ଧି ନୀରବ ପ୍ରତିବାଦ ଓ ପରେ ଅସହଯୋଗ ଆନ୍ଦୋଳନ ପାଇଁ ସଂଘ ଚେତାବନୀ ଦେଇଛି । ଜିଲ୍ଲା ସଭାପତି ପ୍ରସନ୍ନ କୁମାର ସିଂ, ସଂପାଦକ ରଘୁନାଥ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ରାଜ୍ୟପାଳଙ୍କ ହରିହରାନନ୍ଦ ବାଳାଶ୍ରମ ଗସ୍ତ

କେନ୍ଦ୍ରାପଡ଼ା, ୦୯/୧୧ (ନି.ପ୍ର): ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ଦିନିକିଆ କେନ୍ଦ୍ରାପଡା ଗସ୍ତରେ ଆସି ଅରୁଆ ହରିହରାନନ୍ଦ ବାଳାଶ୍ରମ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଗୁରୁବାର ମଧ୍ୟାହ୍ନରେ କେନ୍ଦ୍ରାପଡା ସର୍କିଟ ହାଉସ ଠାରେ ପହଁଚିବା ପରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଏସ୍ପି ସନ୍ଦିପ ସମ୍ପଦ ମଡକର ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଅରୁଆ ସ୍ଥିତ ହରିହରାନନ୍ଦ ବାଳାଶ୍ରମର ଅଧକ୍ଷ ଡ଼ଃ ମଳୟ ନନ୍ଦ ରାଜ୍ୟପାଳଙ୍କୁ ସ୍ୱାଗତ କରିବା ପରେ ରାଜ୍ୟପାଳ ଶ୍ରୀ ଲାଲ ବାଳାଶ୍ରମର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଜ୍ଞାନ ଓ ସାମାଜିକ ବିଜ୍ଞାନ ସମ୍ପର୍କିତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ପରେ ପରେ ସ୍ୱାମୀ ସମର୍ପଣାନନ୍ଦ ଜୀ ମହାରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ୨୦୨୧-୨୨ ଶିକ୍ଷା ବର୍ଷରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇ ଥିଲା । ଭଲ ମଣିଷ, ଉଚ୍ଚାକାଂକ୍ଷୀ, ଆଦର୍ଶବାଦୀ, ଚରିତ୍ରବାନ୍ ଓ ରାଷ୍ଟ୍ରଭକ୍ତ ହେବାକୁ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏହା ସହ ବାଳାଶ୍ରମର ଉନ୍ନତି ମୂଳକ କାର୍ଯ୍ୟପାଇଁ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ । ଶିକ୍ଷା, କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ଟ୍ରଫି ପ୍ରଦାନ କରିଥିଲେ । ବାଳାଶ୍ରମ ପକ୍ଷରୁ ସ୍ୱାମୀ ସମର୍ପଣାନନ୍ଦ ରାଜ୍ୟପାଳଙ୍କ ଏକ ତୈଳଚିତ୍ର ପ୍ରଦାନ କରିଥିଲେ । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ଦେଶାତ୍ମକବୋଧକ ନୃତ୍ୟ ଓ ଓଡିଶୀ ପରିବେଷଣ କରାଯାଇ ଥିଲା । କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ଅଭିଭାବକ ଅଂଶଗ୍ରହଣ କରିଥିଲେ ।

## ମାନବିକତା ଦେଖାଇଲେ ପୁରୀ ଆରଟିଓ

ପୁରୀ, ୦୯/୧୧ (ନି.ପ୍ର): ଗତ କାଲି ବିଳମ୍ବିତ ରାତି ରେ ପୁରୀ ରୋଡ଼ ମଙ୍ଗଳାହାଟ କ୍ରସିଂଙ୍ଗ ଦେଇ ଖୁବ ସ୍ପିଡ଼ ରେ ଆସୁଥିବା ଗୋଟାଏ ପାସେଞ୍ଜର ଅଟୋ ରିକ୍ସା ଭାରସାମ୍ୟ ହରାଇ ଓଲଟି ପଡି ଥିବାରୁ ଗାଡି ର ଡ୍ରାଇଭରଙ୍କ ସମେତ ଆଉ ଜଣେ ପାସେଞ୍ଜରଙ୍କ ଅବସ୍ଥା ଗୁରୁତର ହୋଇ ପଡିଥିଲା । ଘଟଣା ସ୍ଥଳରେ ପୋଲିସ ଏନଫୋର୍ସମେଂଟ ସହିତ ସ୍ପେସିଆଲ ଡ୍ରାଇଭ ଡିଉଟିରେ ଥିବା ପୁରୀ ଆରଟିଓ ରବିନ ପଟ୍ଟନାୟକ ଏବଂ କର୍ମଚାରୀ ମାନେ ଦୁର୍ଘଟଣା ରେ ଆହତ ବ୍ୟକ୍ତି ଙ୍କୁ ନିଜ ଅଫିସ ଗାଡି ରେ ତୁରନ୍ତ ପୁରୀ ବଡ଼ ମେଡିକାଲ ନେଇ ଚିକିତ୍ସା କରାଇ ଡ୍ରାଇଭର ଙ୍କ ସମେତ ଆଉ ଜଣେ ଆହତ ଙ୍କ ଜୀବନ ବଂଚାଇଥିଲେ । ଆରଟିଓ ଶ୍ରୀ ପଟ୍ଟନାୟକ ଓ ତାଙ୍କ ଟିମ ଙ୍କ ଏ ମହତ କାର୍ଯ୍ୟ ଓ ମାନବିକତା ପାଇଁ ପୁରୀ ସହର ରେ ସାଧାରଣ ଜନତା ଓ ବୁଦ୍ଧିଜୀବୀ ଖୁବ ପ୍ରଶଂସା କରିଛନ୍ତି । ରାସ୍ତା ର ଆହତ ବ୍ୟକ୍ତିଙ୍କୁ ନିର୍ଭିକ ରେ ଯେ କୌଣସି ଲୋକ ମେଡିକାଲ ଆଣି ଚିକିତ୍ସା କରାଇଲେ ରାଜ୍ୟ ସରକାର ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ଉକ୍ତ ସାହାଯ୍ୟ କାରୀ ଙ୍କୁ ଉତ୍ସାହିତ କରିବାକୁ ୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇ ଥାଏ । ସେହି ସାମରିଟେନ ପଲିସି ଉପରେ ଆରଟିଓ ଶ୍ରୀ ପଟ୍ଟନାୟକ ଯୁବ ପିଢୀ ଓ ସାଧାରଣ ଜନତା ଙ୍କୁ ସଚେତନ କରାଇଥିଲେ ।

# ଜିଲ୍ଲାସ୍ତରୀୟ ଗୀତା ସୁଗୀତା କର୍ତବ୍ୟା କାର୍ଯ୍ୟକ୍ରମ ସମାହିତ

ମାଲକାନଗିରି, ୦୯/୧୧ (ନି.ପ୍ର): ପ୍ରଜ୍ଞାନ ମିଶନ ତରଫରୁ ଦୀର୍ଘଦିନରୁ ଅନୁଷ୍ଠିତ ହେଇ ଆସୁଥିବା ଗୀତା ସୁଗୀତା କର୍ତବ୍ୟା କାର୍ଯ୍ୟକ୍ରମର ଜିଲ୍ଲା ସ୍ତରୀୟ ଗୀତା ଆବୃତି କାର୍ଯ୍ୟକ୍ରମ ଆଜି ଶତାଧିକ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ଓ ଅବିଭାବକ ମାନଙ୍କ ଉପସ୍ଥିତିରେ ସମାହିତ ହୋଇଯାଇଛି ।

ପ୍ରଜ୍ଞାନ ମିଶନ ତରଫରୁ ସର୍ବଶ୍ରୀ ଭୁବନାନନ୍ଦ ସାହୁ, ଅନନ୍ତ କିଶୋର ନନ୍ଦ, ଅଧାପକ ସରୋଜ ଦାଶ, ଅଧାପିକା କଲ୍ୟାଣୀ ପୃଷ୍ଟି, ବରିଷ୍ଠ ଶିକ୍ଷକ ଗୋପବନ୍ଧୁ ମିଶ୍ର, ଉମେଶ ଚନ୍ଦ୍ର ମେହେର, ଅରୁଣ ଡୁ ରୁକା, ପ୍ରଧାନ ଶିକ୍ଷକ ପ୍ରକାଶ ନାୟକ, ଉପଦେଷ୍ଟା ଦୁର୍ଗା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଏହାକୁ ସୁଚାରୁ ରୂପେ ସଂଚାଳିତ କରିଥିଲେ ।

ମଞ୍ଚାସୀନ ଅତିଥି ମାନେ କାର୍ଯ୍ୟକ୍ରମର ଆବଶ୍ୟକତା, ଉଦ୍ଦେଶ୍ୟ, ପ୍ରାସଙ୍ଗିକତା ସମ୍ପର୍କରେ ସ୍ପଷ୍ଟୋକ୍ତି ପ୍ରଦାନ କରିଥିବା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ତଥା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଆଧୁନିକ ସମାଜରେ କ୍ଷୟିଷ୍ଣୁ ଆଧାତ୍ମିକ ବ୍ୟବସ୍ଥା ମଧ୍ୟରେ ଏକ ସୁ-ସଂସ୍କୃତ, ସମୃଦ୍ଧ ଓ ସମନ୍ୱିତ ସମାଜ ଗଠନରେ ସକ୍ରିୟ ଅଂଶଗ୍ରହଣ କରିବା ନିମନ୍ତେ ସଂକଳ୍ପବଦ୍ଧ ହୋଇଥିଲେ ।

ମାଲକାନଗିରି ଭଳି ଉପାନ୍ତ ଅଂଚଳରେ ସହରାଂଚଳ ଠାରୁ ଆରମ୍ଭ କରି ସ୍ୱାଭିମାନ ଅଂଚଳ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବାର ଏଭଳି ପ୍ରଭାବକାରୀ କାର୍ଯକ୍ରମକୁ ବୁଦ୍ଧିଜୀବୀ ମହଲରେ ଖୁବ ପ୍ରଶଂସା କରାଯାଇ ଥିବାବେଳେ ଆଗାମୀ ଦିନରେ ରାଜ୍ୟ ସ୍ତରରେ ଏହାର ସାଫଲ୍ୟତା କାମନା କରିଛନ୍ତି ସଂସ୍ଥାର ପରିଚାଳକ।

## ନଦୀପଠାରେ ଲଗାଯାଇଥିବା ଶତାଧିକ ଗଛକୁ କାଟି ବାଲି ଚାଲାଣ ପାଇଁ ରାସ୍ତା ନିର୍ମାଣ: ଥାନାରେ ଅଭିଯୋଗ

କୋରେଇ, ୦୯/୧୧ (ନି.ପ୍ର): ନଦୀରୁ ବାଲି ଉଠାଇବା ପାଇଁ ରାତା ରାତି ମେସିନ ସାହାଯ୍ୟରେ ଶତାଧିକ ଗଛକୁ କାଟି, ପିଣ୍ଡି ଭାଙ୍ଗି ରାସ୍ତା ନିମାଣକୁ ନେଇ ପାଣିକୋଇଲି ଥାନା ଅଭିଯୋଗ ହୋଇଛି । ପ୍ରକାଶଯେ ତିନି ବର୍ଷ ତଳେ ସରକାରୀ ଅନୁମତି ନେଇ ଲିଙ୍ଗେଶ୍ୱର ଶିଶୁ ମନ୍ଦିର ସମ୍ପାଦକ ବରପଦା ମୌଜାର ୯୭୬, ୧୦୧୧, ୧୦୧୫ନମ୍ବର ପ୍ଲଟ ଓ ଏହାର ପାଶ୍ୱବର୍ତୀ ଜମିରେ ବୃକ୍ଷ ରୋପଣ କରିଥିଲା । ବୃକ୍ଷର ଯତ୍ନ ନେବା ପାଇଁ ତାର ଚାରି କଡରେ ଇଟାର ପିଣ୍ଡି କରାଯାଇଥିଲା । ଏମିତିକି ତାର ବାଡ ମଧ୍ୟ କରାଯାଇଥିଲା । ଗଛ ଗୁଡିକ ଫଳନ୍ତି ଅବସ୍ଥାକୁ ଆସି ଯାଇଥିଲା । ଧନତ୍ରୀ ବାଲି ଘାଟରୁ ବାଲି ଉଠାଇବା ପାଇଁ ବୁଧବାର ରାତ୍ରୀ ମେସିନ ସାହାଯ୍ୟରେ ଏହି ଗଛ ଗୁଡିକୁ କଟାଯିବା ସହ ମୂଳରୁ ତାଡି ଉପାଡି ରାସ୍ତା ନିର୍ମାଣ କରାଯାଇଛି । ସରସଦା ଗ୍ରାମର ସୁରେନ୍ଦ୍ର ନାୟକଙ୍କ ପୁଅ ଜୟନ୍ତ ନାୟକ, ବରପଦା ଗ୍ରାମର ପୂର୍ଣ୍ଣ ପାଣିଗ୍ରାହୀଙ୍କ ପୁଅ ଅନିରୁଦ୍ଧ ପାଣିଗ୍ରାହୀ, ରଣପାଳ ଗ୍ରାମର ଦାମୋଦର ନାୟକଙ୍କ ପୁଅ ଅନନ୍ତ ନାୟକ ପ୍ରମୁଖ କିଛି ଅନ୍ୟବ୍ୟକ୍ତିଙ୍କୁ ଧରି ମେସିନ ଲଗାଇ ଏଭଳି କାଣ୍ଡ ଭିଆଇଛନ୍ତି । ପୂବରୁ ମଧ୍ୟ ରାତିଅଧିଆ ଏଭଳି କାରନାମାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା । ଏନେଇ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସମ୍ପାଦକ ପ୍ରଦୀପ କୁମାର ଧଳ ଥାନାରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ବୃକ୍ଷ ହିଁ ଜୀବନ କୁହାଯାଉଥି ବେଳେ ଶତାଧିକ ଗଛ କାଟି ଜଘନ୍ୟ କାଣ୍ଡ ଭିଆଇଥିବା ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ତ୍ୱରୀତ କାର୍ଯ୍ୟାନୁଷ୍ଠାନ ନହେଲେ ଏଥି ପାଇଁ ବଢୁଥିବା ଜନ ଅସନ୍ତୋଷ ଆନ୍ଦୋଳନର ରୂପ ନେବ ବୋଲି ସୂଚନା ମିଳିଛି ।

## ପ୍ରେସ୍ କ୍ଲବ ପକ୍ଷରୁ ନୂତନ ବିଡ଼ିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ହରିଚନ୍ଦନପୁର, ୦୯/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକରେ ନୂତନ ବିଡ଼ିଓ ଭାବେ ଯୋଗ ଦେଇଥିବା ଆଇଏଏସ (ପ୍ରୋବେସନର) ଅଧିକାରୀ ଧିମାନ ଚାକମାଙ୍କୁ କାର୍ଯ୍ୟାଳୟ ପରିସରରେ ହରିଚନ୍ଦନପୁର ପ୍ରେସ କ୍ଲବ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି ଶୁଭ କାମନା ଜଣାଇଛନ୍ତି । ସୂଚନା ଅନୁଯାୟୀ ପୂର୍ବରୁ ସେ ଆଇଏଫଏସ (ଭାରତୀୟ ଜଙ୍ଗଲ ସେବା) ପାଇଁ ଓଡ଼ିଶାର ବାରିପଦା ଓ ଭବାନୀପାଟଣାରେ କାର୍ଯ୍ୟ କରିଛନ୍ତି । ତେବେ ପ୍ରେସ କ୍ଲବର ସାକ୍ଷାତରେ ଦୈତାରୀ ରାସ୍ତା, ବ୍ଲକ କାର୍ଯ୍ୟାଳୟ ଉନ୍ନତି କରଣ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ବାସଗୃହ ଓ ଖଣି ପ୍ରଭାବିତ ଅ ଲରେ କିପରି ଯୋଜନା କାର୍ଯ୍ୟକାରୀ ହେବ । ଏଥିସହ ଲୋକଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ ସେ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

# କନ୍ଧମାଳ ଜିଲ୍ଲାସ୍ତରୀୟ ଅଗ୍ନି ନିବାରଣ ଓ ପ୍ରଶମନ ବୈଠକ ଅନୁଷ୍ଠିତ

କନ୍ଧମାଳ,୮ ଡିସେମ୍ବର (ହି.ସ.)- ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କୁ ଜଙ୍ଗଲ ନିଆଁରୁ ରକ୍ଷା କରିବା ପାଇଁ ସରକାର ଅଗ୍ନିଅସୁରକ୍ଷିତ ସ୍ଥାନଗୁଡ଼ିକୁ ଚିହ୍ନଟ କରିବା ପାଇଁ ବିଭିନ୍ନ ବିଭାଗ ସହିତ ସର୍ବୋତମ ସମନ୍ୱୟ ରକ୍ଷା କରିବାକୁ ସ୍ଥିର କରିଛନ୍ତି ଏବଂ ଆଗକୁ ଆସୁଥିବା ଅଗ୍ନିକାଣ୍ଡ ଘଟଣାରେ ଜଙ୍ଗଲରେ ନିଆଁକୁ ରୋକିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି ଯାହା କନ୍ଧମାଳ ଜିଲ୍ଲାରେ ଜାନୁଆରୀ ରୁ ଜୁନ୍, ୨୦୨୩ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏହି କ୍ରମରେ, ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ କନ୍ଧମାଳ ଜିଲ୍ଲାପାଳ ପାଟିଲ୍ ଆଶିଷ ଈଶ୍ୱରଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ଅଗ୍ନି ନିବାରଣ ଏବଂ ପ୍ରଶମନ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲାରେ ଅଧିକାଂଶ ଲୋକ ଗଛ କାଟିବା ଓ ପୋଡୁ ଚାଷ କରିବା ଦ୍ୱାରା ଜିଲ୍ଲାର ଜଙ୍ଗଲ ସମ୍ପଦ ହ୍ରାସ ପାଉଛି ବୋଲି ବୁଝିସାରିଛନ୍ତି ଯେଉଁଥିପାଇଁକି ଏହି ଜିଲ୍ଲାର ମୋଟ ୮ହଜାର ୨୧ବର୍ଗ କିଲୋମିଟର ଏରିଆ ମଧ୍ୟରୁ ପ୍ରାୟ ୬ ହଜାର ୩୬୮ ବର୍ଗ କିଲୋମିଟର ଅଞ୍ଚଳରେ ଜଙ୍ଗଲ ରହିଛି ଅର୍ଥାତ୍ ଜିଲ୍ଲାରେ ଶତକଡ଼ା ୭୯ ଭାଗ ଜଙ୍ଗଲ ରହିଛି । ଏହି ଜଙ୍ଗଲ ସେମାନଙ୍କର ଏବଂ ସେମାନେ ଭବିଷ୍ୟତରେ ଏଥିରୁ ଲାଭବାନ ମଧ ହୋଇପାରିବେ ଯଦି ଜଙ୍ଗଲ ରହିଥିବ। ସେମାନେ ଯଦି ବୃକ୍ଷ ନ କାଟି ଓ ନିଆଁ ନ ଲଗାଇ କିଛି ଦାମୀ ଔଷଧୀୟ ବୃକ୍ଷ ଲଗାଇବେ ତେବେ ବହୁ ଲାଭବାନ ହୋଇପାରିବେ। ଚାଷ ପାଇଁ ଗଛ କାଟି ନିଆଁ ଲଗାଇଦେଲେ ସେମାନଙ୍କର ଲାଭ ବଦଳରେ କ୍ଷତି ହେଉଛି ବୋଲି ଜିଲ୍ଲାପାଳ କହିଥିଲେ। ସେଥିପାଇଁ ଅଗ୍ନିଅସୁରକ୍ଷିତ ଅଞ୍ଚଳର ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଲୋକମାନଙ୍କୁ ସଚେତନ କରିବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ସ୍ୱେଚ୍ଛାସେବୀ ଭାବେ ବନ୍ୟପ୍ରାଣୀ ତ୍ୱାବଧାରକ ଭାବେ କାର୍ଯ୍ୟକରୁଥିବା କୌଶିକ ସାହୁ କହିଲେ, ଯେଉଁ ଅଞ୍ଚଳର ଲୋକମାନେ ଚାଷ ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଉଛନ୍ତି ସେହିମାନଙ୍କୁ ବୁଝାଇବାକୁ ପଡ଼ିବ ଯେ, ସେମାନେ ଲାଭ ଅପେକ୍ଷା କ୍ଷତି କରିବାକୁ ଯାଉଛନ୍ତି। ଯଦି ସେମାନେ ବୁଝିପାରିବେ ଜଙ୍ଗଲ ସମ୍ପଦ ସେମାନଙ୍କୁ ଏବେ ଏବଂ ଆଗକୁ ସେମାନଙ୍କୁ ରୋଜଗାର ଦେଇପାରିବ ତେବେ ପୋଡୁଚାଷ ପ୍ରାୟ ବନ୍ଦ ହୋଇଯିବ। ଫଳରେ ଜଙ୍ଗଲ ଆଉ ବନ୍ୟଜନ୍ତୁଙ୍କୁ ଜଙ୍ଗଲ ନିଆଁରୁ ରକ୍ଷା କରାଯାଇପାରିବ। ସେହିପରି ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ବିଶ୍ୱରାଜ୍ ପଣ୍ଡା କହିଲେ, ଜଙ୍ଗଲ କେବଳ ବନ ବିଭାଗର ନୁହେଁ ବରଂ ଏହା ଜଙ୍ଗଲରେ କିମ୍ବା ଜଙ୍ଗଲ ନିକଟରେ ବାସ କରୁଥିବା ଲୋକମାନଙ୍କର ସମ୍ପଦ। କାରଣ ସେମାନେ ଏହି ଏହି ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି। ତେଣୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଜନ ପ୍ରତିନିଧିମାନଙ୍କ ପର୍ଯ୍ୟନ୍ତ ଏବଂ ବନ ବିଭାଗ ସମେତ ପ୍ରତ୍ୟେକ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣ ମାଧ୍ୟମ ସମସ୍ତଙ୍କର ସହଯୋଗରେ ଜଙ୍ଗଲ ନିଆଁକୁ ରୋକାଯାଇପାରିବ। ସେ ନିଆଁ ସ୍ୱାର୍ଥ ହାସଲ ପାଇଁ ଲାଗିଥାଉ କିମ୍ବା ଖଳ ପ୍ରକୃତିର ଲୋକମାନଙ୍କ ଦ୍ୱାରା ଲଗାଯାଇଥାଉ ତାକୁ ଲିଭାଇବା ପାଇଁ ସମସ୍ତଙ୍କର ମିଶନ ହେଉ ବୋଲି ପଣ୍ଡା କହିଥିଲେ। ଫୁଲବାଣୀ ବନଖଣ୍ଡ ଅଧିକାରୀ ଶ୍ରୀ ପ୍ରଶାନ୍ତ ପଟେଲ୍ ଏ ଦିଗରେ ଆହୁରି ସଚେତନତା ଆବଶ୍ୟକ ବୋଲି କହିଥିଲେ। ଜିଲ୍ଲାର ପଞ୍ଚାୟତ ସମିତି ଗୁଡ଼ିକର ଅଧକ୍ଷ/ ଅଧକ୍ଷା, ବନବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ପାହାଡ, ବନବାସୀ ସେବା ସମିତି ଇତ୍ୟାଦିର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ, ସବୁଜ ପ୍ରେମୀ ଏବଂ ବନ ସୁରକ୍ଷା ସମିତିର ସଭାପତିମାନେ ସେମାନଙ୍କର ମତ ରଖିବା ସହିତ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ ଯାହା ବନ ବିଭାଗର ଆକ୍ସନ୍ ପ୍ଲାନ୍‌ରେ ସ୍ଥାନ ପାଇବ। ଫୁଲବାଣୀ ଫରେଷ୍ଟ ଡିଭିଜନର ସହକାରୀ ବନ ସଂରକ୍ଷକ ମଳୟ ରଞ୍ଜନ କାଲୋ ପାୱାର ପଏଣ୍ଟ ମାଧମରେ ଜଙ୍ଗଲରେ ନିଆଁ ଲାଗିବାର ମୁଖ୍ୟ କାରଣ, ନିରାକରଣ ଓ ପ୍ରତିରୋଧ ପାଇଁ ବିଭିନ୍ନ ବିଭାଗର ଦାୟିତ୍ୱ ଏବଂ ୨୦୨୩ ମସିହାରେ ଜଙ୍ଗଲ ନିଆଁ ମୁକ୍ତ କନ୍ଧମାଳ ଜିଲ୍ଲା ପାଇଁ ପ୍ରଚେଷ୍ଟା ଉପରେ ସୂଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକରେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେଶ ସବର, ସହକାରୀ ବନ ସଂରକ୍ଷକ, ବାଲିଗୁଡ଼ା ସୌମ୍ୟରଞ୍ଜନ ସାହୁ, ସହକାରୀ ବନ ସଂରକ୍ଷକ, କେନ୍ଦୁଲିଫ୍ ଅନୀଲ କୁମାର ରାୟଙ୍କ ସମେତ ବନ ବିଭାଗ ତଥା ଅନ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଲାଙ୍ଗିର, ୦୯/୧୧ (ନି.ପ୍ର): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଜିଲ୍ଲା ଶିକ୍ଷାଧିକାରୀ ବଲାଙ୍ଗିରଙ୍କ କାର୍ଯ୍ୟାଳୟ ପରିସରରେ ଓଷ୍ଟା ବଲାଙ୍ଗିର ସଭାପତି ଅବନି କୁମାର ତ୍ରିପାଠିଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଉକ୍ତ ସଭାରେ ବଲାଙ୍ଗିର ଜିଲ୍ଲା ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଓ କଲେଜ କର୍ମଚାରୀ ଯୋଗଦାନ କରି ଅନୁଦାନ ଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ, ଚାକରି ସର୍ତାବଳି, ଅବସର ଜନିତ ସୁବିଧା, ଚାକରିକାଳ ୬୨ କୁ ବୃଦ୍ଧି, ଅବିକଳ ସପ୍ତମ ବେତନ କମିଶନ ଇତ୍ୟାଦି ୮ ଦଫା ଦାବି ସଂପର୍କରେ କର୍ମକର୍ତାମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କ ମାଧମରେ ଓ ଜିଲ୍ଲାପାଳଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ଉକ୍ତ ସଭାରେ ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ସରକାରଙ୍କର କର୍ମଚାରୀ ବିରୋଧି ନୀତିକୁ କଟୁ ସମାଲୋଚନା କରିଥିଲେ । ଓଷ୍ଟା ଇସି ସଭ୍ୟ ତାରାକାନ୍ତ ମିଶ୍ର, ଆଗଲପୁର ଓଷ୍ଟା ସଂପାଦକ ଅମୂଲ୍ୟ ବେହେରା, ଗୋବିନ୍ଦ ଭୋଇ ପ୍ରମୁଖ ନିଜସ୍ୱ ମତାମତ ରଖି କାର୍ଯ୍ୟକ୍ରମକୁ ଆଗେଇବାକୁ ବକ୍ତବ୍ୟ ରଖିଥିଲେ । ଶେଷରେ ଓଷ୍ଟା ଯୁଗ୍ମ ସଂପାଦକ ଅନିଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରୁଣେଇ ପାଇକ ସ୍ମାରକୀସ୍ଥଳୀରେ ରଣହୁଙ୍କାର

ଖୋର୍ଦ୍ଧା, ୦୯/୧୧ (ନି.ପ୍ର): ବରୁଣେଇ ପାଦଦେଶରେ ୨୦୧୯ ଡିସେମ୍ବର ୮ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପାଇକ ସ୍ମାରକୀ ଶିଳାନ୍ୟାସର ୩ୟ ପୂର୍ତି ଉପଲକ୍ଷେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ରାଜ୍ୟସ୍ତରୀୟ ପାଇକ ସମାରୋହ ଅନୁଷ୍ଠିତ ହୋଇଯାଇଛି । କଳିଙ୍ଗ ପାଇକ ସଂଗଠନର କାର୍ଯ୍ୟକାରୀ ସଭାପତି ତଥା ରାମଚଣ୍ଡୀ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ ପରମ୍ପରା ମୁତାବକ ଦେବୀ ବରୁଣେଇଙ୍କ ପୂଜାର୍ଚ୍ଚନା କରି ପାଇକ ଥାଟ ମେଳରେ ପାଇକ ସ୍ମାରକୀ ସଭାସ୍ଥଳକୁ ଆସିଥିଲେ । ପୁରୀ ଜିଲ୍ଲା ଦୋକନ୍ଦାର ମନୋରଂଜନ ପଶ୍ଚିମକବାଟ ଓ ଗୁରୁ ପ୍ରଭାକର ପାଲଟାସିଂହ ନେତୃତ୍ୱରେ ପାଇକଦଳ, ଭାସ୍କର ସୁନ୍ଦରାୟଙ୍କ ନେତୃତ୍ୱରେ ଗଡ଼ମାଣତୀର ଓ କୋତଳାଙ୍ଗ ପାଇକଦଳ, ନିରଞ୍ଜନ ରଣସିଂହଙ୍କ ନେତୃତ୍ୱରେ ବରପଦା ପାଇକଦଳ ଓ ସ୍ୱପ୍ନେଶ୍ୱର ଛୋଟରାୟଙ୍କ ନେତୃତ୍ୱରେ ଆଡ଼ଖଣ୍ଡିଆ ପାଇକଦଳ ବିଭିନ୍ନ ପ୍ରକାର ଆକର୍ଷଣୀୟ ପାଇକଆଖଡ଼ା ପ୍ରଦର୍ଶନ କରି ରଣହୁଙ୍କାର ଦେଇଥିଲେ । ପୂର୍ବରୁ ମାଟିଆପଡ଼ା ଦଳବେହେରା ଦୁର୍ଗାପ୍ରସାଦ ହରିଚନ୍ଦନ ଓ ବାଲିହୁଙ୍କା ଦଳବେହେରା ଅଜୟ ମାନଧାତାଙ୍କ ନେତୃତ୍ୱରେ ପଂଚପାଇକ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଆଖଡ଼ା ଦଳ ସଭାସ୍ଥଳକୁ ଆସିବା ପରେ କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ତଥା ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନଙ୍କ ପରିଚାଳନାରେ "ପାଇକ ଶୌର୍ଯ୍ୟ ଗାଥାରେ ରୋମହ୍ଚନ-ଉତ୍କଳୀୟ ବୀରତ୍ୱର ନିଦର୍ଶନ" ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଉପଦେଷ୍ଟା ସତ୍ୟବାଦୀ ବଳିଆରସିଂହ ସ୍ୱାଗତ ସମ୍ଭାଷଣ ଦେଇ କହିଥିଲେ ଯେ, ଉତ୍କଳ, ଉଡ୍ର, କଳିଙ୍ଗ, ଓଡ଼ିଶାର ପାଇକମାନେ ସାରା ଭାରତରେ ନିଜର ବୀରତ୍ୱ ପାଇଁ ପ୍ରସିଦ୍ଧ । ବରୁଣେଇରେ ପାଇକ ସ୍ମାରକୀ ପ୍ରତିଷ୍ଠା ହେଲେ ତାହା ଏକ ଜାତୀୟ ସ୍ମାରକୀ ଭାବେ ପରପିଢିଙ୍କୁ ଉଦ୍‌ବୁଦ୍ଧ କରିବ। ମୁଖ୍ୟ ସଂଚାଳକ ଇଂ.ଶିଶିର କୁମାର ନାୟକ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ୨୦୧୭ରୁ ଅଦ୍ୟାବଧି ପାଇକ ସ୍ମାରକୀ ଜାଗା ପାଇବା ପାଇଁ କିଭଳି ଘାତ ପ୍ରତିଘାତ ଦେଇ ଗତି କରିବାକୁ ପଡ଼ିଛି, ତା'ର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସେ କହିଲେ ବହୁ ପ୍ରୟାସ ଫଳରେ ରାଜ୍ୟ ସରକାର ସାଢେ ତିନି ବର୍ଷ ପରେ ଯେଉଁ ୯ ଏକର ଜାଗା ଗତ ୧୬ ତାରିଖ ଦିନ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗକୁ ପଟ୍ଟା ଆକାରରେ ଦେଇଛନ୍ତି, ତା'ର ମଡ଼ାଣ ଦେଇ ନାହାନ୍ତି। ସେ ଜାଗା ମଧରେ ୧୧୭୧ ଟି ଶାଗୁଆନ ଗଛ ଥିବାରୁ ତାହା ପାଇବା ପାଇଁ ଡ଼ି.ଏଫ୍.ଓଙ୍କ କାଟିବା ଅନୁମତି ଆବଶ୍ୟକ୍ ଥିବାରୁ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେବ ।

# ପୂର୍ଣ୍ଣଗିରି ପର୍ବତରେ ମା' ତାରା ତାରେଣୀ

ପୁରୀ, ୦୯/୧୧ (ନି.ପ୍ର): ଓଡ଼ିଶାର ପ୍ରାଚୀନ ତନ୍ତ୍ରପୀଠ ଭାବେ ଗଂଜାମ ଜିଲ୍ଲାର ମା' ତାରା ତାରେଣୀ ପୀଠ ଅନ୍ୟତମ। କିମ୍ବଦନ୍ତୀରେ କଥିତ ଅଛି ମା' ପାର୍ବତୀଙ୍କ ଅଂଶବିଶେଷ ପୂର୍ଣ୍ଣଗିରି ପର୍ବତ ଉପରେ ପଡ଼ିଥିବାରୁ ତାରା ଓ ତାରେଣୀ ଦୁଇ ଭଉଣୀ ବିଦ୍ୟମାନ ଅଛନ୍ତି। କଳିଙ୍ଗ ସ୍ଥାପତ୍ୟ କଳାର ଭାସ୍କର୍ଯ୍ୟ ଏହି ମନ୍ଦିରରେ ଦେଖିବାକୁ ମିଳେ। ଏହା ଆଦି ଶକ୍ତିପୀଠ ତନ୍ତ୍ରପୀଠ ଭାବେ ବେଶ୍ ପରିଚିତ। ତାରାତାରେଣୀ ପୀଠକୁ ଯିବାପାଇଁ ବରହମପୁରରୁ ପୁରୁଷୋତ୍ତମପୁର ନିକଟରେ ଏହି ପୀଠ ଅବସ୍ଥିତ। ମା ତାରାତାରେଣୀ ଶକ୍ତିସ୍ୱରୂପିଣୀ ପୂର୍ଣ୍ଣେଶ୍ୱରୀ ଭାବେ ପରିଚିତ। ଶ୍ରଦ୍ଧାଳୁଙ୍କ ମାନସିକ ପୂରଣ ହେଉଥିବାରୁ ପ୍ରତିଦିନ ଏହି ପୀଠରେ ଗହଳି ଲାଗିରହିଛି। ଚୈତ୍ରମାସ ଗୁରି ମଂଗଳବାର ଏହି ପୀଠରେ ମାନସିକଧାରୀଙ୍କ ଗହଳି ଦେଖିବାକୁ ମିଳେ। ଭାରତର ଗୁରି ଆଦିଶକ୍ତିପୀଠ ମଧ୍ୟରୁ ଏହା ସ୍ତନପୀଠ ଭାବେ ପରିଚିତ। ଶାବରୀ, ବୈଦିକ, ବୌଦ୍ଧ, ବୈଷ୍ଣବୀ, ତନ୍ତ୍ର ଓ ଶକ୍ତିପୀଠ ଭାବେ ଏହି ପୀଠ ପରିଚିତ। ପୀଠରେ ପଂଚ ଦେବତା ପୂଜା ପାଉଛନ୍ତି। ପ୍ରାଚୀନ କଳିଙ୍ଗ ନୌବାଣିଜ୍ୟ ପରଂପରା ଓ ସାଧବମାନଙ୍କ ଇଷ୍ଟଦେବୀ ଭାବେ ମା ତାରାତାରେଣୀ ପରିଚିତ। ନୌବାଣିଜ୍ୟ ପରମ୍ପରାର ସ୍ମୃତି ଅନୁସାରେ ୯୯୯ଟି ପାହାଚ ରହିଅଛି। ଜାଭା ସୁମାତ୍ରାରୁ ଫେରୁଥିବା ଚେଟ୍ଟି ରାମାୟା ନାମକ ସାଧବ ମା'ଙ୍କୁ ସୁମରଣା କରି ସମୁଦ୍ରରେ ଜୀବନ ବଂଚାଇଥିବାରୁ ସେ ଏହି ୯୯୯ଟି ପାହାଚ ନିର୍ମାଣ କରିଥିବା ଜନଶ୍ରୁତି ରହିଛି। ମନ୍ଦିର ପରିସରରେ ଏକ ବୁଦ୍ଧ ମୂର୍ତି ରହିଛି। ଦଶ ମହାବିଦ୍ୟା, ଷୋଡ଼ଶୀ, ବଗଳା, ଛିନ୍ନମସ୍ତା, ଧୂମାବତୀ, ମାତଙ୍ଗୀ, କମଳା, ଭୁବନେଶ୍ୱରୀ, ଭୈରବୀ ଓ କାଳୀଙ୍କ ପ୍ରସ୍ତର ମୂର୍ତି ରହିଛି।

କିମ୍ବଦନ୍ତୀରୁ ଜଣାଯାଏ ପାର୍ବତୀଙ୍କ ପିତା ଦକ୍ଷ ପ୍ରଜାପତି ଯଜ୍ଞ ଆୟୋଜନ କରିଥିଲେ। ଶିବ ପାର୍ବତୀଙ୍କୁ ଏହି ଯଜ୍ଞକୁ ନିମନ୍ତ୍ରଣ ନଥିଲା। ନାରଦଙ୍କଠୁ ଶୁଣି ସତୀ ପାର୍ବତୀ ପିତାଙ୍କ ଯଜ୍ଞସ୍ଥଳକୁ ଯାଇଥିଲେ। ପିତାଙ୍କୁ ପଚ୍ଚରନ୍ତେ ସେ ଶିବଙ୍କ କୁତ୍ସାରଟନା କରିଥିଲେ। ଅପମାନ ସହି ନପାରି ପାର୍ବତୀ ଯଜ୍ଞକୁଣ୍ଡରେ ଝାସ ଦେଇଥିଲେ। ଏହାଶୁଣି ଶିବ କ୍ରୋଧାନ୍ୱିତ ହୋଇ ଯଜ୍ଞସ୍ଥଳକୁ ଆସି ଦକ୍ଷପ୍ରଜାପତିଙ୍କ ଶିରଛେଦନ ସହ ଯଜ୍ଞସ୍ଥଳ ଭାଙ୍ଗି ଦେଇଥିଲେ। ପାର୍ବତୀଙ୍କ ଦଗ୍ଧିଭୂତ ଶରୀରକୁ କାନ୍ଧରେ ଧରି ପାଗଳ ପ୍ରାୟ ଲକ୍ଷ୍ୟହୀନ ଭାବରେ ଘୁରିବୁଲିଲେ । ଏହା ଜାଣି ବିଷ୍ଣୁ ଚକ୍ର ପେଷଣ କରି ଶିବଙ୍କ କାନ୍ଧରୁ ପାର୍ବତୀଙ୍କୁ ଖଣ୍ଡ ଖଣ୍ଡ କରିଥିଲେ । ୫୧ଖଣ୍ଡ ବିଭିନ୍ନ ସ୍ଥାନରେ ପଡ଼ିବା ପରେ ତାହା ୫୧ଟି ଶକ୍ତିପୀଠ ସୃଷ୍ଟି କରିଥିଲା । ପାର୍ବତୀଙ୍କ ଅଂଶବିଶେଷ (ସ୍ତନଯୁଗଳ) ପାହାଡ଼ ଉପରେ ପଡ଼ିଥିବାରୁ ତାହା ତାରାତାରେଣୀ ଭାବେ କଥିତ ଅଛି ।

ପୂଜାବିଧି : ମା'ଙ୍କ ପୂଜାବିଧି ମଧ୍ୟରେ ପ୍ରତ୍ୟୁଷରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଥାଏ । କାଳରାତ୍ରୀଙ୍କୁ ବନ୍ଦନା ପରେ ଦ୍ୱାରପାଳ ଓ ଗଂଗାଯମୁନା ସ୍ନାନ ନୀତି ଅନୁଷ୍ଠିତ ହୁଏ । ସୂର୍ଯ୍ୟପୂଜା, ଦେଉଳ ଶୋଧ ପରେ ପାର୍ଶ୍ୱଦେବାଦେବୀଙ୍କୁ ସ୍ନାନ କରାଯାଏ । ମା'ଙ୍କ ନିଦ୍ରାଭଂଗ ପାଇଁ ଘ ନାଦ କରାଯାଏ । ନିତ୍ୟକର୍ମ ସମାପନ ପରେ ମୁଖପ୍ରକ୍ଷାଳନ, କାଠଲାଗି ପରେ ଚୁଆ କର୍ପୁର ସିନ୍ଦୁର କସ୍ତୁରୀ ଗୋଚିନା ଜାଇଫଳ ଲାଗି ହୋଇଥାଏ । ବାଳଧୂପ ପରେ ପଂଚଦେବତାଙ୍କୁ ପୂଜା କରାଯାଏ । ବାଳଧୂପରେ ଖେଚୁଡ଼ି ଡାଲମା ପ୍ରସାଦ ଲାଗିହୁଏ । ମଂଗଳଆଳତି, ପୁଷ୍ପାଞ୍ଜଳି ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥାଏ । ମଧ୍ୟାହ୍ନ ବାରଟା ପନ୍ଦର ମିନିଟରେ ମଧ୍ୟାହ୍ନ ଧୂପରେ ଶଂଖୁଡ଼ି ଭୋଗ ଅନ୍ନ ଡାଲି, ଖଟା, ଭଜା ନୈବେଦ୍ୟ ଭୋଗ ପରେ ପୁଷ୍ପାଞ୍ଜଳି ହୋଇ ମା'ଙ୍କ ପହୁଡ଼ ହୋଇଥାଏ । ଏହି ପ୍ରସାଦକୁ ସାଧୁ, ସନ୍ଥ, ଅତିଥି, ପୂଜକ ଏକତ୍ର ବସି ସେବନ କରିଥାନ୍ତି । ଅପରାହ୍ଣ ଦୁଇଟାରେ ପହୁଡ଼ ତ୍ୟାଗ, ମୁଖଧୌତ ନୀତି, ପାଦ ଅର୍ଘ୍ୟ, ଧୂପ ଦୀପ, ନୈବେଦ୍ୟ ପରେ ସର୍ବସାଧାରଣ ଦର୍ଶନ ହୋଇଥାଏ । ଅପରାହ୍ଣ ପାଂଚଟା ପନ୍ଦର ମିନିଟରେ ସନ୍ଧ୍ୟା ଆଳତି ବାଳଭୋଗ କରାଯାଏ । ରାତି ୮ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିଥାଏ । ରାତ୍ରି ଧୂପରେ ଖେଚୁଡ଼ି ଭୋଗ ପରେ ଅନ୍ୟାନ୍ୟ ନୀତି ସମାପନ କରାଯାଏ । ମା'ଙ୍କ ପୂଜା ମାଳି କରୁଥିବା ବେଳେ ଘୃତ ଯଜ୍ଞ ଓ ଚଣ୍ଡୀପାଠ ବ୍ରାହ୍ମଣମାନଙ୍କ ଦ୍ୱାରା ସମାହିତ ହୋଇଥାଏ । ପୂର୍ବରୁ ଏହି ପୀଠରେ ବଳିପ୍ରଥା ଥିଲା ତାହା ଏବେ ନାହିଁ । ଏହା ତନ୍ତ୍ରପୀଠ ଯୋଗୁଁ ଏଠାରେ ବଳିପ୍ରଥା ଥିବା କଥିତ ଅଛି । ମଂଗଳବାର ଓ ସଂକ୍ରାନ୍ତିରେ ଛାଗବଳି ଦିଆଯାଉଥିଲା । ଚୈତ୍ର ମାସ ଗୁରି ମଂଗଳବାରରେ ପ୍ରାୟ ଦଶ ହଜାରରୁ ଅଧିକ ଶ୍ରଦ୍ଧାଳୁ ପୀଠରେ ପୂଜାର୍ଚ୍ଚନା କରିଥାନ୍ତି । ସେତେବେଳେ ବଳି ଯୋଗୁଁ ୯୯୯ ପାହାଚ ରକ୍ତରଂଜିତ ହେଉଥିଲା । ମହାତ୍ମା ଗାନ୍ଧୀ ବଳିପ୍ରଥାକୁ ବିରୋଧ କରିବାରୁ ବ୍ରିଟିଶ ରାଜୁତି ସମୟରେ ଏହାକୁ ବନ୍ଦ କରାଯା/ଇଥିଲା । ଏବେ ଆମିଷ ନୈବେଦ୍ୟ ଓ ମଦିରା ଭାବେ ତମ୍ବା ପାତ୍ରରେ ପଇଡ଼ପାଣି ଭୋଗ କରାଯାଉଛି । ମାନସିକ ଧାରୀମାନେ ମା'ଙ୍କୁ ଦର୍ଶନ କରି ଚୁଟି ଲଣ୍ଡା ହେବା ବିଧି ରହିଅଛି । ନିସନ୍ତାନ ଦମ୍ପତିମାନେ ମାନସିକ କରି ସନ୍ତାନ ଲାଭର ବର୍ଷକ ପରେ ପ୍ରଥମ ଚୁଟି ଏହିପୀଠରେ ମଣ୍ଡନ କରିବା ବିଧି ରହିଅଛି । ଏହା ସହ ଶିଶୁର ରୋଗାରୋଗ୍ୟ ମାନସିକ ପାଇଁ ପୀଠରେ ଲଣ୍ଡିତ କରାଇଥାନ୍ତି । ମା'ଙ୍କ ମହିମା ଯୋଗୁଁ କିଛିବର୍ଷ ହେଲାଣି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୀଠର ଉନ୍ନତିକରଣ କରାଯାଇଛି । ଶ୍ରୀମନ୍ଦିର ଢାଂଚାରେ ମୁଖ୍ୟମନ୍ଦିର, ନାଟମନ୍ଦିର, ମୁଖଶାଳା ଓ ଦୋଳବେଦୀ ତୋରଣ ନିର୍ମାଣ କରାଯାଇଛି । ବିଶିଷ୍ଟ ସ୍ଥପତି ପଦ୍ମଶ୍ରୀ ରଘୁନାଥ ମହାପାତ୍ରଙ୍କ କାରୁକାର୍ଯ୍ୟରେ ମନ୍ଦିରଟି ବେଶ ଶୋଭାମୟ ହୋଇପାରିଛି । ଆହୁରି ଅନେକ ଅଧୁରା ପଥର କାର୍ଯ୍ୟ ଏବେ ଗ୍ଲୁରହିଛି ।

# ବୁଲି ଯାଆନ୍ତୁ ଓଡ଼ିଶାର ଦ୍ୱିତୀୟ ଅର୍କକ୍ଷେତ୍ର

ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାର ଗଞ୍ଜାମ ଜିଲ୍ଲା। ଏଠାକୁ ଥରେ ବୁଲି ଆସିଲେ ବହୁ ଜାଗା ଭ୍ରମଣ କରି ପ୍ରକୃତିକୁ ପାଖରୁ ଦେଖିବାର ସୁଯୋଗ ପାଇପାରିବେ। ଏଥିପାଇଁ ନିଜ ବ୍ୟସ୍ତବହୁଳ ଜୀବନରୁ ଥରେ ସମୟ ବାହାର କରି ପରିବାର ବା ସାଙ୍ଗସାଥୀଙ୍କ ସହ ଗଞ୍ଜାମ ଜିଲ୍ଲା ଭ୍ରମଣ କରନ୍ତୁ।ଏହି ଅବସରରେ ଆପଣ ବିଲୋପ ହେବାକୁ ଥିବା କୃଷ୍ଣସାର ମୃଗ ଦେଖିପାରିବେ। ଏହି ପ୍ରଜାତିର ହରିଣ ସମଗ୍ର ଦେଶରେ ବିଲୋପ ହେବାକୁ ବସିଥିବା ବେଳେ କେବଳ ଗଞ୍ଜାମ ଜିଲ୍ଲାର ଭେଟନଇ ଏବଂ ବୁଗୁଡ଼ା ଆଦି ଅଞ୍ଚଳରେ ଦେଖିବାକୁ ମିଳୁଛନ୍ତି। ସେହିଭଳି ଗଞ୍ଜାମର ଐତିହାସିକ ସହର ବୁଗୁଡ଼ାରେ କାଠର କୋଣାର୍କ ବିରଞ୍ଚି ନାରାୟଣ ମନ୍ଦିର ବୁଲି ଦେଖିପାରିବେ। ଏହାର କାରୁକାର୍ଯ୍ୟ ଏପରି ହୋଇଛି ଯେ, ନିର୍ମାଣର ୩୫୦ ବର୍ଷ ପରେ ମଧ ଏହା ଖୁବ୍ ଆକର୍ଷଣୀୟ ଦେଖାଯାଉଛି। ଏହାକୁ ଓଡ଼ିଶାର ଦ୍ୱିତୀୟ ଅର୍କକ୍ଷେତ୍ର ବୋଲି କୁହାଯାଏ। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ସହରଠାରୁ ଆସ୍କା ଦେଇ ଗଲେ ଆପଣ ଭେଟନଇ ଅଞ୍ଚଳକୁ ଯାଇପାରିବେ। ସେଠାରେ ଆପଣ ଯାହା ଦେଖିବେ ତାହା ଆପଣଙ୍କୁ ନିଶ୍ଚୟ ଆଶ୍ଚର୍ଯ୍ୟ କରିଦେବ। କାରଣ ସେଠାକୁ ଗଲେ ଆପଣ ଦେଖିବାକୁ ପାଇବେ ଗଞ୍ଜାମର ଗୌରବ ଏବଂ ଗର୍ବର ପ୍ରତୀକ କୃଷ୍ଣସାର ମୃଗ ବା ବାଲିହରିଣ ବା ବ୍ଲାକ୍ ବ୍ଲକ୍। ସାରା ଦେଶରେ ଏହି ପ୍ରାଣୀ ପ୍ରାୟ ଲୋପ ପାଇବାକୁ ବସିଛନ୍ତି। ଏଠାକୁ ଥରେ ଆସିଲେ କିଛି ସମୟ ଛିଡା ହୋଇ ମନଭରି ହରିଣଙ୍କୁ ଦେଖିବାକୁ ଇଚ୍ଛା ହେବ। ଆପଣ ଏଠାରେ ସୁନ୍ଦର ଏବଂ ଦଳ ଦଳ ହୋଇ ବୁଲୁଥିବା କୃଷ୍ଣସାର ମୃଗ ଦେଖିବାକୁ ପାଇବେ। ଆଉ ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଏହି ମୃଗମାନଙ୍କୁ କେହି ଶିକାର କରନ୍ତି ନାହିଁ। ସ୍ଥାନୀୟ ଜନସାଧାରଣ ସରକାରଙ୍କୁ ସହଯୋଗର ହାତ ବଢ଼ାଇ ଏହି ବିରଳ ପ୍ରଜାତିର ସଂରକ୍ଷଣ ପାଇଁ ଉଦ୍ୟମ କରୁଛନ୍ତି। ଆଉ ମୃଗମାନଙ୍କୁ ଆପଣ





ଦେଖିଲେ ଜାଣି ପାରିବେ ଯେ, ସେମାନେ ଯେପରି ମଣିଷଙ୍କ ସହ ଏକାଠି ବସବାସ କରୁଛନ୍ତି। ଆପଣ ସେଠାରେ ଜଙ୍ଗଲ ଭିତରେ ବା ବାହାରେ ମଧ ଏହି ବ୍ଲାକ୍ ବକ୍‌ମାନେ ବୁଲୁଥିବାର ଦେଖିବାକୁ ପାଇବେ। ପ୍ରତି ବ୍ଲାକ୍‌ବକ୍ ଦଳରେ ଗୋଟିଏ ମାତ୍ର ଅଣ୍ଡିରା ହରିଣ ରହିଥାଏ। ଆଉ ଯଦି କେହି ଅଣ୍ଡିରା ହରିଣ ଆସି ସେହି ଦଳରେ ପ୍ରବେଶ କରିବାକୁ ଚେଷ୍ଟା କରେ ତାହାଲେ, ସେଠାରେ ସେମାନଙ୍କ ମଧରେ ଲଢ଼େଇ ହୋଇଥାଏ। କେବଳ ଅଣ୍ଡିରା ହରିଣମାନଙ୍କ ଦେହ କଳା ଏବଂ ଧଳା ରଙ୍ଗର। ଆଉ ଅନ୍ୟ ସବୁ ହରିଣମାନଙ୍କ ରଙ୍ଗ ଧଳା ଏବଂ ମାଟିଆ ରଙ୍ଗର ହୋଇଥାଏ। ଆପଣ ଭେଟନଇ ଅଞ୍ଚଳରୁ କୃଷ୍ଣସାର ମୃଗ ଦେଖିସାରି ଗଞ୍ଜାମ ବୁଗୁଡ଼ା ଯାଇପାରିବେ। ସେଠାରେ ପ୍ରସିଦ୍ଧ କାଠର ତିଆରି ବିରଞ୍ଚି ନାରାୟଣ ମନ୍ଦିର ବୁଲିପାରିବେ। ଗଞ୍ଜାମର ଏକ ଛୋଟ ସହର ବୁଗୁଡ଼ା ଐତିହାସିକ ସହର ଭାବେ ଜଣାଶୁଣା। ତେବେ ଏହି ଅଞ୍ଚଳର ମୁଖ୍ୟ ଆର୍କଷଣ ହେଉଛି କାଠର କୋଣାର୍କ ବିରଞ୍ଚି ନାରାୟଣ ମନ୍ଦିର।୧୭୭୭ ମସିହାରେ ଭଞ୍ଜ ବଂଶୀୟ ରାଜା ଶ୍ରୀକର ଭଞ୍ଜ ଦେବଙ୍କ ଦ୍ୱାରା ନିର୍ମିତ ଏହି ମନ୍ଦିରର ସୌନ୍ଦର୍ଯ୍ୟ ଆଜି ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଛି। ଏଠାରେ ଅଧିଷ୍ଠାତା ଭାବେ ବିରଞ୍ଚି ନାରାୟଣ ପୂଜା ପାଇଥାନ୍ତି। ଏହି ମନ୍ଦିର ଏପରି ଶୈଳୀରେ ତିଆରି ହୋଇଛି ଯେ, ଅସ୍ତଗାମୀ ସୂର୍ଯ୍ୟଙ୍କ ଅନ୍ତିମ କିରଣ ବିରଞ୍ଚି ନାରାୟଣଙ୍କ ମୂର୍ତ୍ତିର ପାଦଦେଶରେ ହିଁ ପଡ଼ିଥାଏ।ମନ୍ଦିରଟି ସୂର୍ଯ୍ୟଙ୍କ ରଥ ଆକୃତିର ତିଆରି ହୋଇଛି। ତାହା ଏକ ଚକ ବିଶିଷ୍ଟ ଏବଂ ସେଥିରେ ୭ଟି ଅଶ୍ୱମୂର୍ତ୍ତି ରହିଛି। ଆଉ ମନ୍ଦିରର ଛାତ ତମ୍ବା ଚାଦରରେ ତିଆରି ହୋଇ ତା ଉପରେ ମାଟିର ପଟାସବୁ ଖଞ୍ଜା ଯାଇଛି। କିନ୍ତୁ ଏଠାରେ ଆଉ ଏକ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ପ୍ରାୟ ୩୫୦ ବର୍ଷ ତଳେ ଶିଳ୍ପୀ ହାତରେ ତିଆରି ହୋଇଥିବା କାଠର କାରୁକାର୍ଯ୍ୟ ଏବେ ମଧ ଆକର୍ଷଣୀୟ ଦେଖାଯାଉଛି।ଆଉ ମନ୍ଦିର ଚାରିପାଖରେ ସେ ସମୟର ପ୍ରାଚିନ ଶୈଳୀରେ ଅଙ୍କିତ ପୌରାଣିକ ଚିତ୍ର ଆପଣ ଦେଖିବାକୁ ପାଇବେ। ସେଠାକୁ ଯାଇ ନ ଦେଖିଲେ ଆପଣଙ୍କ ବିଶ୍ୱାସ ହେବ ନାହିଁ ଯେ, ସତରେ କ'ଣ ଓଡ଼ିଆ କାରଗର ଏବଂ ଚିତ୍ରଶିଳ୍ପୀମାନେ ଏତେ ସୁନ୍ଦର କାରୁକାର୍ଯ୍ୟ କରିପାରନ୍ତି। ସେହି ମନ୍ଦିରକୁ ଓଡ଼ିଶାର ଦ୍ୱିତୀୟ ଅର୍କକ୍ଷେତ୍ର ବା ଦ୍ୱିତୀୟ କୋଣାର୍କ ବୋଲି କୁହାଯାଏ।

### କିପରି ଯିବେ

ଓଡ଼ିଶା ରାଜଧାନୀ ଭୁବନେଶ୍ୱରଠାରୁ ଗଞ୍ଜାମର ଦୂରତା ୧୬୭ କିମି। ଆପଣ ନିତିଦିନ ଯିବା ଆସିବା କରୁଥିବା ଯାତ୍ରୀବାହୀ ବସ୍ ?, ଟ୍ରେନ୍ ? କିମ୍ବା ଟ୍ୟାକ୍ସି କରି ମଧ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ। ତେବେ ଆପଣ ଏହି ସ୍ଥାନକୁ ଯେ କୌଣସି ଋତୁରେ ମଧ ଯାଇପାରିବେ। ତେଣୁ ଆପଣଙ୍କ ବ୍ୟସ୍ତ ଜୀବନ ମଧରୁ କିଛି ସମୟ ବାହାର କରି ଗଞ୍ଜାମ ଯାଇ ଥରେ ବୁଲିଆସନ୍ତୁ।



## ଫୁଲ କୋବି ମଞ୍ଚୁରିଆନ୍



**ଆବଶ୍ୟକ ସାମଗ୍ରୀ:** ଫୁଲ କୋବି, ମଇଦା, କର୍ଣ୍ଣ ଫ୍ଲୋର, ଲଙ୍କା ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଲୁଣ, ତେଲ।

**ମଞ୍ଚୁରିଆନ୍ ସସ୍ ପାଇଁ:** ସରୁସରୁ ହୋଇ କଟା ହୋଇଥିବା ରସୁଣ, ଅଦା, କଞ୍ଚା ଲଙ୍କା, କ୍ୟାପ୍ସିକମ, ପିଆଜ, ସୋୟା ସସ, ରେଡ୍ ଚିଲି ସସ, ଭିନେଗାର, ଟମାଟୋ ସସ୍ ?, ଚିନି ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** କୋବିକୁ ମଧମ ସାଇଜର ଖଣ୍ଡ ଖଣ୍ଡ କରି କାଟି ରଖନ୍ତୁ। ଏହାକୁ ଗରମ ପାଣିରେ ୫ ମିନିଟ ପାଇଁ ଛାଡ଼ି ଦିଅନ୍ତୁ। ପରେ ଏହାକୁ ଛାଣି ରଖି ଦିଅନ୍ତୁ। ଏବେ ଏକ ପାତ୍ରରେ ମଇଦା, କର୍ଣ୍ଣ ଫ୍ଲୋର, ଲୁଣ, ଲଙ୍କା ଗୁଣ୍ଡ ଓ ଗୋଲମରିଚ ଗୁଣ୍ଡ ପକାଇ ଭଲ ଭାବେ ଗୋଳାନ୍ତୁ। ତା'ପରେ ଅଳ୍ପ ଅଳ୍ପ ପାଣି ଦେଇ ଏହାକୁ ଗୋଳାନ୍ତୁ। ଏ ମିଶ୍ରଣ ବହଳିଆ ହେବ। ଏବେ ଏଥିରେ କୋବି ଖଣ୍ଡଗୁଡ଼ିକୁ ପକାଇ ଭଲ ଭାବେ ଗୋଳାନ୍ତୁ। ତା'ପରେ ଚୁଲିରେ ପ୍ୟାନ ବସାଇ ମଧମ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲେ କୋବି ଖଣ୍ଡ ଗୁଡିକୁ ପକାଇ ସୁନେଲି ରଙ୍ଗ ହେବ ଯାଏ ଅପେକ୍ଷା କରନ୍ତୁ ଓ ପରେ ଛାଣି ଆଣନ୍ତୁ। ପରେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ଏଥିରେ କଟା ଅଦା, ରସୁଣ ଓ ଲଙ୍କା ପକାଇ ୧ ରୁ ୨ ମିନିଟ ଯାଏ ଭାଜନ୍ତୁ । ବେଶୀ ଭଜିବେ ନାହିଁ। ନଚେତ ମଞ୍ଚୁରିଆନ୍ ପିତା ଲାଗି ପରେ। ଏବେ ଥିରେ ସରୁ ସରୁ ହୋଇ ହୋଇଥିବା ପିଆଜ ଓ କ୍ୟାପ୍‌ସିକମ୍ ପକାଇ ୧ରୁ ୨ ମିନିଟ ଯାଏ ଭାଜନ୍ତୁ। ପରେ ସେଥିରେ ସୋୟା ସସ୍ ପକାଇ ହାଲକା ଭାଜନ୍ତୁ। ଏଥିରେ ରେଡ୍ ଚିଲି ସସ, ଟମାଟୋ ସସ ଓ ଭିନେଗାର ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏବେ ଏଥିରେ କିଛି ପାଣି ଦେଇ ଭଲଭାବେ ଗୋଳାନ୍ତୁ । ଏଥିରେ ଗୋଲ ମରିଚ ଗୁଣ୍ଡ ପକାନ୍ତୁ। ସସ ବହଳିଆ ହେବା ଯାଏ ମଧମ ଆଞ୍ଚରେ ରାନ୍ଧନ୍ତୁ। ପରେ ଆଞ୍ଚ ବନ୍ଦ କରି ସସର ସ୍ୱାଦ ଚାଖନ୍ତୁ। ଆବଶ୍ୟକ ପଡିଲେ ନିଜ ସ୍ୱାଦ ଅନୁସାରେ ଲୁଣ ଦେଇ ପାରନ୍ତି। ସସକୁ ୨ ରୁ ୩ ମିନିଟ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ପରେ ଏଥିରେ ଭଜା ହୋଇ ରଖିଥିବ କୋବି ଖଣ୍ଡକୁ ପକାଇ ଭଲଭାବରେ ଗୋଳାନ୍ତୁ। ଏବେ ଏହାକୁ ପ୍ଲେଟକୁ କାଢି ଭାତ କିମ୍ବା ରୁଟି ସହ ପରଷନ୍ତୁ।

## ତ୍ୱଚା ପାଇଁ ଉପକାରୀ ଅଟା

ଆମ ରୋଷେଇ ଘରଗୁଡ଼ିକରେ ରହୁଥିବା ବିଭିନ୍ନ ସାମଗ୍ରୀଗୁଡ଼ିକୁ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବି ବ୍ୟବହାର କରାଯାଏ। ସେଥିମଧରୁ ଗୋଟିଏ ହେଉଛି ଅଟା। ଏହା ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ତଥା ଏହାର ଚମକ ବଢ଼ାଇବାରେ ବେଶ୍ ସାହାଯ୍ୟ କରିଥାଏ। ତା'ହେଲେ ଆସନ୍ତୁ ଜଣିବା ଅଟାକୁ ବ୍ୟବହାର କରି କେମିତି ଫେସ୍ ପ୍ୟାକ୍ ତିଆରି କରିପାରିବେ। ତା' ସହିତ ସ୍କିନ୍ ଅନୁଯାୟୀ କେମିତି ଅଟାକୁ ବ୍ୟବହାର କରି ଫେସ୍ ପ୍ୟାକ୍ ପ୍ରସ୍ତୁତ କରି ହେବ, ସେ ବିଷୟରେ ବି ଜାଣି ନିଅନ୍ତୁ।



■ ଯଦି ଆପଣଙ୍କ ତ୍ୱଚା ତେଲିଆ, ତା'ହେଲେ ଅଟା ସହିତ କ୍ଷୀର ମିଶାଇ ଫେସ୍ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଦୁଇ ଚାମଚ (ଖାଇବା ପାଇଁ ବ୍ୟବହୃତ ଚାମଚ) ଅଟାରେ ଦୁଇ ଚାମଚ କ୍ଷୀର ମିଶାନ୍ତୁ। ଏହାକୁ ମୁହଁ ସହିତ ବେକରେ ମଧ ଲଗାନ୍ତୁ ଓ ୧୫ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ତା'ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଦେଖିବା ତ୍ୱଚାରୁ ତେଲିଆ ଅଂଶ ଦୂର ହୋଇଯିବ।

■ ଯଦି ଆପଣଙ୍କ ତ୍ୱଚା କ୍ଲାନ୍ତ ହୋଇଯାଇଛି, ତା'ହେଲେ ତାକୁ ଫ୍ରେଶ୍ କରି ପୂର୍ବ ଚମକ ଫେରାଇ ଆଣିବା ପାଇଁ ଅଟା, ଗୋଲାପ ଜଳ ଓ କ୍ଷୀରକୁ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁରେ ଓ ବେକରେ ଲଗାନ୍ତୁ। ପରେ ଏହାକୁ ଥଣ୍ଡା ପାଣିରେ ସଫା କରି ଦିଅନ୍ତୁ। ଦେଖିବେ ତ୍ୱଚା ପୁଣି ସତେଜ ହୋଇଯିବ।

## ତ୍ୱଚା ପାଇଁ କେତେ ଉପକାରୀ ମସୁର ଡାଲି

ସୁନ୍ଦର ଦେଖାଯିବା ପାଇଁ କିଏ ବା ନ ଚାହେଁ। ସମସ୍ତେ ସୁନ୍ଦର ଦେଖାଯିବା ପାଇଁ ଅନେକ ଉପାୟ ଆପଣାଇଥାନ୍ତି। ତ୍ୱଚାର ଚମକ ବଢ଼ାଇବା ପାଇଁ କିଏ କସମେଟିକର ସହାୟତା ନିଅନ୍ତି ତ ଆଉ କିଏ ଘରୋଇ ଉପଚାରର। ଏଭଳି ଏକ ଘରୋଇ ଉପଚାର ହେଉଛି ମସୁର ଡାଲି। ମସୁର ଡାଲିକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଉଜ୍ଜଳତା ବଢ଼ିବା ସହ ସୁନ୍ଦରତା ଦ୍ୱିଗୁଣ ହୋଇଯିବ। ଏଥିସହ ତ୍ୱଚା ନରମ ମଧ କରିଥାଏ। ତେବେ ଆସନ୍ତୁ ଜାଣିବା ଏହାକୁ କିଭଳି ବ୍ୟବହାର କରିବେ..

ମସୁର ଡାଲିକୁ ବାଟି ଏଥିରେ ମହୁ ଏବଂ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ୧୫ରୁ ୨୦ ମିନିଟ ଯାଏଁ ମୁହଁରେ ଲଗାନ୍ତୁ। ପରେ ଧୀରେ ଧୀରେ ମସାଜ କରନ୍ତୁ। ଏହାପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ । ଆପଣ ଚାହିଁଲେ ଏଥିରେ କ୍ଷୀର ମିଶାଇ ମଧ ଲଗାଇ ପାରିବ। ସପ୍ତାହରେ ୨ ଥର ଏହି ଫେସ ପ୍ୟାକକୁ ଲଗାଇଲେ ରିଙ୍କଲ୍ସ ଦୂର ହେବା ସହ ମୁହଁର ଉଜ୍ଜଳତା ବଢ଼ିଥାଏ।

ଏକ ଚାମଚ ମସୁର ଡାଲି ଗୁଣ୍ଡରେ ଦୁଇ ଚାମଚ କ୍ଷୀର ମିଶାଇ ଏକ ମିଶ୍ରଣ ତିଆରି କରନ୍ତୁ। ଯଦି ଆପଣଙ୍କ ବ୍ରଣ ସମସ୍ୟା ଥାଏ ତେବେ ଏଥିରେ ଏକ ଚୁଟକି ହଳଦୀ ମିଶାଇ ପାରିବ। ଏହି ମିଶ୍ରଣକୁ ମୁହଁରେ ୧୦ରୁ ୧୫ ମିନିଟ ଯାଏ ଲଗାଇ ରଖନ୍ତୁ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଯଦି ମୁହଁରେ କିଛି କଳା ଦାଗ ଥାଏ ତେବେ ଏହାକୁ ଦୂର କରିବା ପାଇଁ ମସୁର ଡାଲିକୁ ବାଟି ସେଥିରେ ଦେଶୀ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏଥିରେ ଆପଣ ଚାହିଁଲେ ମହୁ ମଧ ମିଶାଇ ପାରିବ।



## ଡାଇବେଟିସ୍ ନିୟନ୍ତ୍ରଣ କରେ ଫୁଲକୋବି

ଫୁଲ କୋବି ଏକ ଏଭଳି ପରିବା ଯାହାକୁ ସମସ୍ତେ ପସନ୍ଦ କରିଥା'ନ୍ତି । ଶୀତଦିନ ଆସିଲେ ସମସ୍ତଙ୍କ ଘରେ ଫୁଲକୋବିର ଚାହିଦା ବଢ଼ିଯାଏ । ସମସ୍ତେ ତରକାରୀ କିମ୍ବା ଏଥିରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ତିଆରି କରି ଖାଇଥା'ନ୍ତି । ଫୁଲକୋବି ଖାଇବା ପାଇଁ ସୁଆଦିଆ ହେବା ସହ ଏହା ଶରୀର ପାଇଁ ଲାଭଦାୟକ ମଧ ହୋଇଥାଏ । ତେବେ ଆସନ୍ତୁ ଜାଣିବା ଫୁଲକୋବି ଖାଇବା ଦ୍ୱାରା ଶରୀରକୁ କ'ଣ ସବୁ ଲାଭ ମିଳିଥାଏ ।

ଫୁଲକୋବି କମ୍ କ୍ୟାଲୋରୀ ଯୁକ୍ତ ଏବଂ ଏଥିରେ ଭିଟାମିନ ଭରପୁର ମାତ୍ରାରେ ରହିଛି। ଶରୀରକୁ ଆବଶ୍ୟକ ଥିବା ସମସ୍ତ ମିନେରାଲ୍ସ ଏବଂ ଭିଟାମିନ ଏଥିରୁ ମିଳିଯାଏ। ଏକ କପ୍ ଫୁଲକୋବିରେ ୭୭



%ଭିଟାମିନ୍ ସି, ୨୦ % ଭିଟାମିନ୍ କେ, ୧୪ % ଫୋଲେଟ୍, ୯ % ପୋଟାସିୟମ୍ ଏବଂ ୮ % ମାଙ୍ଗାନିଜ୍ ଥାଏ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଏବଂ ଶରୀରକୁ ସୁସ୍ଥ ରଖିବା ପାଇଁ ଏ ସମସ୍ତ ପୋଷକ ତତ୍ତ୍ୱର ଆବଶ୍ୟକତା ରହିଛି।

ଫୁଲକୋବିରେ ଗ୍ଲୁକୋସିନୋଲେଟସ ଏବଂ ଆଇସୋଥିୟୋସାଇନେଟ ଅଛି। ଉଭୟ ଆଣ୍ଟିଅକ୍ସିଡେଣ୍ଟ କ୍ୟାନସର ଭଳି ମାରାତ୍ମକ କୋଷକୁ ବଢ଼ିବାରେ ରୋକିଥାଏ। ଏକ ଅଧୟନରୁ ଜଣାପଡିଛି ଯେ, ଗ୍ଲୁକୋସିନୋଲେଟ୍ସ ଏବଂ ଆଇସୋଥାଇଓସିଆନେଟ୍ କୋଲନ୍, ଫୁସଫୁସ, ସ୍ତନ ଏବଂ ପ୍ରୋଷ୍ଟେଟ୍ କ୍ୟାନସର ଉପରେ ଫୁଲକୋବି ବେଶ ପ୍ରଭାବ ପକାଇଥାଏ।

ଫୁଲକୋବିରେ ପ୍ରଚୁର ମାତ୍ରାରେ ଫାଇବର ରହିଛି। ଏହା ଶରୀରରେ ସୁସ୍ଥ ବ୍ୟାକ୍ଟେରିଆକୁ ବୃଦ୍ଧି କରିଥାଏ ଏବଂ ହଜମ ଶକ୍ତି ବଢ଼ାଇଥାଏ। ଫୁଲକୋବିରେ ପର୍ଯ୍ୟାପ୍ତ ପରିମାଣର ଫାଇବର ଥିବା ଯୋଗୁଁ କୋଷ୍ଠକାଠିନ୍ୟ, ଡାଇଭର୍ଟିକୁଲାଇଟିସ୍ ଭଳି ସମସ୍ୟା ଦୂର ହୋଇଥାଏ।

ଫୁଲକୋବିରେ ଭିଟାମିନ-ସି ରହିଛି। ଏହା ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ରୂପେ କାମ କରେ। ଏହାର ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଯାହା ଶରୀରକୁ ରୋଗ ବିରୁଦ୍ଧରେ ଲଢ଼ିବାକୁ ସାହାଯ୍ୟ କରେ।

ଫୁଲକୋବି ଓଜନ ହ୍ରାସ କରିବାରେ ମଧ ସହାୟକ ହୁଏ। ଏଥିରେ ବହୁତ କମ୍ ମାତ୍ରାରେ କ୍ୟାଲୋରୀ ଥାଏ, ତେଣୁ ଆପଣ ଏହାକୁ ପ୍ରଚୁର ପରିମାଣରେ ଖାଇପାରିବେ। ଫୁଲକୋବିରେ ଫାଇଭର ଭରପୁର ମାତ୍ରାରେ ଥିବାରୁ ଏହାକୁ ଖାଇବା ପରେ ଶୀଘ୍ର ଭୋକ ଲାଗି ନଥାଏ।



ଏଥିରେ ଜଳୀୟ ପଦାଥ ମଧ ପ୍ରଚୁର ମାତ୍ରାରେ ଅଛି, ଯାହା ଓଜନ ହ୍ରାସ କରିବାରେ ପ୍ରଭାବଶାଳୀ ହୋଇଥାଏ।

ମଧୁମେହ ବା ଡାଇବେଟିସ କଣ୍ଟ୍ରୋଲ କରିବା ସହ କିଡନୀ ରୋଗର ଆଶଙ୍କାକୁ କମ କରିଥାଏ ଫୁଲକୋବି । କେବଳ ସେତିକି ନୁହେଁ ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଟ୍ୟୁମର ଭଳି ସମସ୍ୟାକୁ ବଢ଼ିବାରେ ରୋକିଥାଏ । ଉଚ୍ଚ ରକ୍ତଚାପକୁ ମଧ ନିନ୍ତ୍ରୟଣ ରଖିଥାଏ।

### ଅସୁସ୍ଥ ଜିନ୍ ବଦଳାଇବ ଲକ୍ସଟର୍ନା

ଆନୁବଂଶିକ ଦୃଷ୍ଟିଦୋଷରେ ପୀଡ଼ିତ ରୋଗୀମାନେ ରେଟିନାଲ ଡିଷ୍ଟ୍ରେଫି ଦ୍ୱାରା ଧୀରେଧୀରେ ଦୃଷ୍ଟିଶକ୍ତି ହରାଇ ବସନ୍ତି । ସେମାନଙ୍କ ଲାଗି ଏହା ବିଶେଷ ଉପକାରୀ । ଲକ୍ସଟର୍ନା ମଧ ପ୍ରଥମ ଜିନ୍ ଥେରାପି ଯାହା ଶରୀରରେ କୋଷର ପରିବର୍ତ୍ତନ କରାଇଥାଏ । ଏଥିରେ ଏବେ ଆଖିରେ ଗୋଟିଏ ଲେଖା ଇଞ୍ଜେକସନ ଦେବାର ବ୍ୟବସ୍ଥା ରହିଛି ଯାହା ଖରାପ ଜିନ୍ ବଦଳାଇ ଭଲ ଜିନ୍ ସୃଷ୍ଟି କରାଏ ଏବଂ ଦୃଷ୍ଟି ଶକ୍ତି ଉନ୍ନତ କରିଥାଏ ।

## ଗାଢ଼ ରଙ୍ଗର ତ୍ୱଚା ପାଇଁ ସନସ୍କ୍ରିନ୍

ଖରାକୁ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ତ୍ୱଚାର ସୁରକ୍ଷା ପାଇଁ ସନସ୍କ୍ରିନ୍ ଆବଶ୍ୟକ କରିଥାନ୍ତି । ପ୍ରାୟ ସମୟରେ ଦେଖାଯାଏ ଗାଢ଼ ରଙ୍ଗର ତ୍ୱଚାରେ ସନସ୍କ୍ରିନ୍ ବ୍ୟବହାର ଦ୍ୱାରା ଏକପ୍ରକାର ଧଳା ଦାଗ ହୋଇଯାଉଛି ଯାହା ସାବୁନରେ ଧୋଇବା ପରେ ହିଁ ଛାଡ଼ିଥାଏ । ଏବେ ବିଶେଷକରି ଏହି ରଙ୍ଗର ତ୍ୱଚା ପାଇଁ ୟୁଭିଏ ଏବଂ ୟୁଭିବି ପ୍ରତିରୋଧକ ସାମଗ୍ରୀରେ 'ବ୍ଲାକ ଗାର୍ଲ ସନସ୍କିନ୍' ପ୍ରସ୍ତୁତ କରାଯାଇଛି ଯାହାକୁ ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ସ ଆଡମିନିଷ୍ଟ୍ରେସନ ଅନୁମୋଦନ ପ୍ରଦାନ କରିଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସୀମା ବିବାଦ...

ଦେଶର କୌଣସି ରାଜ୍ୟ ସୀମା ବିବାଦ ମୁକ୍ତ ନୁହେଁ । ଏହା ଓଡ଼ିଶା ସହ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ହୋଇପାରେ, ଛତିଶଗଡ଼ ସହ ବି ହୋଇପାରେ । କାବୋରୀ ନଦୀଜଳ ବଣ୍ଟନ ନେଇ କର୍ଣ୍ଣାଟକ ସହ ତାମିଲନାଡୁର ବିବାଦ ବହୁ ଦିନ ପୁରୁଣା । ସେହିଭଳି ଉତ୍ତର-ପୂର୍ବ କ୍ଷେତ୍ରରେ ମେଘାଳୟ, ଅରୁଣାଚଳ ଓ ଆସାମ ସହିତ ଅନ୍ୟ ରାଜ୍ୟର ସୀମା ବିବାଦ ଲାଗି ରହିଛି । ଓଡ଼ିଶା ସହ ଆନ୍ଧ୍ରର କୁଟିଆ ଗ୍ରାମପୁଞ୍ଜ ନେଇ ବିବାଦ ବେଶ୍ ପୁରୁଣା । ସେହିଭଳି ଉତ୍ତର-ପୂର୍ବ କ୍ଷେତ୍ରରେ ମେଘାଳୟ, ଅରୁଣାଚଳ ଓ ଆସାମ ସହିତ ଅନ୍ୟ ରାଜ୍ୟର ସୀମା ବିବାଦ ଲାଗି ରହିଛି । ଓଡ଼ିଶା ସହ ଆନ୍ଧ୍ରର କୁଟିଆ ଗ୍ରାମପୁଞ୍ଜ ନେଇ ବିବାଦ ବେଶ ପୁରୁଣା । କିଛିଦିନ ତଳେ ମହାରାଷ୍ଟ୍ର ଓ କର୍ଣ୍ଣାଟକ ଭିତରେ ଆରମ୍ଭ ହୋଇଯାଇଛି ସୀମା ବିବାଦ । ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଭିତରେ କାଦୁଅ ଫିଙ୍ଗାଫିଙ୍ଗି ଏବେ ଚରମ ବିନ୍ଦୁ ଛୁଇଁ ସାରିଲାଣି । ଦୁଇ ରାଜ୍ୟ ସୀମା କ୍ଷେତ୍ରରେ ବ୍ୟାପକ ହିଂସା ସୃଷ୍ଟିକୁ ନେଇ କିଭଳି ସ୍ଥିତି ଉପୁଜିଲାଣି, ତାହା ଦେଶବାସୀ ଦେଖୁଛନ୍ତି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ସିନ୍ଦେ ଏବଂ ପରେ ପରେ ଉପମୁଖ୍ୟମନ୍ତ୍ରୀ ଫଡ଼ନବିସ୍ କର୍ଣ୍ଣାଟକ ସରକାରକୁ ଦୋଷୀ ଠଉରାଇବା ବେଳକୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ମହାରାଷ୍ଟ୍ର ସରକାର ଉପରକୁ ତୀର ନିକ୍ଷେପ କରିବାକୁ ଛାଡ଼ିନାହାନ୍ତି । ଆନ୍ତଃରାଜ୍ୟ ସୀମା ବିବାଦ ହିଂସ୍ର ମୋଡ଼ ନେଲାଣି । ସ୍ଥାନେ ସ୍ଥାନେ ବିକ୍ଷୋଭ ସହିତ କାଳି ଓ ଢେଲାଫିଙ୍ଗା ଅବ୍ୟାହତ ରହିଛି । ତାହା ସାଙ୍ଗକୁ ମହାରାଷ୍ଟ୍ରରୁ ଆସୁଥିବା ଟ୍ରକ୍‌ର ନମ୍ବର ପ୍ଲେଟ୍‌ଗୁଡ଼ିକୁ ବିକୃତ କରାଯାଉଛି । ଏଭଳି ହିଂସାର ଆଗଧାଡ଼ିର ଉଦ୍ୟକ୍ତ କନ୍ନଡ଼ ସଂଗଠନ 'କର୍ଣ୍ଣାଟକ ରକ୍ଷଣ ବେଦିକା' ରହିଛି । ହିଂସାରେ ମହାରାଷ୍ଟ୍ର ଟ୍ରକ୍‌ଗୁଡ଼ିକୁ ଟାର୍ଗେଟ୍ ରଖାଯାଇଥିବାରୁ ଅନେକ ବ୍ୟକ୍ତି ଖଣ୍ଡିଆ ଖାବରା ହୋଇସାରିଲେଣି । ଉଭୟ ରାଜ୍ୟର ସୀମାରେ ଥିବା ବେଲଗାଭି ଗ୍ରାମପୁଞ୍ଜକୁ ନେଇ ମହାରାଷ୍ଟ୍ର ସରକାର ଏହା ତାଙ୍କ ରାଜ୍ୟର ବୋଲି ଦାବି କରୁଥିବାବେଳେ କର୍ଣ୍ଣାଟକ ସରକାର କହୁଛନ୍ତି ଯେ, ଏହା ତାଙ୍କ ସରକାର ମାଲିକାନାରେ ରହିଛି । ବିବାଦ ଶୀର୍ଷ ବିନ୍ଦୁ ଛୁଇଁବା ବେଳକୁ ମହାରାଷ୍ଟ୍ରର ନେତାମାନଙ୍କ ବିରୋଧରେ ନାରାବାଜି କରିବାକୁ ଉତ୍ତେଜନା ତୀଖକୁ ଯିବା ଦେଖି ମନ୍ତ୍ରୀ ଚନ୍ଦ୍ରକାନ୍ତ ପାଟିଲ ଓ ଶମ୍ଭୁରାଜ ଦେଶାଇ ଗସ୍ତ ବାତିଲ କଲେ । ହୋଇପାରେ ସେମାନଙ୍କ ଗସ୍ତ ଉଭୟ ରାଜ୍ୟ ଭିତରେ ଲାଗିଥିବା ଉତ୍ତେଜନାକୁ ଅଧିକ ତେଜାଇ ଦେଇପାରେ । ତାହାରି ଭିତରେ ଦୁଇ ରାଜ୍ୟ ଭିତରେ ଲାଗିଥିବା ବିବାଦର ସମାଧାନ ସକାଶେ ସୁପ୍ରିମ କୋର୍ଟ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ସାତ-ଆଠ ଦିନ ତଳେ ବେଲଗାଭିର ଗୋଟିଏ କଲେଜରେ ଉତ୍ସବ ଚାଲିଥିବା ସମୟରେ ତିକ୍ତ ପରିସ୍ଥିତି ସୃଷ୍ଟି ହେଲା । ଜଣେ ଛାତ୍ର କନ୍ନଡ଼ ପତାକା ହଲାଇବା ଘଟଣାରୁ ଉତ୍ପନ୍ନ ଉତ୍ତେଜନା ଦେଖାଯାଇଥିଲା । ମରାଠୀ ଛାତ୍ରମାନେ କନ୍ନଡ଼ ପତାକା ହଲାଉଥିବା ଛାତ୍ରକୁ ମାଡ଼ ଚଢ଼ାଇଥିଲେ । ଏହି ବିବାଦୀୟ ସ୍ଥିତିରେ ମରାଠା ନେତା ଶରଦ ପୱାର ମଧ କର୍ଣ୍ଣାଟକର ବୋମାଇ ସରକାର ପ୍ରତି କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି । ତୁରନ୍ତ ସୀମା ବିବାଦର ସମାଧାନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଫଡ଼ନଭିସ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବୋମାଇଙ୍କ ସହ କଥାବାର୍ତ୍ତା ହୋଇଛନ୍ତି । କିନ୍ତୁ କୌଣସି ପକ୍ଷ ନିଜ ଜିଦ୍‌ରୁ ଓହରିଯିବାକୁ ପ୍ରସ୍ତୁତ ନାହାଁନ୍ତି । ସୀମା ବିବାଦର ସମାଧାନ ପ୍ରସଙ୍ଗ ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଚାଲିଗଲାଣ । ତେଣୁ କେନ୍ଦ୍ର ସରକାରଙ୍କର ଭୂମିକା ମଧ୍ୟ ଆସିଯାଉଛି । ସୁତରାଂ ବିବାଦକୁ ଅଧିକ ଆଗେଇବାକୁ ନେବା ଦୁଇ ପ୍ରତିବେଶୀ ରାଜ୍ୟର ହିତ ଦୃଷ୍ଟିରୁ ବାଞ୍ଛନୀୟ ନୁହେଁ । ଯେତେ ବିବାଦ ବଢ଼ିବ, ତାହା ଅନ୍ୟ ଦୁଷ୍କୃତିକାରୀଙ୍କୁ ଉତ୍ସାହିତ କରିବାର ଆଶଙ୍କା ଅଛି । ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆଞ୍ଚଳିକ ସ୍ୱାର୍ଥ ପରିହାର କରାଯିବା ସର୍ବାଦୌ କର୍ତ୍ତବ୍ୟ ବୋଲି ବିଚାର କରାଯିବାର ବେଳ ଆସିଛି । ଏମିତି ଦେଖାଗଲେ ଓଡ଼ିଶାର ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ସହିତ ସୀମା ବିବାଦ, ପୋଲାଭରମ୍ ପ୍ରକଳ୍ପ ବିବାଦ ବହୁ ଦିନରୁ ଲାଗିରହିଛି । ଏହାଦ୍ୱାରା ଆମ ଓଡ଼ିଶା ଭାଷାର ଅସ୍ମିତା କେବଳ କ୍ଷୁର୍ଣ୍ଣ ହେଉନି, ଆଞ୍ଚଳିକତା ପ୍ରତି ଆଞ୍ଚ ଆସୁଛି । ପ୍ରତିବେଶୀ ରାଜ୍ୟ ଛତିଶଗଡ଼ ମଧ ଆମର ସଂସ୍କୃତି ଉପରେ ହାକିମାତି ଚଳାଇଛି । ସୀମାବର୍ତ୍ତୀ ଇଲାକାରେ ବାହ୍ୟ କ୍ଷେତ୍ରରୁ ଅନୁପ୍ରବେଶ କେବେ କେଉଁ ରାଜ୍ୟ ବରଦାସ୍ତ କରିବେ ନାହିଁ । ସେଥିପାଇଁ ସରକାରିଆ କମିଶନ ଦ୍ୱାରା ଆନ୍ତଃରାଜ୍ୟ ବିବାଦ ଓ ପୁନର୍ଗଠନ ନେଇ ଅସମାହିତ ପ୍ରଶ୍ନର ସମାଧାନ ଖୋଜାଯିବାର ପ୍ରବନ୍ଧ ରହିଛି । ସେହି କମିଶନ ଯେହେତୁ ବର୍ତ୍ତମାନ ମୃତପ୍ରାୟ, ତାହା ଆପାତତଃ ବିଚାରର ବାହାରେ । ସରକାର ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଡାକି ମହାରାଷ୍ଟ୍ର- କର୍ଣ୍ଣାଟକ ବିବାଦର ଅବସାନ ପାଇଁ ଏହି ମୁହୂର୍ତ୍ତରେ କିଛି ନକଲେ ତାହା ଅଧିକ ଗଳିତ ସମସ୍ୟା ସୃଷ୍ଟି କରିବେ ।

## ଯୁଦ୍ଧାୟ କୃତନିଶ୍ଚୟ.....



ପ୍ର. ଡା. ଉମେଶ ଚନ୍ଦ୍ର ପାତ୍ର

**ଜାତି, ଧର୍ମ, ବର୍ଣ୍ଣ, ବିଦ୍ୟା ଓ ସଭ୍ୟତା ନିର୍ବିଶେଷରେ ଉପର ଠାରୁ ତଳ ପର୍ଯ୍ୟନ୍ତ ଏହି ଦୁର୍ନୀତିର ଚେର ବ୍ୟାପିଯାଇଛି ଓ ସମାଜକୁ ପଙ୍ଗୁ କରିଦେଇଛି। ନୀତି ବିହୀନ ମନୁଷ୍ୟ ପଶୁ ସହିତ ସମାନ। ଏହି ପାଶବିକ ପ୍ରବୃତ୍ତି ମଧ୍ୟରେ ମନୁଷ୍ୟର ଦୁର୍ବଳତା, କାମ, କ୍ରୋଧ, ମଦ, ଲୋଭ, ମାତ୍ସର୍ଯ୍ୟ ଓ ଅହଂକାର ଇତ୍ୟାଦି ଲୁଚି ରହିଛି।**

୨୦୦୩ ମସିହା ଅକ୍ଟୋବର ୩୧ ତାରିଖରେ ଜାତିସଙ୍ଘର ଆନୁଷ୍ଠାନିକ ବୈଠକରେ ନିଷ୍ପତ୍ତି (ସଂଖ୍ୟା-୫୮/୪) ଗ୍ରହଣ କରାଗଲା ଯେ ଡ୍ରଗ୍ସ ଆଣ୍ଡ କ୍ରାଇମର ଜାତିସଙ୍ଘ କାର୍ଯ୍ୟାଳୟକୁ ଏହାର ସଚିବାଳୟରେ ପରିବର୍ତ୍ତିତ କରାଯିବ। ଦୁର୍ନୀତି ପ୍ରତି ସଚେତନତା ସୃଷ୍ଟି ଏବଂ ଏହାର ମୁକାବିଲା ଓ ପ୍ରତିରୋଧ କରିବାରେ ଜାତିସଙ୍ଘର ଭୂମିକା ବିଷୟରେ ଅବଗତ କରାଇବା ପାଇଁ ୯ ଡିସେମ୍ବରକୁ ଅନ୍ତର୍ଜାତୀୟ ଦୁର୍ନୀତି ବିରୋଧୀ ଦିବସ ଭାବେ ଘୋଷଣା କରାଗଲା। ଡିସେମ୍ବର ୨୦୦୫ରେ ଏହା କାର୍ଯ୍ୟକାରୀ ହେଲା। ଦୁର୍ନୀତି ଏକ ଜଟିଳ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବ୍ୟାଧି, ଯାହା ସମଗ୍ର ବିଶ୍ୱକୁ କବଳିତ କରିଛି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଭିତ୍ତିଭୂମିକୁ ଦୁର୍ବଳ କରିବା ସହ ଅର୍ଥନୈତିକ ବିକାଶକୁ ଏହା ମନ୍ଥର କରିଚାଲିଛି। ସରକାରୀ ଅସ୍ଥିରତାର କାରକ ସାଜିଛି ଭ୍ରଷ୍ଟାଚାର। ନିର୍ବାଚନ ପ୍ରକ୍ରିୟାକୁ ବିକୃତ କରି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ମୂଳଦୁଆକୁ ଆକ୍ରମଣ କରିଚାଲିଛି। ଆଇନ କାନୁନ ଉଲ୍ଲଂଘନ କରିବା ସହ ଅମଲାତନ୍ତ୍ର ସମ୍ବନ୍ଧୀୟ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ଏସବୁ ତିଷ୍ଠିବାର ଏକମାତ୍ର କାରଣ ହେଉଛି ଲାଞ୍ଚ। ବିଦେଶୀ ପ୍ରତ୍ୟକ୍ଷ ନିବେଶ ହତୋତ୍ସାହିତ କରାଯିବାରୁ ଅର୍ଥନୈତିକ ବିକାଶ ହୋଇପାରୁନାହିଁ। ଦୁର୍ନୀତି ଯୋଗୁଁ ବ୍ୟବସାୟ ଆରମ୍ଭ ପାଇଁ ଆବଶ୍ୟକ ଅର୍ଥ ମିଳିପାରୁନାହିଁ, ଯାହାଦ୍ୱାରା ଦେଶରେ କ୍ଷୁଦ୍ର ବ୍ୟବସାୟ ଅଧିକାଂଶ ସମୟରେ ଅସମ୍ଭବ ହେଉଛି। ଭାରତୀୟ ଗଣତାନ୍ତ୍ରିକ ଓ ପ୍ରଶାସନିକ କ୍ଷେତ୍ରକୁ ଦେଖିଲେ ଜଣାଯାଏ ଯେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଥିବା ଭାରତରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସବୁକ୍ଷେତ୍ରରେ ଭୂମିକା ଗ୍ରହଣ କରାଯାଉଛି। ତଥାପି ଆଜି ସମାଜର ସବୁଠି ଓ ସବୁକ୍ଷେତ୍ରରେ ଏହାର କାୟା ବଢ଼ିବାରେ ଲାଗିଛି। ଏପରି ଏକ ସମୟ ପହଞ୍ଚିଲାଣି ବିନା ଦୁର୍ନୀତିରେ, ପ୍ରିୟାପ୍ରୀତିରେ ସତେ ଯେପରି ଖଣ୍ଡିଏ କାଗଜ ବି ସରକାରଙ୍କ ଦପ୍ତର ଠାରୁ ବେସରକାର ଦପ୍ତରରେ ମଧ ଉଠି ନଥିବାର ଅଭିଯୋଗ ହୁଏ। ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ଯୋଗାଯୋଗ, ପ୍ରଯୁକ୍ତି ଠାରୁ ସବୁ କ୍ଷେତ୍ରରେ ଦୁର୍ନୀତିର ବିଭିନ୍ନ ରୂପ ଅନେକ ସମୟରେ ଦେଖାଯାଏ ଯାହାକୁ ନେଇ ଗଣମାଧ୍ୟମରେ ବିସ୍ତୃତ ଖବର ପ୍ରକାଶ ପାଏ। ଜଣେ ରାଜନେତା ଏକଦା ପରିହାସ ଛଳରେ କହିଥିଲେ ଯେ 'ଦୁର୍ନୀତିକୁ ନୀତି କରିଦେଲେ ଆଉ କିଛି ଅସୁବିଧା ରହିବ ନାହିଁ।' ଦୁର୍ନୀତି ଅର୍ଥ ନୀତି ଠାରୁ ଦୂର। ନ୍ୟାୟ ଓ ଧର୍ମର ବିରୋଧୀ ଅନ୍ୟାୟ ନୀତି, ଅସତ୍ ଆଚରଣ ବା ଅସତ୍ କର୍ମକୁ ଦୁର୍ନୀତି କୁହାଯାଏ।

ଜାତି, ଧର୍ମ, ବର୍ଣ୍ଣ, ବିଦ୍ୟା ଓ ସଭ୍ୟତା ନିର୍ବିଶେଷରେ ଉପର ଠାରୁ ତଳ ପର୍ଯ୍ୟନ୍ତ ଏହି ଦୁର୍ନୀତିର ଚେର ବ୍ୟାପିଯାଇଛି ଓ ସମାଜକୁ ପଙ୍ଗୁ କରିଦେଇଛି। ନୀତି ବିହୀନ ମନୁଷ୍ୟ ପଶୁ ସହିତ ସମାନ। ଏହି ପାଶବିକ ପ୍ରବୃତ୍ତି ମଧ୍ୟରେ ମନୁଷ୍ୟର ଦୁର୍ବଳତା, କାମ, କ୍ରୋଧ, ମଦ, ଲୋଭ, ମାତ୍ସର୍ଯ୍ୟ ଓ ଅହଂକାର ଇତ୍ୟାଦି ଲୁଚି ରହିଛି। ତେଣୁ ଏହି ପ୍ରବୃତ୍ତି ବା ଭ୍ରଷ୍ଟାଚାରମୁକ୍ତ ସମାଜ ଗଠନ ପାଇଁ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜକୁ ଆହ୍ୱାନ ଦେଇ କହିଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକି ଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମସ୍ତଙ୍କୁ ସତର୍କ କରି କହିଛନ୍ତି - ସବୁ ସମୟ ସ୍ମରଣ ରଖ, ସଜାଗ ରୁହ ସତର୍କତାର ସହିତ, କାହାର ଅକୃତଜ୍ଞତା, ବିଶ୍ୱାସଘାତକତା, ଚୌର୍ଯ୍ୟପ୍ରବୃତ୍ତି, ଦାୟିତ୍ୱହୀନତା ଓ ସେବା ବିମୁଖତାକୁ ପ୍ରଶୟ ଦିଅନାହିଁ। ଏହା ହେଉଛି ସତ୍ତା ସମ୍ବର୍ଦ୍ଧନାର ସର୍ବନାଶ ବିଷାକ୍ତ ପ୍ରବୃତ୍ତି। ଏହି ଦୁର୍ନୀତିରେ ବୁଡ଼ି ବୁଡ଼ି ମନୁଷ୍ୟ ସୁନୀତିକୁ ଭୁଲିଯାଇଛି। ବଦ୍ ଅଭ୍ୟାସରେ ରହି ସତ୍ ଅଭ୍ୟାସକୁ ଭୁଲି ଯାଇଛି, ଏହି ଦୁର୍ନୀତିକୁ ପ୍ରତିରୋଧ କରିବା ପାଇଁ ସଂଗ୍ରାମର ଆବଶ୍ୟକତା ରହିଛି। ଯେଉଁମାନେ ନିରୋଧ କରିବେ ସେମାନେ ହେବେ ବୀର ପୁରୁଷ। ପ୍ରରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବରେ କହିଛନ୍ତି - ଚୋରି କରନାହିଁ; ଚାହିଦାରେ ଘୃଷ୍ଟ ବୁଦ୍ଧିବୃତ୍ତି କାହାକୁ ମଧ ଉଦ୍‌ବୃତ୍ତ ନକରି ଅନ୍ୟାଯ୍ୟଭାବରେ, ଅଜ୍ଞାତସାରରେ ପରିପୂରିତ ହେବାକୁ ଚାହେଁ - ତାହା ହିଁ ଚୌର୍ଯ୍ୟ; ଚୌର୍ଯ୍ୟରେ ବୁଦ୍ଧିବୃତ୍ତି ଦିନୁ ଦିନ ଅନ୍ୟର କ୍ଷତିକରି ଅପକର୍ଷ ପ୍ରତି ଧାବିତ ହୁଏ ବୋଲି ଅର୍ଥାତ୍, କରିବା ଭିତର ଦେଇ ଯେପରି ଭାବରେ ଚାହିଦାକୁ ପୂରଣ କଲେ ବୋଧ ଓ ଜ୍ଞାନର ଉନ୍ମେଷରେ ତାହା ମିଳିଯାଏ - ତାହା ହିଁ ଚୌର୍ଯ୍ୟରେ ଆହତ ଓ ଅବସନ୍ନ ହୋଇ ଅଧର୍ମକୁ ଆଲିଙ୍ଗନ କରେ ବୋଲି ଏତେ ଘୃଣ୍ୟ, ଏତେ ପାପ, ଏତେ ହୀନତା - ତେଣୁ କୁହେ, ଏହି ଚୌର୍ଯ୍ୟ ବୁଦ୍ଧିକୁ ପ୍ରଶ୍ରୟ ଦେଇ ତୁମର ଓ ତୁମ ପାରିପାର୍ଶ୍ୱିକର ସର୍ବନାଶ କରନା, ସାବଧାନ ହୁଅ। ଏହି ପ୍ରସଙ୍ଗରେ ପୁନର୍ବାର ଯୁଗାବତାର କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥର ପ୍ରଥମ ପୃଷ୍ଠାରେ ଉଲ୍ଲେଖ କଲେ - ସର୍ବପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତଡ, ଯେତେ ଶୀଘ୍ର ପାର ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଭେମ୍ପେୟାରକୁ (ବାଦୁଡ଼ି)। ସ୍ମରଣ କର ତୁମେ ସାହସୀ, ସ୍ମରଣ କର ତୁମେ ଶକ୍ତିର ତନ୍ମୟ, ସ୍ମରଣ କର ତୁମେ ପରମପିତାଙ୍କର ସନ୍ତାନ। ଏହି ଦୁର୍ନୀତି ବିରୋଧୀ ଆତ୍ମ ସଂଶୋଧନ ଇଚ୍ଛୁକ ବୀରମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଛୁଳି ଉଠେ - ମୁଁ ନିଶ୍ଚୟ କରି କହୁଛି ତୁମର ଉନ୍ନୟନ ନିମିତ୍ତ ଆଉ ଭାବିବାକୁ ହେବନାହିଁ। ଆଜି ବିଶ୍ୱ ଦୁର୍ନୀତି ନିରୋଧ ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ଦୁର୍ନୀତି ବିରୋଧରେ ଚେତନାକୁ ଜାଗ୍ରତ କରିବା ସହ ଏହାକୁ କାର୍ଯ୍ୟରେ କରି ଦେଖାଇଲେ ଏହି ଦିବସର ତାତ୍ପର୍ଯ୍ୟ ଗୁରୁତ୍ୱ ରଖନ୍ତା।


+ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋ : ୯୪୩୭୦୫୧୯୫୭


## ଭାରତ ଶାନ୍ତି ଚାହେଁ



ଗୋପାଳ ମହାପାତ୍ର

**କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଯେଉଁ ଶିକ୍ଷା ବା ପ୍ରେରଣା ଦେଇଥିଲେ ତାହା ଶ୍ରୀମଦ୍ ଭାଗବତ୍ ଗୀତା ନାମରେ ପ୍ରସିଦ୍ଧ । ଯୁଦ୍ଧ ପାଇଁ ଦିଆଯାଇଥିବା ପ୍ରେରଣା ଆଧ୍ୟାତ୍ମିକ ଉନ୍ନୟନର ଏକ ବଡ଼ ପୁଞ୍ଜି ଯାହା କେବଳ ଭାରତର ସାଂସ୍କୃତିକ ଜୀବନ ଚେତନା କାରଣରୁ ସମ୍ଭବ ।**

ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ଭାଗନେଇଥିବା ବିଶ୍ୱର ଶକ୍ତିଶାଳୀ ଦେଶମାନେ ଭାରତର "ଯୁଦ୍ଧ ନୁହେଁ ଶାନ୍ତି" ପରାମର୍ଶକୁ ଅବଶେଷରେ ମାନି ନେଇଛନ୍ତି । ଭାରତୀୟ ଜୀବନ ଦର୍ଶନ କେବେବି ସାମ୍ରାଜ୍ୟବାଦୀ ସ୍ୱାର୍ଥ ବା ଶକ୍ତି ପ୍ରଦର୍ଶନ ପାଇଁ ଯୁଦ୍ଧର ଆବଶ୍ୟକତାକୁ ସ୍ୱୀକାର କରେନାହିଁ । ଏକଥା ମଧ ଆଶ୍ଚର୍ଯ୍ୟ ଲାଗିପାରେ ଯେ ଯେଉଁ ପରମ୍ପରାରେ ଯୁଦ୍ଧର ନାୟକଙ୍କୁମହାମାନବ ବୋଲି କୁହାଯାଏ ସେହି ପରମ୍ପରା ମଧ ସହ- ଅସ୍ତିତ୍ୱ, ଶାନ୍ତି ଏବଂ ସୌହାର୍ଦ୍ଦ୍ୟର କଥା କହିଥାଏ । ଯେତେବେଳେ ବ୍ୟକ୍ତି ବା ସମାଜର ସମ୍ମାନ ଏବଂ ସ୍ୱାଭିମାନକୁ ବଂଚାଇବାର ପରିସ୍ଥିତି ଦେଖାଦିଏ ଅଥବା ଅସ୍ତିତ୍ୱକୁ ଅକ୍ଷୁର୍ଣ୍ଣ ରଖିବାର ସ୍ଥିତି ଉପୁଜେ ସେତେବେଳେ ଯୁଦ୍ଧକୁ ବିକଳ୍ପ ଭାବେ ଗ୍ରହଣ କରାଯାଇଥାଏ ।

ବିଶ୍ୱରେ ବିଭିନ୍ନ ଭାଷାରେ ଯୁଦ୍ଧକୁ ନେଇ ଅନେକ ମହାକାବ୍ୟ ଲେଖାଯାଇଛି । ମହାଭାରତ ଏଭଳି ଏକ ମହତ୍ତ୍ୱପୂର୍ଣ୍ଣ ଗ୍ରନ୍ଥ ଅଟେ । ଯେଉଁମାନେ ମହାଭାରତ ପଢିଛନ୍ତି ମହାଭାରତ ବାବଦରେ ଜାଣିଛନ୍ତି ସେମାନେ ନିଶ୍ଚୟ ଜାଣିଥିବେ ଯେ ଯୁଦ୍ଧରେ ଅର୍ଜୁନଙ୍କ ସାରଥି ଭୂମିକାରେ ଥିବା ଭଗବାନ ଶ୍ରୀକୃଷ୍ଣ ପ୍ରାରମ୍ଭରେ ଯୁଦ୍ଧ ସପକ୍ଷରେ ନଥିଲେ । ସେଇଥିପାଇଁ ସେ ପାଣ୍ଡବଙ୍କ ଦୂତ ଭାବରେ କୌରବଙ୍କ ରାଜସଭାକୁ ଯାଇଥିଲେ ଓ ପାଣ୍ଡବ ୫ ଭାଇଙ୍କ ପାଇଁ ୫ ଖଣ୍ଡ ପଡ଼ା ମାଗିଥିଲେ । କିନ୍ତୁ ମହାମାନୀ ଦୁର୍ଯ୍ୟୋଧନ ବିନା ଯୁଦ୍ଧରେ ସୂଚୀଗ୍ରେ ମେଦିନି ବା ଛୁଂଚି ମୁନ ସମାନ ଜମି ଦେବାପାଇଁ ମନା କରିଦେଇଥିଲେ । ଭାରତୀୟ ବାଂଗମୟରେ ଏମିତି ଅନେକ କାହାଣୀ ରହିଛି ଯେଉଁଥିରେ ନିଜ ସମ୍ପର୍କୀୟମାନଙ୍କ ସହ ଯୁଦ୍ଧ କରିବାକୁ ପଡ଼ିଛି । ଅନେକ କାହାଣୀରେ ବ୍ୟର୍ଥ ରକ୍ତପାତକୁ ଦେଖି ଯୁଦ୍ଧର ନାୟକ ସମସ୍ତ ଐଶ୍ୱର୍ଯ୍ୟକୁ ତ୍ୟାଗ କରି ବୈରାଗ୍ୟ ଗ୍ରହଣ କରିନେଇଛି । ଜୈନଧର୍ମର ପ୍ରଥମ ତୀର୍ଥଙ୍କର ଋଷଭଦେବଙ୍କ ପୁତ୍ର ଭରତ ଏବଂ ବାହୁବଳୀଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧର ପ୍ରକରଣ ବହୁଚର୍ଚ୍ଚିତ ଅଟେ । ଭରତ ଚକ୍ରବର୍ତ୍ତୀ ସମ୍ରାଟ ହେବାପାଇଁ ନିଜ ସାନଭାଇ ବାହୁବଳୀ ସହ ଯୁଦ୍ଧ କରିଥିଲେ । ବାହୁବଳୀଙ୍କର କିନ୍ତୁ ମନ ପରିବର୍ତ୍ତନ ହୋଇଥିଲା ଓ ସେ ଭାବିଥିଲେ ଯେ ରାଜ୍ୟ ସୁଖ ନିଜ ଲୋକଙ୍କୁ ମଧ ଶତ୍ରୁ କରି ଦେଇପାରେ ଏଣୁ ସବୁ ସୁଖ ତ୍ୟାଗ କରି ସେ ଜଙ୍ଗଲକୁ ଚାଲିଯାଇଥିଲେ । କୁରୁକ୍ଷେତ୍ର ଯୁଦ୍ଧ କ୍ଷେତ୍ରରେ ଯେତେବେଳେ ଅର୍ଜୁନ ନିଜ ସମ୍ପର୍କୀୟମାନଙ୍କୁ (ଭୀଷ୍ମ, ଦ୍ରୋଣ ଓ ଅନ୍ୟମାନଙ୍କୁ) ଦେଖିଲେ ସେତେବେଳେ ମଧ ତାଙ୍କ ମନରେ ଦ୍ୱନ୍ଦ ଉପୁଜିଥିଲା । କିନ୍ତୁ କୃଷ୍ଣ ତାଙ୍କୁ ଅନ୍ୟାୟ ବିରୁଦ୍ଧରେ ଲଢେଇ ପାଇଁ ଶିକ୍ଷା ଦେଇଥିଲେ । କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଯେଉଁ ଶିକ୍ଷା ବା ପ୍ରେରଣା ଦେଇଥିଲେ ତାହା ଶ୍ରୀମଦ୍ ଭାଗବତ୍ ଗୀତା ନାମରେ ପ୍ରସିଦ୍ଧ । ଯୁଦ୍ଧ ପାଇଁ ଦିଆଯାଇଥିବା ପ୍ରେରଣା ଆଧ୍ୟାତ୍ମିକ ଉନ୍ନୟନର ଏକ ବଡ଼ ପୁଞ୍ଜି ଯାହା କେବଳ ଭାରତର ସାଂସ୍କୃତିକ ଜୀବନ ଚେତନା କାରଣରୁ ସମ୍ଭବ ।

ସେହିପରି ରାମାୟଣରେ ରାମ ରାବଣର ସେନାକୁ ପରାଜିତ କରିଥିଲେ ଓ ରାବଣକୁ ବଧ କରିଥିଲେ ବୋଲି ଉଲ୍ଲେଖ ରହିଛି । କିନ୍ତୁ ରାମ କେବେହେଲେ ରାବଣର ବିଦ୍ୱତା (ବିଦ୍ୱାନତା)କୁ ଅସମ୍ମାନ କରିନାହାଁନ୍ତି । ସେତୁବନ୍ଧ ପ୍ରତିଷ୍ଠା ପାଇଁ ସେ ରାବଣକୁ ହିଁ ଡାକିଥିଲେ । କିନ୍ତୁ ରାବଣର ଉନ୍ମାଦର ଅନ୍ତ ପାଇଁ ତାକୁ ବଧ କରିଥିଲେ । କଳିଙ୍ଗ ଯୁଦ୍ଧରେ ରାଜା ଖାରବେଳଙ୍କୁ ପରାସ୍ତ କରିବା ପରେ ସାମରିକ ହିଂସା ଯୋଗୁଁ କ୍ଷୁବ୍ଧ ମୌର୍ଯ୍ୟ ସମ୍ରାଟ ଅଶୋକ ଅହିଂସା ମାର୍ଗକୁ ଆପଣେଇ ନେଇଥିବା କଥା ଇତିହାସରେ ଉଲ୍ଲେଖ ରହିଛି । ଅଶୋକଙ୍କୁ ଜଣେ ବଡ଼ ଯୋଦ୍ଧା ବୋଲି ଇତିହାସ ମନେରଖିନି ବରଂ ମନେରଖିଛି ସେ ଶାନ୍ତି ଓ ସମସ୍ତଙ୍କ କଲ୍ୟାଣର ମାର୍ଗକୁ ଆପଣେଇ ନେଇଥିବା କାରଣରୁ । ଭାରତୀୟ ସାଂସ୍କୃତିକ ଚେତନା ଯୁଦ୍ଧ ନୁହେଁ ଶାନ୍ତିର ଉଦ୍‌ଘୋଷକ ଅଟେ । କିନ୍ତୁ ଧର୍ମ, ନ୍ୟାୟ ଓ ସତ୍ୟର ରକ୍ଷା ପାଇଁ ଆବଶ୍ୟକ ପଡ଼ିଲେ ଯୁଦ୍ଧ କରିବାକୁ ପଡ଼ିଲେ ମଧ ପଛଘୁଞ୍ଚା ଦେବାର ନାହିଁ । ନିଜ କିଲ୍ଲାର ସୁରକ୍ଷା ପାଇଁ ଯୁଦ୍ଧ କରିଥିବା ବୀରାଙ୍ଗନା କୁମ୍ଭା ଜାଣିଥିଲେ ଯେ ସେନା ସମ୍ମୁଖରେ ସେ ଏକାକୀ କିଲ୍ଲା ସୁରକ୍ଷା ପାଇଁ ଲଢେଇ କରିପାରିବେ ନାହିଁ କିନ୍ତୁ ଲଢେଇ କରିଥିଲେ ।

ଭାରତର ସଂସ୍କୃତି ଶାନ୍ତିର ବାର୍ତ୍ତା ଦେଇଥାଏ । ଆମେ ଭାରତୀୟ ଶାନ୍ତିର ଉପାସକ । କିନ୍ତୁ ଯଦି କେହି ଆମକୁ ଯୁଦ୍ଧ ପାଇଁ ବାଧ କରେ ତେବେ ଆମେ ପଛେଇ ଯାଇପାରିବା ନାହିଁ । ଏହାହିଁ ଆମ ସାଂସ୍କୃତିକ ଚେତନା ଭାରତୀୟ ଦର୍ଶନ ଶାନ୍ତିର ପକ୍ଷଧର କିନ୍ତୁ କାପୁରୁଷ ବା ଭୀରୁ । ନୁହେଁ ଏକଥା ଏବେ ସାରା ବିଶ୍ୱ ମଧ ବୁଝିସାରିଛି ।


ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪





### ଲମ୍ବା ଉଡାଣ

ଦିନେଶ ମେହେର

ଏକ ଅପହଞ୍ଚ ରାସ୍ତାରେ
ଅଟକି ଯାଇଥିଲା ସେ,
ଆଗକୁ, ନା ଥିଲା ଦୂର ଦିଗନ୍ତର
ପଥ
ନା ପଛରେ ଥିଲା ଫେରିବାର
କାରଣ,
ନିର୍ବିକାର ସେ,
ଜୀବନକୁ ଜାବୁଡ଼ି ଧରି ଜିଇଁବାକୁ,
ଚେଷ୍ଟା କରୁଥାଏ
କିନ୍ତୁ ଅନ୍ଧାର ସବୁ,
ନା କେହି ତାର ସାହା
ନା ରାହା।

ହଠାତ୍ !
ଅଜଣା ଲଗ୍ନରେ
ଅଜଣା ଟିଏ ଦେଖା ହୁଏ
ଆଉଁସି ଦିଏ ତା ପିଠିକୁ
ଜିଇଁବାକୁ ଦେଖେଇ ଦିଏ
ଅନେକ ସ୍ୱପ୍ନ,
ସନ୍ତାପିତ ପ୍ରାଣରେ ଭରିଦିଏ
ଜିଇଁବାର ନୂଆ ଅଭିଳାଷ।

ସେ ଦ୍ରୋଣ ଥିଲା କି ବାଲ୍ମୀକି ଥିଲା
ଜାଣେନା,
ହେଲେ ଥିଲା ଜଣେ ଗୁରୁ,
ଶାନ୍ତ୍ୱନା ଦେବା ଆଶାରେ
କହି ଦେଇଥିଲା,
କାହିଁ ତୁ ହାର୍ ମାନି ବସିଛୁ ?
ଆଗେଇ ଚାଲ୍,
ଆଗକୁ ତ ତୋର ଲମ୍ବା ଉଡାଣ ବାକି
ଅଛି।

ଝପଳାସ, ଜୁନାଗଡ଼ଝ

### ସାରସ୍ୱତ ସାଧକଟିଏ

ଡା.ମନୋରଞ୍ଜନ ଦାଶ

ସାରସ୍ୱତ ସାଧକ ସୃଷ୍ଟି ରଚି
ଦୁନିଆକୁ ଶୃଙ୍ଖଳ ଓ ବିଭୋରପଣରେ
ଧରି ରଖିଥାଏ
କବିତା, ଗଳ୍ପ କି ପ୍ରବନ୍ଧ ବା
ରମ୍ୟରଚନାରେ
ଅନ୍ୟକୁ ଆରୋପ-ପ୍ରତ୍ୟାରୋପ,
ସମାଲୋଚନା, ବନ୍ଧୁଙ୍କୁ ପ୍ରଶଂସା,
କି ନିଜ ବ୍ୟକ୍ତି ଜୀବନର କଥା
ସ୍ରଷ୍ଟା ବଖାଣିପାରେ !

ହେଲେ ସେ ସବୁଥିରେ
ସାହିତ୍ୟର ମହକ
ଭରିଥିଲେ, ତାକୁ ଆପଣେଇବ,
ପାଠକ ର ହୃଦୟ.......
ନହେଲେ ସାହିତ୍ୟ ନାମରେ ବୃଥା
ଲେଖନୀ ଚାଳନା ଯାହା....
ପ୍ରଶଂସା ଥିଲେ ନିନ୍ଦା ଥାଏ,
ସମ୍ମାନ ଥିଲେ ଅସମ୍ମାନ ବି
ସୁପ୍ତରେ ଥାଏ,
କିନ୍ତୁ ଏ ସବୁକୁ ନିରୀକ୍ଷଣ କରିବା
ସାରସ୍ୱତ ସାଧକର ଧର୍ମ ନୁହେଁ,
ବରଂ ମହୁମାଛି ହୋଇ
ମଧୁରତା କୁ ସାଉଁଟିବା ତ
ସାରସ୍ୱତ ଜୀବନବୋଧ ।

ସାରସ୍ୱତ ସାଧକଟିଏ ନିଜ ସୃଷ୍ଟି ପାଇଁ
ପାଠକର ହୃଦୟକୁ ଜିଣିବା ପ
ତା ସାଧନାର ସାର୍ଥକତା ।

ନିଜ ସୃଷ୍ଟିରେ ମନ ପ୍ରାଣ ଢାଳି
ଦେବାଟା
ସ୍ରଷ୍ଟାର ନିଚୋଳ ସୃଜନସତ୍ତା...
ତା ଦରଦପଣରେ ଅନ୍ୟକୁ
ପଢିବା ଓ ବୁଝିବା ତାର ନିଶା...
ସେଇଥିରୁ ତ ସିଏ ଗୋଟେଇଥାଏ,
ତା ସୃଷ୍ଟି ପାଇଁ
ଭାବ ଓ ଶବ୍ଦର ସମ୍ଭାର।

ଝପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ, ଜି-କେନ୍ଦ୍ରାପଡା
ମୋ-୯୪୩୭୩୧୭୭୨୨

### ମୋତେ ମୃତ୍ୟୁ ଦେ

ବିବୁଲ ମହାକୁର

ଯେବେ ତୋ ଭାବନାର ମୌସୁମୀ
ଏ ହୃଦୟକୁ ଛୁଇଁଥିଲା,
ବର୍ଷା କିମ୍ବା ବନ୍ୟାର ଆଶା
ସେଦିନ ବି ନଥିଲା।
ଖୁସି ଖାଲି ତୋର ଆସିବାରେ ଥିଲା
ଜୀବନ ତ ସେମିତି ବି ନୀରବ,
କର୍ମ ଓ ସ୍ୱପ୍ନ ମଧ୍ୟରେ
ପ୍ରତିକ୍ଷଣେ ଘଷି ହେଉଥିଲା।
ପଢ଼ିବା ପରର ପ୍ରଚେଷ୍ଟା ବୋଧେ
ଜୀବନର ସାତ ସ୍ୱନ,
ତତେ ଦେଖିବା ପରର ଅନୁଭବ
ବୋଧେ ଜୀବନର ଅନ୍ୟନାମ।
ତୋ ଭାବନାରେ ମୁଁ ହୁଏତ
ଧୂଳି ବା ଧୂଆଁ,
ସେ ଯାହା ବି ହେଉ
ତୋ ଭାବନା ମତେ ସ୍ୱୀକାର।
ତୋ ରାମସେତୁ ରେ ମୋତେ
ଗୁଣ୍ଡୁଚିମୂଷା ବି କର୍ ନାହିଁ,
କିନ୍ତୁ ଦର୍ଶକଟିଏ ହେଇ ଦୂରରୁ
ଦେଖିବାର ସୁଯୋଗ ଟେ ଦେ।

ତୋ ଭାବନାରେ ମତେ ମୃତ୍ୟୁ ଦେ
ମାତ୍ର ତୋ ଜୀବନର
କେଇ ଅଭୁଲା ମୁହୂର୍ତ୍ତ
ମତେ ଦେଖିବାକୁ ଦେ।
ମୋ ଶୁଷ୍କ ଭାବନାକୁ
ପ୍ରେମ ବା ବନ୍ଧୁତା ରଙ୍ଗ ନ ଦେ,
ସଦା ବଞ୍ଚିଥିବି
ତୋ ଭାବନାରେ ଶତ୍ରୁଟିଏ କରିଦେ।

ଗ୍ରାମ/ପୋଷ୍ଟ - ବୁର୍ଡ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
ମୋ. ୮୨୪୯୭୦୨୨୫୨

### ଜୀବନ

ବାଉରିବନ୍ଧୁ ଲେଙ୍କା

କେତେ କ୍ଷଣର ଏ ଜୀବନ ?
ଆଜି ପିଲାଦିନ, କାଲି ଯଉବନ
ତା ପରେ ବୃଦ୍ଧାବସ୍ଥା
ଆସିଯିବ ଶେଷଦିନ ?
ଚାଲ ଜିଇବା ଏ ଜୀବନକୁ ହସି ହସି
ଚାଲ ଜିଇବା ଏ ଜୀବନକୁ ଖୁସି ଖୁସି
ଆଜିର ଏ ସୁନ୍ଦର ଦିବସ ଶର୍ବରୀ
କେବେ କଣ ଆଉ ଆସିବକି ଫେରି ?
କାହିଁକି ଭାବିବା ସେ
ଆସନ୍ତା କାଲିର କଥା
ଯାଇଛି ବିତି ଯେ କାଲି
କେବେ ତ ଫେରେନା
ଆଜିର ଏହି ମୁହୂର୍ତ୍ତକୁ
ଜିଇ ହିଁ ଶିଖିବା
କାଲି କଣ ହେବ ତାହା
କେହି ବି ଜାଣେନା ?
ଆସ କିଛି ଲେଖିଯିବା
ଜୀବନର ପ୍ରୀତିଭରା ଗାଥା
ଆସ କିଛି କହିଯିବା
ଜୀବନର ମିଠା ମିଠା କଥା
ଆସ କିଛି ଗଢିଯିବା
ସମ୍ପର୍କର ସେତୁ ନୂଆ ନୂଆ
କିଏ ଜାଣେ କେତେବେଳେ
ଉଡିଯିବ ପ୍ରାଣପକ୍ଷୀ
ଭାଙ୍ଗିଦେଇ ଜୀବନ ଫରୁଆ ?
କଣ ବା ଆଣିଥିଲେ
କଣ ବା ନେଇକରି ଯିବା
ଆସ କିଛି ମନଖୋଲି ଲୁଟେଇବା
ଚାଲୁ ଚାଲୁ ସମସ୍ତଙ୍କ ସହ
ଜୀବନଟା କଟେଇବା ।

ଦ ପର୍ଲ ରେସିଡେନ୍ସି,
ଦୁର୍ଗାମାଧବ ନଗର
ଭୁବନେଶ୍ୱର,
ମୋ:୯୮୫୩୫୩୫୮୪୪









କାର୍ତ୍ତିକ ସାଇଁ

# ମିନା ଅପାଙ୍କ ରାମାୟଣ ଟୁଙ୍ଗି (୬୬)

## ଲଙ୍କା ଦହନ



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ହନୁମାନ ଚାହୁଁଥିଲେ ଲଙ୍କା ଛାଡ଼ିବା ଆଗରୁ ରାବଣଙ୍କୁ ଡରାଇବାକୁ । ସେଥିଲାଗି ସେ ଚାହିଁଥିଲେ ଲଙ୍କାର କିଛି କ୍ଷୟକ୍ଷତି କରିବାକୁ । ଦ୍ୱିତୀୟତଃ ଶ୍ରୀରାମଙ୍କ ଦୂତ ହନୁମାନଙ୍କୁ ବାନ୍ଧି ତା ସୈନ୍ୟବଳ ଦ୍ୱାରା ବହୁତ କଷ୍ଟ ଦେଇଥିଲା ରାବଣ । ତେଣୁ ହନୁମାନ ପ୍ରତିଶୋଧ ନେବାକୁ ଚାହୁଁଥିଲେ ।" ମିନା ଅପା ରାମାୟଣ କଥା ଆରମ୍ଭ କଲେ ।

"ତାଙ୍କୁ ମାରିବାକୁ ତାଙ୍କା ଲାଂଜରେ କପଡ଼ା ଗୁଡ଼ାଇ ତେଲ ଓ ଘିଅ ଢ଼ାଳିବା ଦରକାର- ଏକଥା ହନୁମାନ ରାବଣଙ୍କୁ ଜଣାଇ ଦେଇଥିଲେ । ରାବଣ ଏ କଥା ଶୁଣି ଖୁସି ହୋଇଥିଲା ଓ ସଂଗେ ସଂଗେ ହନୁମାନଙ୍କ ଲାଂଜରେ କପଡ଼ା ବାନ୍ଧି ଘୃତ ଢ଼ାଳିବାକୁ ଆଦେଶ ଦେଇଥିଲା । ହନୁମାନଙ୍କ ଉଦ୍ଦେଶ୍ୟ ସେ ବୁଝି ପାରିନଥିଲା ।

ହନୁମାନ ନିଜ ଲାଂଜକୁ ବଡ଼ କରି ଦେଇଥିଲା । ରାବଣର ସୈନିକମାନେ ହନୁମାନଙ୍କ ଲାଂଜରେ ବହୁତ କପଡ଼ା ବାନ୍ଧି ମହଣ ମହଣ ଘିଅ ଢ଼ାଳି ଦେଲେ । ତାପରେ ସେମାନେ ଲାଂଜରେ ଅଗ୍ନି ସଂଯୋଗ କରିଦେଲେ । ହନୁମାନ ଏଇ ସୁଯୋଗର ଅପେକ୍ଷାରେ ଥିଲେ । ସେ ସଂଗେ ସଂଗେ ଆକାଶ ମାର୍ଗକୁ ଲମ୍ଫ ପ୍ରଦାନ କଲେ ଓ ଆକାଶରେ ଉଡ଼ିବାକୁ ଲାଗିଲେ ।

ହନୁମାନଙ୍କ ଦୁର୍ଦ୍ଦଶା କଥା ମାତା ସୀତାଙ୍କ ପାଖରେ ପହଂଚିଲା । ସେ ଦୁଃଖୀ ହେଲେ । ସେ ଦେବତାମାନଙ୍କୁ ହନୁମାନଙ୍କ ସୁରକ୍ଷା ଲାଗି ପ୍ରାର୍ଥନା କଲେ । ବୀର ହନୁମାନ ନିଜ ଯୋଜନା ଅନୁସାରେ ତାଙ୍କ ଲାଂଜରେ କପଡ଼ା ବନ୍ଧାଇ, ଘୃତ ଢ଼ଳାଇ ଥିଲେ । ଅଗ୍ନି ସଂଯୋଗ ପରେ ସେ ଭୀଷଣ ଭାବରେ ଭୟଙ୍କର ହୋଇ ଉଠିଲେ । ଏପରି ଲାଗିଲା ଯେପରି ସେ ସାରା ଲଙ୍କା ନଗରୀକୁ ଦହନ କରି ଛାଡ଼ିବେ ।



ସୀତା ଦେବୀଙ୍କ ପ୍ରାର୍ଥନା ଦେବତା ଶୁଣିଲେ । ପବନ ମଧ୍ୟ ହନୁମାନଙ୍କ ସହାୟତା ଲାଗି ପ୍ରସ୍ତୁତ ହୋଇଗଲେ । ଲଙ୍କା ନଗରୀରେ ଆରମ୍ଭ ହୋଇଗଲା ଧ୍ୱଂସର ଖେଳ । ହନୁମାନ ଆକାଶରେ ଉଡ଼ି ଉଡ଼ି ଗୋଟିଏ ଅଟ୍ଟାଳିକାରୁ ଉଡ଼ି ଅନ୍ୟ ଅଟ୍ଟାଳିକାରେ ପହଂଚିଲେ । ସେ ପହଂଚିବା ମାତ୍ରେ ଅଟ୍ଟାଳିକାରେ ଅଗ୍ନି ସଂଯୋଗ ହୋଇ ଯାଉଥିଲା ଓ ଅଟ୍ଟାଳିକା ହୁତୁହୁତୁ ହୋଇ ଜଳିବାକୁ ଆରମ୍ଭ କରୁଥିଲା ।

କେବଳ ବିଭୀଷଣଙ୍କ ଘରକୁ ଛାଡ଼ି ହନୁମାନ ଲଙ୍କା ନଗରୀରେ ନିଆଁ ଲଗେଇ ଦେଇଥିଲେ । ଲଙ୍କା ନଗରୀରେ ରହୁଥିବା ରାକ୍ଷସ ଓ ତାଙ୍କ ପରିବାର ତ୍ରାହି ତ୍ରାହି କହି ରାଜରାସ୍ତାକୁ ଚାଲି ଆସିଥିଲେ । ରାବଣ ଚିନ୍ତାରେ ପଡ଼ି ଯାଇଥିଲା । ହନୁମାନଙ୍କୁ ଦଣ୍ଡ ଦେବାରଫଳ ଯେ ଏପରି ହେବ ଏ କଥା ସେ ଚିନ୍ତା କରିପାରିନଥିଲା ।

ଲଙ୍କା ନଗରୀର ଯଥେଷ୍ଟ କ୍ଷତି କରିସାରିଲା ପରେ ହନୁମାନ ଶାନ୍ତ ହେଲେ । ସେଠାରେ ସାଧାରଣ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦେଖି ତାଙ୍କ ମନରେ ଖେଦ ଆସିଲା । ସେ ତ କେବଳ ରାବଣକୁ ଚେତାବନୀ ଦେବାକୁ ଚାହୁଁଥିଲେ । ମାତ୍ର ରାବଣର ଶ୍ରୀରାମଙ୍କ ଦୂତ ଉପରେ ହୋଇଥିବା ଅତ୍ୟାଚାରରେ ସେ ଅତିଷ୍ଠ ହୋଇ ପଡ଼ିଥିଲେ ।

ହନୁମାନ ଶାନ୍ତ ହେଲେ ସିନା ଲଙ୍କାରେ ହାହାକାର ବ୍ୟାପି ଯାଇଥିଲା । ଅଶୋକ ବନର ମାତା ସୀତା ମଧ୍ୟ ହନୁମାନଙ୍କ ଲାଗି ଚିନ୍ତିତ ଥିଲେ ।

ହନୁମାନ କାଳ ବିଳମ୍ବ ନକରି ଅଶୋକ ବନରେ ପହଂଚିଲେ । ହନୁମାନଙ୍କୁ ସୁରକ୍ଷିତ ଦେଖି ମାତା ସୀତା ଖୁସି ହେଲେ । ସୀତାଙ୍କଠାରୁ ବିଦାୟ ମାଗି ହନୁମାନ ମହେନ୍ଦ୍ରଗିରି ଦିଗରେ ଯାତ୍ରା ଆରମ୍ଭ କଲେ ।

ମହେନ୍ଦ୍ର ଗିରିରେ ଅଙ୍ଗଦ, ଜାମ୍ବବନ ଓ ଅନ୍ୟମାନେ ହନୁମାନଙ୍କ ଅପେକ୍ଷା କରିଥିଲେ । ହନୁମାନ ସେମାନଙ୍କୁ ମାତା ସୀତାଙ୍କୁ ଠାବ କରିଥିବା କଥା କହିଲେ । ଏ ଖବର ପାଇ ସମସ୍ତେ ବହୁତ ଖୁସି ହେଲେ ଓ ତୁରନ୍ତ ପ୍ରଭୁ ଶ୍ରୀରାମଙ୍କୁ ଦେଖା କରିବାକୁ ବାହାରି ପଡ଼ିଲେ ।

ହନୁମାନଙ୍କୁ ଦେଖି ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ସୁଗ୍ରୀବ ଓ ଅନ୍ୟମାନେ ବହୁତ ଖୁସି ହେଲେ । ହନୁମାନ ସଂଗେ ସଂଗେ ମାତା ସୀତାଙ୍କ ଖବର ଦେଲେ ଓ ସେ ଦେଇଥିବା ମସ୍ତକମଣି ପ୍ରଭୁ ଶ୍ରୀରାମଙ୍କୁ ପ୍ରଦାନ କଲେ । ସୀତାଙ୍କ ମସ୍ତକମଣି ଦେଖି ଶ୍ରୀରାମ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଲେ । ତାଙ୍କୁ ଲକ୍ଷ୍ମଣ ଓ ସୁଗ୍ରୀବ ପ୍ରବୋଧନ ଦେଲେ ।

"ଆଉ ବିଳମ୍ବ କରିବାର କିଛି ପ୍ରୟୋଜନ ନାହିଁ । ଆମେ ଯଥାଶୀଘ୍ର ଲଂକାରେ ପହଂଚି ମାତା ସୀତାଙ୍କୁ ମୁକ୍ତ କରିବା । ସେଠାରେ ଉପସ୍ଥିତ ସମସ୍ତେ ଏକସ୍ୱରରେ କହି ଉଠିଲେ ।"

ମିନା ଅପା ରାମାୟଣ କଥା ଏଇଠି ରଖିଲେ ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

# ଝଣ୍ଡା ଦିବସ






ନଗେନ୍ଦ୍ର ନାଥ ପଟ୍ଟନାୟକ

ମା' ତମେ ଜାଣିଚ ସେଦିନ ଦିବସ କାହାପାଇଁ ପାଳନ କରାଯାଇଥିଲା ? ପୁତୁଲ ସ୍କୁଲରୁ ଘରକୁ ଆସି ବସ୍ତାନି ରଖୁ ରଖୁ ପଚାରିଲା । ତୁ ପତାକା ଦିବସ କଥା ପଚାରୁଚୁ କାଇଁକି ? ମା' ପୁତୁଲ ହାତକୁ ପାଣି ଗିଲାସେ ବଢାଉ ବଢାଉ କହିଲେ । ଆରେ ବାହା ତମକୁ ତ ବେଶ୍ ଜଣା । ପୁତୁଲ ବିସ୍ମୟଭରା ଆଖିରେ କହିପକାଇଲା । ହଁ ଏଥିରେ ନୂଆ କଣ ଯେ ? ସମସ୍ତେ ତ ପତାକା ଦିବସ ବାବଦରେ ଅଳପବହୁତେ ଜାଣିବା ଦରକାର । ଆମ ପ୍ରଧାନଗୁରୁଜୀ କହିବା ଅନୁସାରେ ସେଦିନ ଆମ ବିଦ୍ୟାଳୟରେ ପତାକା ଦିବସ ପାଳନ କରାଯାଇଥିଲା । ଏ ତ ବହୁତ ଉତମ କଥା, ପୁଅ । ମା' ଆମେ କ'ଣ ୟାକୁ ତ୍ରିରଙ୍ଗା ଦିବସ ବୋଲି କହିପାରିବା ? ଢକଢକ ପାଣି ପିଇସାରି ଖାଲି ଗିଲାସଟି ରୋଷେଇ ଘରେ ଥୋଇଦେଇ ମା' ପାଖକୁ ଆସି ପଚାରିଲା । ନାଇଁ ପୁଅ, ପତକା ଦିବସର କୌଣସି ସମ୍ପନ୍ଧ ଆମର ତ୍ରିରକା ସହିତ ନାଇଁ । ଝଂଡା ଦିବସକୁ ସଶସ୍ତ୍ର ସେନା ପତାକା ଦିବସ ବୋଲି କହନ୍ତି । ସେଥିରେ ପୁଣି ଏ ଆଉ କୋଉ ଝଣ୍ଡା ଦିବସ ? ପୁତୁଲ ତାଟକା ହେଇ ମା'କୁ ଚାହିଲା । ହଁ ପୁଅ, ଏ ଆମର ତିନୋଟି ସେନାର ପ୍ରତୀକ । ୧୯୪୯ ଡିସେମ୍ବର ସାତକୁ ସଶସ୍ତ୍ର ସେନା ଦିବସ ରୂପେ ପାଳନ କରାଯାଏ । କିନ୍ତୁ ମା' ଏ ଦିବସକୁ କାଇଁକି ପାଳନ କରାଯାଏ ? ଏ ତ ଭାରତୀୟ ସଶସ୍ତ୍ର ସେନା ବଳ କର୍ମୀଙ୍କ କଲ୍ୟାଣ ପାଇଁ ଭାରତୀବାସୀଙ୍କ ଧନ ଜମା କରିବା ପ୍ରତି ଏକ ସମର୍ପିତ ଦିନ । ଏ ଦେଶପାଇଁ ବଳିଦାନ କରିଥିବା ବୀର ଶହୀଦଙ୍କ ପ୍ରତି ସମ୍ମାନର ଦିନ ।

କିନ୍ତୁ ମା' ଭାରତବାସୀଙ୍କ ଏ ସଂଚିତ ଧନରାଶୀ କିଭଳି ଆମର ସେନାଙ୍କୁ ସହାୟତା କରିପାରିବ ? ପୁତୁଲ ଏ କଥାସବୁ ଜାଣିବାକୁ ଚାହୁଁଥିଲା । ଯୁଦ୍ଧରେ ବଳିଦାନ କରିଥିବା ଶହୀଦଙ୍କ ପରିବାରଙ୍କ କଲ୍ୟାଣ, ସେନାରେ କାଯ୍ୟରତ କର୍ମଚାରୀ ଆଉ ତାଙ୍କ ପରିବାରର ମଙ୍ଗଳ ସାଧନ ଓ ସେବାନିବୃତ ସେନା କର୍ମଚାରୀଙ୍କ କଲ୍ୟାଣ ପାଇଁ ଏ ସଂଚିତ ଅର୍ଥରାଶୀ ବିନିଯୋଗ କରାଯାଏ । ଏ ପତାକା ଦେଖିବାକୁ କିମିତି ? ପୁତୁଲ ପଚାରିଲା । ଏ ପତାକା ଦେଖିବାକୁ ଚାହୁଁଚୁ ନା ! ମା' ଗୁଗୁଲ ମ୍ୟାପରେ ତାକୁ ଝଣ୍ଡା ବା ପତାକାକୁ ଦେଖାଇଲେ । ଯୋଉ ତିନେଟି ଯାକ ରଙ୍ଗ କିଭଳି ତିନି ସେନାଙ୍କୁ ପରଭାଷିତ କରେ ଏଥିରେ ଦର୍ଶାଯାଇଛି । ମା' ଇଏ ତ ଖୁବ ସୁନ୍ଦର .... ଲାଲ, ଘନ ନୀଳ ଆଉ ଫିକା ନୀଳ ମିଶିକି କେତେ ଭଲ ଲାଗୁଚନ୍ତି । ପତାକା ଦେଖିକି ଖୁସିରେ ଗଦ୍‌ଗଦ୍ ହୋଇଗଲା ପୁତୁଲ । ଆଚ୍ଛା ମାଆ ତୁମେ ଜାଣିଥିବ ମୋ ସାଙ୍ଗ ମନୋଜର ବାପା ସେମାନେ କେମିତି ଶହୀଦ ହୋଇଗଲେ ! ମୁଁ ବି ତାଙ୍କପାଇଁ ପଇସା ସଂଚିଚି । ସଂଚିତ ଟଙ୍କାପଇସା ସବୁ ମା' ହାତକୁ ଧରାଇ ଦେଇ ପୁତୁଲ କହିଲା । 'ଖୁବ୍ ବଢିଆ କାମ' କହି ମା' ପୁତୁଲକୁ କୋଳରେ ଜଡେଇ ଧରିଲେ ।

ଓସ୍କାର ସିଟି, ପ୍ଲଟ ନଂ-୪୫୪,ଲେନ୍ ନଂ-୯
ଲକ୍ଷ୍ମୀସାଗର କେନାଲ ରୋଡ ,ଭୁବନେଶ୍ୱର
ମୋ -୯୪୩୮୩୩୨୧୩୮

# ଜେଜେମା'ଙ୍କ ପ୍ରବଚନ



ଶୁଭଦର୍ଶିନୀ ଦାଶ



ଶାନ୍ତି ଦେବୀ ସକାଳୁ ସକାଳୁ ଆଜି ପୁରା ଚଳଚଞ୍ଚଳ । ବାକ୍ସ ଉପରେ ପଡ଼ିଥିବା କପଡାଟିକୁ ଉଠାଇ ନେଇ ଧୂଳି ଝାଡ଼ି ବାକ୍ସକୁ ଖୋଲି ତା ଭିତରେ କିଛି ଖୋଜା ଖୋଜି କରିବାରେ ବ୍ୟସ୍ତ । ଆଜି ରବିବାର ନାତିଆ ଗୋଲୁର ବି ସ୍କୁଲ ଛୁଟି । କ'ଣ କରୁଛ କି ମା' (ଜେଜେମା')ପଚାରିଦେଇ ପହଁଞ୍ଚିଗଲା ତାଙ୍କ ପାଖରେ । ତାପରେ ଆରମ୍ଭ ହୋଇଗଲା ଜେଜେମା ଆଉ ନାତିର କଥାବାର୍ତ୍ତା .....।

ଗୋଲୁ ପ୍ରଶ୍ନର ଉତ୍ତର ଦେଇ ଜେଜେମା କହିଲେ ନାଇଁରେ, ଥଣ୍ଡା ପଡ଼ିଲାଣି ତେଣୁ ଶୀତ ବସ୍ତ୍ର ସବୁ ଖୋଲୁଛି । ଆଜି ଟିକେ ଖରଟା ଜୋରରେ ହେଉଛି ତାକୁ ଖରାରେ ପକାଇ ଆଣି ବ୍ୟବହାର କରିବା । ତୋରି ଟୋପି ଦୁଇଟି କାହିଁ ଦେଖା ଯାଉନାହିଁ ତେଣୁ ଖୋଜୁଛି । ହଁ, ନ ମିଳୁ ମୋର ତାହା ଦରକାର ନାହିଁ, ମୋତେ ସେ ଟୋପି ପିନ୍ଧିବାକୁ ଭଲ ଲାଗେନାହିଁ । ଶୀତ ଦିନଟାକୁବି ଜମା ଭଲ ଲାଗେନାହିଁ । ହେଲେ କାହିଁକି କିରେ.....? ମର୍ଡନ ଯୁଗର ନାତିଆ ସଙ୍ଗେ ସଙ୍ଗେ ଉତ୍ତରରେ କହିଦେଲା, ଦେଖ ଜେଜେମା ଏ ଟୋପି ପିନ୍ଧିଲେ ମୋ ହେୟାର ଷ୍ଟାଇଲ ବିଗିଡି ଯାଉଛି । ମୁଁ ହେଡ଼ ଫୋନ ବି ଲଗାଇ ପାରୁନି ଆଉ ଏତେ ଖରାପ ସେ ଟୋପି, ପିନ୍ଧିଦେଲେ ମୋ କାନରୁ ଧୂଆଁ ବାହାରିଲା ପରି ଲାଗୁଛି । ସତରେ ଏ ଶୀତଦିନଟା ନାଇଁ ନାଇଁ ଖାଲି ଶୀତ କାହିଁକି ବର୍ଷା, ଖରା କିଛିବି ଭଲ ନୁହେଁ । ଜେଜେମା ହସି ହସି ପଚାରିଲେ ଆରେ ଅନ୍ୟ ଦୁଇ ଋତୁରେ ତୋର ପୁଣି କ'ଣ ଅସୁବିଧା ହେଲା କିରେ ? ଦେଖ ଜେଜେମା ବର୍ଷା ହେଲେ ଯେଉଁ ଆଡେ ଯାଅ କାଦୁଅ ପାଣି, ଘରେ ବନ୍ଦ ହୋଇ ରୁହ ନାଖେଳ ନାକୁଦ । ଅଧିକ ଗରମ ହେଲେ ସ୍କୁଲଛୁଟି ହୁଏ । ହେଲେ କ'ଣ ହେବ ଯେ ଦିନରେ ଗରମ ହେଉଛି, ଲୁ ମରିବ ଇତ୍ୟାଦି ଇତ୍ୟାଦି କାରଣ ଦେଖାଇ ସନ୍ଧ୍ୟା ପର୍ଯ୍ୟନ୍ତ ଏକ ପ୍ରକାରର ଲକ ଡାଉନ, ଆଉ ସନ୍ଧ୍ୟା ପରେ ଟ୍ୟୁସନ, ପାଠ, ଗରମରୁ ମୁକ୍ତି ପାଇଁ ଏସି, ଫ୍ୟାନ ତଳେ ବସ ଖେଳକୁଦ ବୁଲାବୁଲି ପାଇଁ ସମୟ ନିଅଣ୍ଟ ଆଉ ଅଳ୍ପ ଖେଳିଦେଲେ ଶରୀର ପୁରା ହାଲିଆ ।

ସବୁ ଶୁଣି ଜେଜେମା' କଥାଛଳ ରେ ଗୋଲୁକୁ ବୁଝାଇବାକୁ ଯାଇ ପଚାରିଲେ ଆରେ ଗୋଲୁ ଛାଡ଼ ସେକଥା ଏଇ ଶୀତ ଦିନରେ ତମ ସ୍କୁଲରେ ତ ଖେଳ ହେବାକଥା । ଗୋଲୁର ବି ମନେପଡ଼ିଗଲା ହଁ ଜେଜେମା' ଡିସେମ୍ବର ମାସରେ ହେବ । ଶୀତଦିନରେ ସେଇ ଗୋଟିଏ ଭଲ କାମ ହୁଏ ଖେଳକୁଦ ଯାହା କଲେବି ଥକା ଲାଗେନି ।

ହଁ ରେ ଗୋଲୁ ପାଣିପାଗ, ଋତୁ ପରିବର୍ତ୍ତନ , ଦିନରାତି ସେସବୁତ ଆମ ହାତର କଥା ନୁହେଁ । ହଁ ଜେଜେମା ଜାଣିଛି ତାହାତ ପୃଥ୍ୱୀ ସୂର୍ଯ୍ୟଙ୍କ ଚାରିପଟେ ଘୁରୁଥିବା ହେତୁ ହୋଇଥାଏ । ହଁ, ବାପା ପ୍ରାଣି ଓ ଉଦ୍ଭିଦ ସମସ୍ତେ ବଞ୍ଚିବା ପାଇଁ ଭିନ୍ନଭିନ୍ନ ଜଳବାୟୁ ଆବଶ୍ୟକ କରିଥାନ୍ତି ତା ଛଡା ଗରମ, ଥଣ୍ଡା, ବର୍ଷା ଯାହାବି ଗୋଟିଏ ଅନେକ ଦିନ ଧରି ଲାଗି ରହିବ ତାଦ୍ୱାରା ପରିବେଶ ସନ୍ତୁଳନ ହରାଇ ବସିବ ଯଦି କେବଳ ଗ୍ରୀଷ୍ମ ଋତୁ ହେବ ତେବେ ବୃକ୍ଷ ଲାତା ସବୁ ଜଳିପୋଡି ଧ୍ୱଂସ ହୋଇଯିବ, ଜଳ ଅଭାବ, ଖାଦ୍ୟ ଅଭାବ ବିନା ଆମେମାନେବି ବଞ୍ଚିପାରିବାନାହିଁ । ଅଧିକ ବର୍ଷା ହେଲେ ବନ୍ୟା ହେବ ଓ ସବୁ ନଷ୍ଟ ହୋଇଯିବ । କେବଳ ଥଣ୍ଡା ହେଲେବି ବଞ୍ଚିବା କଷ୍ଟକର ହୋଇଯିବ । ସବୁଠୁ ବଡ଼ କଥା ଆମ ମଣିଷ ମାନଙ୍କର ସବୁଥିରେ ଅସୁବିଧା । ଆମେ ଗରମ ହେଲେ ଥଣ୍ଡା ଖୋଜନ୍ତି, ଥଣ୍ଡା ଟିକେ ଅଧିକ ପାଇଗଲେ ଗରମ ଦରକାର କରନ୍ତି । ସବୁ ଆମ ହିସାବରେ ହେଉଥିବା ଆବଶ୍ୟକ ନହେଲେ ଆମର ଅଶାନ୍ତି । ପାଣିପାଗ ଜଳବାୟୁ ପରିବର୍ତ୍ତନ ଏସବୁ ଆମ ହାତରେ ତ କିଛିନାହିଁ । ହଁ, ଆମ ହାତରେ ଅଛି ତାକୁ ଗ୍ରହଣ କରିନେବା । ଯାହାଦ୍ୱାରା କେବଳ ଆମର ହିଁ ଲାଭ । ଲାଭ କ'ଣ ଜେଜେମା ? ଶୁଣ ଯେତେବେଳେ ଆମେ କୌଣସି ପରିସ୍ଥିତିକୁ ଗ୍ରହଣ କରିନେବା ତାହା ଆଉ ଆମକୁ କଷ୍ଟ ଲାଗେନାହିଁ । ସେଥିପାଇଁ ଆବଶ୍ୟକ କାମ କରିଲେବି କଷ୍ଟ ଅନୁଭବ ହୁଏନାହିଁ । ଯେମିତ, ପିକନିକ କଥା ଶୁଣି ତୁ କାଲିଠାରୁ ତୋର ଯେତିକି କାମ ତୁ ସେ କାମ କରିବା ଆରମ୍ଭ କରିଦଦେଲୁଣି (ଖେଳିବା ପାଇଁ ଯୋଗାଡ଼, ଜଳଖିଆ ପାଇଁ ଲିଷ୍ଟ ଇତ୍ୟାଦି) ଏବେ କରନି କହିଲେ ବି ପାଠ ସାରିବା ପାରେ ଅଧିକ ସମୟ ଚାହିଁ ସେ ସବୁ କାମ କରୁଛୁ,କାହିଁକିନା ତୁ ତାକୁ ଖୁସିରେ ଗ୍ରହଣ କରିଛୁ ଆଉ ତୋର ପିକନିକ ଯିବାପାଇଁ ମଧ ଇଚ୍ଛା ଅଛି ।

ଏମିତ ଅନେକ କିଛି କାମ ଆମକୁ ଭଲ ନ ଲାଗିଲେ ବି ତାହାଦ୍ୱାରା ଯଦି ଆମକୁ କିଛି ଭଲଫଳ ମିଳିବ ବା ଆମେ ଚାହିଁଲେ ବି କିଛି ପରିବର୍ତ୍ତନ କରିପାରିବା ନାହିଁ ତେବେ ତାକୁ ଗ୍ରହଣ କରିନେବା ବା ମନକୁ ବୁଝାଇ ନେବାଟା ଆମର ପ୍ରଥମ କର୍ତ୍ତବ୍ୟ, ତେବେ ଯାଇ ତାକୁନେଇ ଆମକୁ କିଛି ଅସୁବିଧା କଷ୍ଟ ଲାଗିବନାହିଁ ।

ମେଡ଼ିସିନ ପିତାଲାଗିଲେବି ତତେ ତୋ ମାମା ଜବଦସ୍ତି ଖୁଆନ୍ତି ତାଦ୍ୱାରା ତୋ ପାଟିଟି ଅଳ୍ପ ସମୟ ପିତା ଲଗି ଭଲ ହୋଇଯାଏ କିନ୍ତୁ ଶରୀର ଟା ସବୁଦିନପାଇଁ ଭଲ ହୋଇଯାଏନା । ତୁ ଯଦି ବୁଝି ଯାଆନ୍ତୁ ଆଉ ନିଜେ ତାକୁ ଇଚ୍ଛା କରି ଖାଇଦିଅନ୍ତୁ ତୋତେ କ'ଣ ମେଡ଼ିସିନ ଖାଇବାକୁ ଆଉ କଷ୍ଟ ଲାଗନ୍ତାକି । ଠିକ କଥା କହିଲ ଜେଜେମା । ସେଥିପାଇଁ ବୋଧେ ବାପା ସବୁବେଳେ କହନ୍ତି ଆଗ୍ରହରେ ପାଠ ପଢ଼ । ହଁରେ ଗୋଲୁ ତତେ ଏବେ ଘଣ୍ଟା ଘଣ୍ଟା ବସି ପାଠ ପଢିବା, ସକାଳୁ ଉଠି ସ୍କୁଲ ଯିବା ସବୁ କଷ୍ଟ ଲାଗୁଥିବ । ତୁ ଯଦି ତୋ ନିଜ ମନକୁ ବୁଝାଇ ଦେବୁ ଯେ ସେଥିରେ ତୋର ହିଁ ଲାଭ ଅଛି, ଆଜି ଯଦି ପରିଶ୍ରମ କରି ଭଲ ପାଠ ପଢ଼ିବି ତାହେଲେ କାଲି ଜ୍ଞାନ ପାଇ ଭଲ ମଣିଷଟେ ହେବି ସମାଜରେ ପ୍ରତିଷ୍ଠିତ ହୋଇ ଚଳିବି ତେବେ ତତେ ପାଠ ପଢିବା କିମ୍ବା ପଠାପାଇଁ ସମୟ ଦେବାକୁ ଜମା କଷ୍ଟ ଲାଗିବନାହିଁ । ବାପା,ମା ଓ ଗୁରୁଜନ ମନେ କହୁଥିବା ଭଲକଥା ଗେଜେଗେଜେ ପରି ନ ଲାଗି ଜୀବନମନ୍ତ୍ର ପରି ଲାଗିବ । ହଁ ଯେ ଜେଜେମା ବଡ଼ ହେଲେ ପଢ଼ିବିନି ।

ଦେଖ ଗୋଲୁ ତୁତ ପାଠରେ ପଢ଼ିଛୁ ସବୁ ଋତୁ ନିର୍ଦ୍ଦିଷ୍ଟ ସମୟରେ ପରିବର୍ତ୍ତନ ହୋଇଯାଆନ୍ତି ବୟସ ବି ନିର୍ଦ୍ଧିଷ୍ଟ ସମୟରେ ବଢ଼ି ଚାଲିବ । ଶୀତରୁ ରକ୍ଷା ପାଇବାପାଇଁ ଯେମିତ ତା ଆଗରୁ ସ୍ୱିଟର, ଟୋପି ସବୁ ସଜାଡି ରଖିବାକୁ ହୁଏ ଆଉ ବର୍ଷା ଆଗରୁ ଛତା ଠିକ ସେହିପରି ଭବିଷ୍ୟତ ରେ କ'ଣ କରିବାର ଅଛି ତାକୁ ଏବେଠାରୁ ସ୍ଥିର କରିନେଇ ପ୍ରସ୍ତୁତି ଆରମ୍ଭ କରିନେଲେ ସେ ସ୍ଥାନରେ ପହଁଚିବାକୁ ଅତି ସହଜ ହୋଇଥାଏ । କାହିଁକିନା ସମୟ ଥାଉ ଥାଉ ସବୁ କରିବାକୁ ହୁଏ । ଏ ସମୟ କେବେ କାହାକୁ ଅପେକ୍ଷା କରେନାହିଁ ।

ଗୋଲୁ ଏଥର ଜେଜେମାଙ୍କୁ କୁଣ୍ଢେଇ ପକାଇ ଆଧୁନିକ ଷ୍ଟାଇଲରେ କହିଉଠିଲା ---- ଶାନ୍ତି ଦେବୀଙ୍କ ପ୍ରବଚନ ମୋ ଆଖି ଖୋଲିଦେଇଛି ।

'ପ୍ରତ୍ୟେକ କାମ (ଯାହା ଆମର ଭଲ ପାଇଁ ଉଦିଷ୍ଟ ) ଆଗ୍ରହର ସହ କରିଲେ ତାହା ଆମକୁ କଷ୍ଟ ଲାଗିବ ନାହିଁ' । ଠିକ ସମୟରେ ଠିକ କାମ ନକଲେ ତାହା କେବେ ଫଳପ୍ରଦ ହୁଏନାହିଁ । ତେଣୁ ମୁଁ ଆଜିଠାରୁ ତାହା ପାଳନ କରିବି ।

ଖୁସିର ମୂଳ ମନ୍ତ୍ର ହେଉଛି 'କର୍ତ୍ତବ୍ୟ କୁ ଗ୍ରହଣ କରିବା' ।

ଆଧୁନିକ ନାତିଆର କଥା ଶୁଣି ଜେଜେମା' ବି ନିଜ ହସକୁ ଆଉ ଅଟକାଇ ପାରିଲେନାହିଁ.......।

+ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

## କବିତା ତୁମ ପାଇଁ

### ଚଗଲା କାହ୍ନା
ଦୀପକ କୁମାର ମିଶ୍ର

ଶୀତ ସକାଳରେ କାହ୍ନା ଶୋଇଥିଲା
ରେଜେଇ ଘୋଡେଇ ହୋଇ
ମାମା ପଚାରିଲେ ସମୟ ହେଲାଣି
ଇସ୍କୁଲ ଯିବୁ କି ନାହିଁ ।

କାହ୍ନା ଯେ କହିଲା ଶୀତୁଆ ସକାଳେ
ଦେହ ମାରିଯାଏ କାଲ
କଲମ ନଚାଲେ ଖାତାର ପୃଷ୍ଠାରେ
ଲେଖା ହୋଇଯାଏ ଭୁଲ ।

ଗରମ ପୋଷକେ ନିଦ ମାଡିଆସେ
ଶ୍ରେଣୀ ଗୃହେ ବସୁ ବସୁ
ଗଣିତ ସାର କଷି ଦିଅନ୍ତି ପାହାରେ
କହି ମୂର୍ଖ ତୁ କୁଆଡେ ଆସୁ ।

ମାମା ଯେ କହିଲେ ଶୁଣୁରେ କାହ୍ନା
ସବୁ ଋତୁ ଅଟେ ମିତ
ମଣିଷ ଚଳିବ ଖାପ ଖୁଆଇ ନିଜକୁ
ମନକୁ କରିଣ ଶକ୍ତ ।

କାହ୍ନା ବୁଝିଗଲା ଦୋଷଟି କେଉଁଠି
ଠକୁଥିଲା ଗାଲୁ ମାରି
ସୁନାପିଲା ପରି ହୋଇଲା ପ୍ରସ୍ତୁତ
ଚଗଲାମି ତ୍ୟାଗକରି ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

### ଚାଲିଛି ଚାଲିବି
ନୀଳମଣି ଚାନ୍ଦ

ଯେଉଁସ୍ଥାନରୁ ମୁଁ ନେଇଛି ଜନମ
ସେହି ମୋ' ଉତ୍ପତ୍ତି ସ୍ଥଳ
ଝରିଝରି ଗଲି ସେଠାରୁ ତଳକୁ
କରି ଟିକେ କଉଶଳ ।

ଯେଉଁ ନଦୀ ଆସି ମିଶିଲା ମୋ ସାଥେ
ମୋ ଉପନଦୀଟି ସିଏ
ମୋ ଦେହୁ ବାହାରି ଯେ ଯାଇଛି ବହି
ଶାଖାନଦୀ କହିଦିଏ ।

ମୋ ଉପରେ ଚଳପ୍ରଚଳ ପାଇଁକି
ଗଢା ହୋଇଗଲା ପୋଲ
ଧାର ରୋକି ବନ୍ଧ, ଆନିକଟ ହେଲା
ମାନିଲି ମଣିଷ ବୋଲ ।

ଯେଉଁଠି ମିଶିଲି ସାଗର ସାଥିରେ
ମୁହାଣ ତାହାର ନାଆଁ
ମୋ ତୀରରେ ତରୁ ବଣ ପରବତ
ରହିଛି ସହର ଗାଆଁ ।

ତୁମକୁ ବିଜୁଳି, ଜଳଟି ଦେବିରେ
କରନାହିଁ ପ୍ରଦୁଷଣ
ଆସିବ ସେଦିନ ନ ଥିବି ମୁଁ ଆଉ
ଏହାକୁ ମିଛ ନ ମଣ ।

ଜନମ ନେଇଛି ମାନବ ସମାଜ
ସେବା କରିବାରପାଇଁ
ଚାଲିଛି ଚାଲିବି ଇଏ ଲକ୍ଷ୍ୟ ମୋ'ର
ଏକଥା ଭୁଲିବି ନାହିଁ ।

+୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

### ଆସିଗଲା ଶୀତ ଋତୁ
ନିରଞ୍ଜନ ସାହୁ

ଶୀତ ଆସିଲା ଥିରି ପାଦରେ
ଶୀତ ଋତୁକୁ ଧରି
ପୌଷ ଓ ମାଘ ଦୁଇଟି ଋତୁ
ଶୀତକୁ ଅନୁସରି ।
ଦିନ କ୍ରମଶଃ ଛୋଟ ହୋଇବ
ରାତି ହୋଇବ ବଡ଼
ଲମ୍ବା ରାତିରେ ଯେତେ ପାରୁଛ
ଶେଯରେ ସେତେ ଗଡ଼ ।
ଉତ୍ତର ଦିଗୁ କାଲୁଆ ବାଆ
ବହିବ ଥିରିଥିରି
ଶୀତ ପବନ ବାଜିଲେ ଦେହ
ହୋଇବ ସିରିସିରି ।
ପାଣିକୁ ଭାରି ଡର ଲାଗିବ
ଗାଧୁଆ ବଡ଼ କଷ୍ଟ
ଦେହର ଯତ୍ନ ନ ନେଲେ ହେବ
ଆମରି ସ୍ୱାସ୍ଥ୍ୟ ନଷ୍ଟ ।
ପନିପରିବା ହୋଇବ ଶସ୍ତା
ଚାଲିବ ବଣଭୋଜି
ପରିଭ୍ରମଣ ଲାଗି ରହିବ
ବୁଲିବା ସ୍ଥାନ ଖୋଜି ।
ଶୀତବସ୍ତ୍ର ଯେ ହୋଇବ ଲୋଡ଼ା
ନିଆଁ ପୁହିଁବା ହେବ
ଶୀତ ସହିତ ମିତ ବସିବା
ଆନନ୍ଦ ସିଏ ଦେବ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ଜାନୁଆରି ୨୫ ରୁ ୨୯ କନ୍ଧମାଳ ମହୋତ୍ସବ

କନ୍ଧମାଳ, ୦୯/୧୧ (ନି.ପ୍ର): ଜାନୁଆରୀ ମାସ ୨୫ରୁ ୨୯ ଯାଏ ୫ ଦିନ ବ୍ୟାପୀ ସଦର ମହକୁମା ଫୁଲବାଣୀ ଠାରେ ଜ଼ିଲ୍ଲାର କଳା ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣିବା ପାଇଁ କନ୍ଧମାଳ ମହୋତ୍ସବ ୨୦୨୩ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଅପରାହ୍ନ ଚାରିଟାରେ ଜ଼ିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କରୋନା ସଂକ୍ରମଣ ପାଇଁ ତିନି ବର୍ଷ ଧରି ବନ୍ଦ ଥିଲା ମହୋତ୍ସବ। କନ୍ଧମାଳ ମହୋତ୍ସବକୁ ଆକର୍ଷଣୀୟ କରିବା ସହ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ଅଭ୍ୟର୍ଥନା କମିଟି, ପରିଚାଳନା କମିଟି, ଅର୍ଥ କମିଟି, ସଭେନିୟର କମିଟି, ଖାଦ୍ୟ କମିଟି, ସାଂସ୍କୃତିକ କମିଟି ଆଦି ପନ୍ଦରଟି କମିଟି ଗଠନ ହୋଇଛି। ପ୍ରତ୍ୟହ ସନ୍ଧ୍ୟାରେ ଜିଲ୍ଲା ଓ ଜିଲ୍ଲା ବାହାର ଓ ରାଜ୍ୟ ବାହାର ନାମୀ ଦାମୀ କଳାକାର ମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଅନ୍ୟ ମାନଙ୍କମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ଡ଼ିଆରଡିଏ ବିଶ୍ୱରଂଜନ ନାୟକ, ଉପଜିଲ୍ଲାପାଳ ଫୁଲବାଣୀ ଶେଷ ଦେବ ମିଶ୍ର, ପିଏ ଆଇଟିଡିଏ ନରେଶ ଶବର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଭାକର ମହାରଣା, ଓରମାସ ମୁଖ୍ୟ ଦୁର୍ଗାପ୍ରସାଦ ଭୂୟାଁଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କୁଇ ନେତା ଲମ୍ବୋଦର କହଁର, ବୁଦ୍ଧିଜୀବୀ, କଳାକାର, ସାମ୍ବାଦିକ, ବରିଷ୍ଠ ନାଗରିକ, ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ବରିଷ୍ଠ ସାମ୍ବାଦିକ ଡ଼ଃ. ଅରୂପ ଜେନା ପରାମର୍ଶ ଦେଇଥିଲେ।

# ଭାରତବିକାଶ ପରିଷଦ ପକ୍ଷରୁ ସଚେତନତା ଶିବିର

ପୁରୀ, ୦୯/୧୧ (ନି.ପ୍ର): ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖାପକ୍ଷରୁ ସରକାରୀ ମହିଳା ମହାବିଦ୍ୟାଳୟଠାରେ ଆନେମିଆ ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ରକ୍ତହୀନତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଫାଷ୍ଟ ଫୁଡ୍ ପରିତ୍ୟାଗ କରିବା, ଜଙ୍କ ଫୁଡ୍ ନଖାଇବା ଓ କୃତ୍ରିମ ଖାଦ୍ୟକୁ ପରିହାର କରି ସଜନା ଶାଗ, ଟମାଟୋ, ବାଇଗଣ ପରି ସବୁଜ ପନିପରିବା ଡାଳିମ୍ବ ଆଦି ପ୍ରାକୃତିକ ଖାଦ୍ୟ ସେବନ କଲେ ରକ୍ତହୀନତା ଦୂର ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଏଥିରେ କଲେଜର ଅଧକ୍ଷା ଡକ୍ଟର ଅଞ୍ଜନୀ ଶୁକ୍ଲା ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତହୀନତା, କୁପୋଷଣ ସଂପର୍କରେ ମହିଳା କିଶୋରୀମାନେ ସଚେତନ ହେବାପାଇଁ ପରାମର୍ଶ ଦେଇଥିଲେ। ପୁଷ୍ଟିହୀନତା ଓ ରକ୍ତହୀନତା ଆଜିର ସମାଜରେ ଏକ ଆହ୍ୱାନ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡାକ୍ତର ନାରାୟଣ ଚନ୍ଦ୍ର ଦାଶ ଯୋଗଦେଇ ରକ୍ତରେ ଥିବା ଲୋହିତ ରକ୍ତକଣିକା ଓ ହେମୋଗ୍ଲୋବିନ୍ ପରିମାଣ କମ୍ ଥିଲେ ଏହି ରୋଗ ସୃଷ୍ଟିହୋଇଥାଏ ବୋଲି ମତ ଦେଇଥିଲେ। ରକ୍ତହୀନତା ରୋଗ ହେଲେ ରକ୍ତରେ ଅମ୍ଳଜାନ କମିବା, ଥକାପଣ, ଦୁର୍ବଳତା ଓ ବ୍ୟାୟାମରେ ଅକ୍ଷମତା ଦେଖାଦିଏ। ଅଧିକାଂଶ ମହିଳା ଲୌହ ଅଭାବ ଜନିତ ଆନିମିଆ ରୋଗରେ ପଡ଼ିଥାନ୍ତି। କଲେଜର ପ୍ରଶାସନିକ ମୁଖ୍ୟ ଡକ୍ଟର ନିବେଦିତା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡକ୍ଟର ଅନୁପମା ମହାପାତ୍ର, ପରିଷଦର ଉପସଭାପତି ସୁପ୍ରୀତି ରଥ, ଅଧ୍ୟାପକ ରାକେଶ ଚନ୍ଦ୍ର ମିଶ୍ର, ସଂପାଦକ ସୌମେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ୫୦୦ ଜଣ ଛାତ୍ରୀଙ୍କୁ ରକ୍ତ ପରୀକ୍ଷଣ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବରେଡକ୍ରସ, ଏନ୍‌ସିସି, ସ୍ୱେଚ୍ଛାସେବୀଙ୍କ ସମେତ ସନ୍ତୋଷ ମହାନ୍ତି, ପୀତାମ୍ବର ମହାପାତ୍ର, ନିମେଇ ସାହୁ, ଶରତ ଜୟସିଂହ, କିଶୋର ପଟ୍ଟନାୟକ, କବିତା ପଟ୍ଟନାୟକ, ଜୟନ୍ତୀ ମହାପାତ୍ର, ଅନସୂୟା ମଂଗରାଜ, ଲାଲା ଅନନ୍ତ କୁମାର ସିଂ, ଅଧ୍ୟାପକ ନେତ୍ରାନନ୍ଦ ଦାଶ, ପ୍ରମୋଦ ଷଡ଼ଙ୍ଗୀ, ମଂଜୁ ମହାଲି, ମାନସୀ ବାକ୍ସି ପ୍ରମୁଖ ପରିଚ୍ଳନାରେ ସହଯୋଗ କରିଥିଲେ।

# ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସମୀକ୍ଷା ବୈଠକ

ପୁରୀ, ୦୯/୧୧ (ନି.ପ୍ର): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଗତ ମାସ ୯ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆଜି ଅର୍ଥାତ ଡିସେମ୍ବର ୮ ତାରିଖରେ ପରିସମାପ୍ତ ହୋଇଛି। ଏ ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ଏକ ବୈଠକ ଆଜି ପୂର୍ବାହ୍ନରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଏହି ସଂଶୋଧନ ପ୍ରକ୍ରିୟାରେ ୨୨୭୩୯ ଜଣ ନୂଆ ଭୋଟର ମାନେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ, ଭୋଟର ତାଲିକାରେ ତଥ୍ୟ ସଂଶୋଧନ ପାଇଁ ୭୧୧୪ ଜଣ ଓ ୧୨୨୬୩ ଜଣଙ୍କ ନାମ ଭୋଟର ତାଲିକାରୁ ବାଦ ପାଇଁ ଆବେଦନ ପତ୍ର ମିଳିଥିବା ସୂଚନା ଦେଇଥିଲେ। ଉପଜିଲ୍ଲାପାଳ ଭବତାରଣ ସାହୁ ଏକ ସୁସ୍ଥ ଓ ସଠିକ ଭୋଟର ତାଲିକା ପ୍ରସ୍ତୁତ ପାଇଁ ସମସ୍ତଙ୍କ, ବିଶେଷ କରି ରାଜନୈତିକ ଦଳର ସହଯୋଗ ଜରୁରୀ। ବର୍ତ୍ତମାନ ଭୋଟର ତାଲିକା ସହ ଆଧାର ସଂଯୋଗର କାର୍ଯ୍ୟ ଚାଲିଥିବାରୁ ଏଥିରେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ରାଜବଲ୍ଲଭ ନାୟକ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ।

# ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ଯୋଗାଇଛି ଜୀବିକା : ଧୂପକାଠି ଦେଉଛି ମହିଳାଙ୍କୁ ରୋଜଗାର

ମାଲକାନଗିରି, ୦୯/୧୧ (ନି.ପ୍ର): ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଓଡ଼ିଶା ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଏଥିପାଇଁ ମିଶନ ଶକ୍ତି ଗଠନ କରାଯାଇ ଗ୍ରାମାଂଚଳରେ ରହୁଥିବା ଅଶିକ୍ଷିତ ମହିଳାମାନଙ୍କୁ ରୋଜଗାର ଦେବାକୁ ଓଡ଼ିଶା ଜୀବିକା ମିଶନ କାମ କରୁଛି।
ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ସହାୟତାରେ କାଲିମେଳା ବ୍ଲକର ବଦଲି ପଂଚାୟତ ଏମଭି-୩୯ ଗ୍ରାମର ମହିଳାମାନେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ କରିଛନ୍ତି। ଏସ୍‌ଏଚ୍‌ଜି ର ସଦସ୍ୟମାନେ ଧୂପକାଠି ତିଆରି କରି ସ୍ୱାବଲମ୍ବୀ ହେବା ସହ ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏହି ଏମଭି- ୩୯ ଗ୍ରାମରେ ରହିଛି ଜୟ ମା ' କାଳୀସ୍ୱୟଂ ସହାୟକ ଗୋଷ୍ଠୀ। ଏହି ଏସ୍‌ଏଚ୍‌ଜି ରେ ୧୦ ଜଣ ମହିଳା ରହିଥିବା ବେଳେ ଓଡ଼ିଶା ଜୀବିକା ମିଶନ ସହାୟତାରେ ବ୍ୟାଙ୍କରୁ ୧ ଲକ୍ଷ ଟଙ୍କା ଋଣ ଆଣି ଆରମ୍ଭ କରିଛନ୍ତି ଧୂପକାଠି ବ୍ୟବସାୟ। ଏହି ଅର୍ଥରେ ଏକ ଧୂପକାଠି ତିଆରି ମେସିନ୍ କିଣିବା ସହିତ ଭୁବନେଶ୍ୱର ଓ ବ୍ରହ୍ମପୁରରୁ କଂଚାମାଲ ସହ ବିଭିନ୍ନ କିସମର ଜରି ପ୍ୟାକିଙ୍ଗ, ବାଉଁଶ କାଠି କିଣି ଏଥିରେ ଧୂପକାଠି ତିଆରି କରୁଛନ୍ତି। ଏଥିସହ ପ୍ରିମିକ୍ସିଂ ପାଉଡ଼ର, ବିଭିନ୍ନ ଅତର ଆଦି କିଣି ଧୂପକାଠି ତିଆରିରେ ବ୍ୟବହାର କରାଯାଉଛି। ୧୦ ଜଣ ସଦସ୍ୟାଙ୍କ ମଧ୍ୟରୁ କିଏ ମେସିନରେ ବସି ଧୂପକାଠି ତିଆରି କରୁଛନ୍ତି ତ ଆଉ କିଏ ଧୂପକାଠି ଗଣି ପ୍ୟାକିଙ୍ଗ କରିବାରେ ବ୍ୟସ୍ତ। ଘରେ ବସିବା ଅପେକ୍ଷା ଧୂପକାଠି ତିଆରି ନିଜ ପରିବାର ଚଳାଇ ପାରୁଛୁ ବୋଲି ମହିଳାମାନେ କହିଛନ୍ତି।
ଏଠାରେ ୫ ଟଙ୍କା ଠାରୁ ଆରମ୍ଭ କରି ୧୨୦ ଟଙ୍କା ପର୍ଯ୍ୟନ୍ତ ଧୂପକାଠି ମିଳେ। ପାଇନ୍ ଆପୁଲ, ସାମ୍ବାଲ, ମୋଗରା, ଗୁଲାବ ଭଳି ପ୍ରାୟ ୨୦ କିସମର ବିଭିନ୍ନ ସୁଗନ୍ଧଯୁକ୍ତ ଧୂପକାଠି ପ୍ରସ୍ତୁତ କରାଯାଉଛି। ବଜାର ଅପେକ୍ଷା ଏହି ଧୂପକାଠିର ଦର ଟିକିଏ କମ୍ ରହୁଥିବାରୁ ବ୍ୟବସାୟୀମାନେ ଏଠାରୁ ଧୂପକାଠି କିଣି ଦୋକାନରେ ବିକ୍ରି କରିବାକୁ ପସନ୍ଦ କରୁଥିବା ସ୍ଥାନୀୟ ଜଣେ ବ୍ୟବସାୟୀ କହିଛନ୍ତି। ତେବେ ନିଜସ୍ୱ ବ୍ରାଣ୍ଡ ନଥିବାରୁ ମହିଳାମାନେ ବିଭିନ୍ନ ଲୋକାଲ ପ୍ୟାକେଟ୍ ସେଥିରେ ବ୍ରାଣ୍ଡର ଆଣି ଧୂପକାଠି ପ୍ୟାକିଙ୍ଗ କରି ବଜାରକୁ ଛାଡୁଛନ୍ତି। ଯଦି ନିଜସ୍ୱ ବ୍ରାଣ୍ଡ ମିଳେ ତେବେ ଏହା ଜିଲ୍ଲା ତଥା ଜିଲ୍ଲା ବାହାରେ ବେଶ ଆଦୃତ ହୋଇପାରିଥାନ୍ତା ଏବଂ ବର୍ତ୍ତମାନ ବିଶାଖା ରାଣୀଙ୍କ ଘରେ ଏହି ଉଦ୍ୟୋଗ ଅସ୍ଥାୟୀ ଭାବେ ଚାଲିଥିବା ବେଳେ ଏଥିପାଇଁ ଏକ ସ୍ଥାୟୀ ଘରର ଆବଶ୍ୟକତା ରହିଛି ବୋଲି କହିଛନ୍ତି ସ୍ୱୟଂସହାୟକ ଗୋଷ୍ଠୀର ସଂପାଦିକା ବିଶାଖା ରାଣୀ ସରକାର।
ତେବେ ଏହି ଧୂପକାଠି ଉଦ୍ୟୋଗକୁ ଆଗକୁ ବଢ଼ାଇବା ପାଇଁ ଯଦି ଆର୍ଥିକ କିମ୍ବା ବୈଷୟିକ ସହାୟତା ଆବଶ୍ୟକ ପଡ଼େ ତେବେ ଓଡ଼ିଶା ଜୀବିକା ମିଶନ ତରଫରୁ ଆମେ ଯଥା ସମ୍ଭବ ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛୁ ବୋଲି କହିଛନ୍ତି ଓଏଲଏମ୍ କାଲିମେଳା ବ୍ଲକର ସଂଯୋଜକ ରତନ ଗୋଲଦାର। ତେବେ ଦେଖିବାକୁ ବାକି ରହିଲା ସରକାର ଏହି ଧୂପକାଠି ଉଦ୍ୟୋଗକୁ କେବେ ସହାୟତର ହାତ ବଢ଼େଇବେ।

# ପ୍ରସ୍ତାବିତ ମହାଲକ୍ଷ୍ମୀ ମନ୍ଦିରର ଶିଳାନ୍ୟାସ : ସାଧୁସନ୍ଥଙ୍କ ଗହଳୀରେ ଉତ୍ସବ ମୁଖର ପୀଠ, ବସିଲା ବିଗ୍ରହ

କୋରେଇ, ୦୯/୧୧ (ନି.ପ୍ର): ପାଣିକୋଇଲି ଅଳତିରି ଗ୍ରାମର ରାଧାରମଣ ଜୀୟୁ ଆନୁକୂଲ୍ୟରେ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ କରୁଣାମୟୀ ମା ଶ୍ରୀଶ୍ରୀ ମହାଲକ୍ଷ୍ମୀଙ୍କ ଭବ୍ୟମନ୍ଦିର ନିର୍ମାଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥି ନିମନ୍ତେ ଡିସେମ୍ବର ୮ତାରିଖ ଶିଳାନ୍ୟାସ ଉତ୍ସବ ଓ ମହୋତ୍ସବ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିବା ବେଳେ ଆଜି ଶିଳାନ୍ୟାସ ସହ ବିଗ୍ରହ ସ୍ଥାପନ, ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ସାଧୁସନ୍ଥ ଓ ୧୦ ହଜାରରୁ ଉର୍ଦ୍ଧ ଭକ୍ତଙ୍କ ସମାଗମ ହୋଇଥିଲା। ନାମ ସଂକୀର୍ତ୍ତନ, ଶଙ୍ଖ, ଘଂଟ, ହୁଳହୁଳୀରେ ପ୍ରକମ୍ପିତ ହୋଇଥିଲା ଶିଳାନ୍ୟାସ ସ୍ଥାନ। ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ଗୁଆ ନିମନ୍ତ୍ରଣ କରାଯାଇଥିଲା। ଶହ ଶହ ସଂଖ୍ୟାରେ ଭକ୍ତ ଓ ଦର୍ଶକ ଆଜି ପହଂଚିଥିଲେ। ସେମାନଙ୍କ ପାଇଁ ସମୂହ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହି ମନ୍ଦିର ପରିସରରେ ନିଶୁଳ୍କ ବିବାହ ଓ ବ୍ରତୋପନୟନ, ଗୋ ରକ୍ଷା, ଗୋ ସେବା, ଗୋ ପୂଜନ ଓ ଗୋ ବିଜ୍ଞାନ କେନ୍ଦ୍ର ବ୍ୟବସ୍ଥା, ଗୁରୁକୁଳ ଆଶ୍ରମ ଓ ଜରାଶ୍ରମ କରାଯିବାର ପରିକଳ୍ପନା ରହିଛି। ଭୂମିପୂଜନ ସହ କ୍ଷେତ୍ର ପରିଦର୍ଶନରେ ଆଜି ସାଧୁସନ୍ଥ ମାନେ ଆସିଥିଲେ। ଏଥିସହିତ ଭୂମିପୂଜନ କାର୍ଯ୍ୟକ୍ରମ ସାଧୁସନ୍ଥଙ୍କ ଦ୍ୱାରା ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ କରାଯାଇଥିଲା। ଏହି ପୂଣ୍ୟକାର୍ଯ୍ୟରେ ସମସ୍ତେ ଯୋଗଦେଇ ବିଭୂକୃପା ଲାଭ କରିଥିଲେ। ବିଭିନ୍ନ ସେଲିବ୍ରେଟି, ପ୍ରତିଷ୍ଠାତା ସଦସ୍ୟ, ରାଜନେତା, ସମାଜସେବୀଙ୍କ ସମେତ କୋରାଇ ବିଧାୟକ ଅଶୋକ କୁମାର ବଳ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସମସ୍ତଙ୍କ ସହଯୋଗରେ ଖୁବ ଶିଘ୍ର ମନ୍ଦିର କାର୍ଯ୍ୟ ଆରମ୍ଭ କରାଯିବା ସହ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଦେବଦତ ରାୟ, ନାରାୟଣ ପଣ୍ଡା, ଅନୀଲ ସେଠୀ, ଅରବିନ୍ଦ ପଟ୍ଟନାୟକ, ମନୁଆ ନାୟକ, ପ୍ରମୋଦ ପଣ୍ଡା, ଦିଲ୍ଲୀପ କୁମାର ଓଝା, ଜିତେନ୍ଦ୍ର ବେହେରାଙ୍କ ସମେତ ସ୍ଥାନୀୟ ଅଂଚଳର ଯୁବକ / ଯୁବତୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥି ସହିତ ଅଳତିରି ରାଧାରମଣ ଜୀଉ ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଭତା ପାଇଁ ଅଡିଶନ ଦେଲେ ୨୪ କଳାକାର

କେନ୍ଦ୍ରାପଡ଼ା, ୦୯/୧୧ (ନି.ପ୍ର): ରାଜ୍ୟ ସରକାର ଗ୍ରାମାଂଚଳର ବିଭିନ୍ନ ବର୍ଗରମାନଙ୍କୁ ମାସିକ ଭତା ପ୍ରଦାନ କରିବା ନିଷ୍ପତି ନେଇଥିବାରୁ ଆବେଦନ କରିଥିବା କଳାକାରଙ୍କୁ ଚିହ୍ନଟ ପାଇଁ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଅଡିଶନ ଗ୍ରହଣ କରାଯାଇଛି। ଗୁରୁବାର ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ପୌରାଂଚଳର ୨୪ଜଣ କଳାକାରଙ୍କ ଅଡିଶନ ଗ୍ରହଣ କରାଯାଇଛି। ପୌରସଂସ୍ଥାର ଶ୍ରୀଦେବୀ ପରିଡାଙ୍କ ନେତୃତ୍ୱରେ ବିଚାରକମାନେ ଅଡିଶନର ମୂଲ୍ୟାୟନ କରି ରିପୋର୍ଟ ଦେବା ପରେ ଭତା ମଞ୍ଜୁର କରାଯିବ ବୋଲି ଜଣାପଡିଛି।

# ବଲାଙ୍ଗିର ଗାୟତ୍ରୀ ମନ୍ଦିରରେ ନାରୀ ଜାଗୃତି ଅଭିଯାନ ସମ୍ମେଳନ ସମ୍ପନ୍ନ

ବଲାଙ୍ଗିର, ୦୯/୧୧ (ନି.ପ୍ର): ବଲାଙ୍ଗିର ଖୁଜେନପାଲି କାମାକ୍ଷି ନଗର ସ୍ଥିତ ଗାୟତ୍ରୀ ମନ୍ଦିର ଠାରେ ଆଜି ଏକ ଦିବସୀୟ ନାରୀ ଜାଗୃତି ଅଭିଯାନ ସମ୍ମେଳନ ମହା ସମାରୋହରେ ସମ୍ପନ୍ନ ହୋଇଯାଇଛି। ଗାୟତ୍ରୀ ତୀର୍ଥ ଶାନ୍ତି କୁଞ୍ଜ ହରିଦ୍ୱାର ଦ୍ୱାରା ଚଳିତ ବର୍ଷ ୨୦୨୨ କୁ ନାରୀ ସଶକ୍ତିକରଣ ବର୍ଷ ରୂପେ ଘୋଷଣା କରାଯାଇଛି। ଏହି କ୍ରମରେ ବଲାଙ୍ଗିର ଗାୟତ୍ରୀ ପରିବାର ଟ୍ରଷ୍ଟ୍ ଆନୁକୁଲ୍ୟରେ ଏକ ଦିବସୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରାତଃ କାଳରୁ ଅଖଣ୍ଡ ଜପ, ଗାୟତ୍ରୀ ଯଜ୍ଞ କରାଯିବା ସହିତ ବୌଦ୍ଧିକ ଉଦବୋଧନ କ୍ରମରେ ଗାୟତ୍ରୀ ପରିବାରର ପ୍ରତିଷ୍ଠାତା ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଓ ପରମ ବନ୍ଦନୀୟ ମାତାଜି ଭଗବତୀ ଦେବୀ ଶର୍ମାଙ୍କ ସମଗ୍ର ଜୀବନ ଜନକଲ୍ୟାଣ ଉଦ୍ଦେଶ୍ୟରେ ସମର୍ପିତ। ସାମାଜିକ ଉତ୍ଥାନକୁ ରୀତି ଦୂରୀକରଣ, ନାରୀ ଜାଗରଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି ମତ ପ୍ରକାଶ ପାଇଥିଲା। ପରମ ବନ୍ଦନୀୟା ମାତାଜୀଙ୍କ ପ୍ରବଚନର ସଂକଳ୍ପ ଶକ୍ତି ଭିଡିଓ ସନ୍ଦେଶକୁ ସମସ୍ତ ପରିଜନ ଦେଖିବା ସହ ନିଜ ଜୀବନକୁ ସରସ କରିବା, ଘର ପରିବାର ଓ ସମାଜ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।
ଏହି କାର୍ଯ୍ୟକ୍ରମରେ ଗୁଜରାଟୀ ସମାଜରୁ ବହୁ ସଂଖ୍ୟାରେ ମାଆ ଭଉଣୀ, ଅନ୍ୟାନ୍ୟ ଭଉଣୀ ଓ ପରିବାରର ପରିଜନ ମାନେ ଯୋଗଦାନ କରିଥିଲେ। ଆଗାମୀ ଦିନରେ ନାରୀ ଜାଗରଣର ବିଭିନ୍ନ କାର୍ଯ୍ୟକ୍ରମର ରୁପରେଖ ପ୍ରସ୍ତୁତ କରାଯାଇଥିଲା ଓ ଏ ଦିଗରେ ସମସ୍ତେ ବିଭିନ୍ନ କାର୍ଯ୍ୟ ପ୍ରାରମ୍ଭ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

# ମାଲକାନଗିରି ମହାବିଦ୍ୟାଳୟର ଇତିହାସ ବିଭାଗ ତରଫରୁ ନବାଗତଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି, ୦୯/୧୧ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟର ଇତିହାସ ସଂମ୍ମାନ ବିଭାଗ ତରଫରୁ ନବାଗତଙ୍କ ନିମନ୍ତେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବର ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦେଇ ବିଭାଗର ତଥା ଛାତ୍ର ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନୀତ ଅତିଥି ଭାବେ ଅର୍ଥଶାସ୍ତ୍ର ବିଭାଗୀୟ ମୁଖ୍ୟ ଲିଙ୍ଗରାଜ ମିଶ୍ର ଯୋଗଦେଇ ଇତିହାସ ମହତ୍ୱ ଏବଂ ବିଭାଗର ଉନ୍ନତି କାର୍ଯ୍ୟକଳା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥିଭାବେ ବାଣିଜ୍ୟ ବିଭାଗର ମୁଖ୍ୟ ତଥା ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ଇତିହାସ କୃତିତ୍ୱର ଭୂୟସୀ ପ୍ରଶଂସା କରିଥିଲେ। ଇତିହାସ ବିଭାଗର ମୁଖ୍ୟ ନମିତା ଦଣ୍ଡସେନା ବିଭାଗ ବିଷୟରେ ସମ୍ୟକ ସୂଚନା ଦେବାସହ ନବାଗତ ଏବଂ ସମସ୍ତ ଛାତ୍ର ଛାତ୍ରୀଙ୍କୁ ମହାବିଦ୍ୟାଳୟ ତଥା ସମାଜ ପ୍ରତି ସେମାନଙ୍କ କର୍ତବ୍ୟ ବିଷୟରେ ସୂଚନା ଦେଇଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଭାଗର ଛାତ୍ରୀ ସବିତା କଚିମ ଏବଂ ରୀନା ମାଡ଼କାମି, ଯୁବ ମହୋତ୍ସବରେ ନିଜର କୃତିତ୍ୱ ଯୋଗୁଁ ପୁରସ୍କୃତ ହୋଇଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଆପଦାମିତ୍ର କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ର ଛାତ୍ରୀ ଯଥା ସଙ୍ଗୀତା ବଚାର, ରେହେନା ଖତୁନ, ତନ୍ମୟା ସାହୁ, ସୁନାଧର ହିଆଲ, ରଘୁ ସିସା, ରମେଶ ଗୋଲରୀ, ପ୍ରୀତମ ପଡିଆମୀ ଏବଂ ଅନନ୍ତ କୀର୍ସାନିଙ୍କୁ ବିଭାଗ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜାତୀୟ ସେବା ସଂସ୍ଥା ଦ୍ୱାରା ହିମାଚଳ ପ୍ରଦେଶରେ ଆୟୋଜିତ ଏଡ଼ଭେନଗରସ କ୍ୟାମ୍ପରେ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧ୍ୟାପିକା ପ୍ରେମରେଖା ଭତ୍ରା ଭାଗନେଇ ଥିଲେ। ଏହି ଉତ୍ସବରେ ପ୍ରେମରେଖାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସ୍ୱାଗତ ସଭାକୁ ଅଧ୍ୟାପକ ଜିମୁତ ନାୟକ ସଂଚାଳନ କରିଥିବାବେଳେ ଡ଼ଃ. ଗୋକୁଳାନନ୍ଦ ପାତ୍ର ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରବଳ ଉତ୍ସାହ ଏବଂ ଆନନ୍ଦ ମଧ୍ୟରେ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ସଭା ସମ୍ପାଦିତ ହୋଇଥିଲା।

# ବନ୍ଧଗଡରେ ୱାର୍ଡ ସଭ୍ୟ ଓ ସଭ୍ୟାମାନଙ୍କ ପ୍ରଶିକ୍ଷଣ ଶିବିର

କନ୍ଧମାଳ, ୦୯/୧୧ (ନି.ପ୍ର): ଫୁଲବାଣୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଜିଲ୍ଲା ପରିଷଦ କନ୍ଧମାଳଙ୍କ ମିଳିତ ସହଯୋଗ ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଏବଂ ପଂଚାୟତି ରାଜ ବିଭାଗ ଓଡିଶାଙ୍କ ସହାୟତାରେ ଏବଂ ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳକ ମନୋଜ କୁମାର ପ୍ରଧାନ ଙ୍କ ତତ୍ୱାବଧାନ ରେ ବନ୍ଧଗଡ ଠାରେ ଥିବା ତାଲିମ୍ କେନ୍ଦ୍ରରେ ତିନି (୫ ରୁ ୭ ଡିସେମ୍ବର) ଦିନିଆ ଓ୍ୱାର୍ଡ ସଭ୍ୟ ଓ ସଭ୍ୟା ମାନଙ୍କ ପ୍ରଶିକ୍ଷଣ ତାଲିମ ଉଦ୍‌ଜାପିତ ହୋଇଯାଇଛି। ଉଦଯାପନି ସଭାରେ ସ୍ୱାତୀ ର ଅଧଖ୍ୟ ପ୍ରଶାନ୍ତ ଶତପଥୀ ଯୋଗଦେଇ ଅଂଶଗ୍ରହଣ କାରି ଙ୍କୁ ମାନପତ୍ର ପ୍ରଦାନ ସହିତ ପଂଚାୟତୀ ରାଜ ବ୍ୟବସ୍ଥା ରେ ତୃଣମୂଳ ସ୍ଥରର ପୂର୍ଣ୍ଣାଙ୍ଗ ବିକାଶ ସମ୍ଭବ ମନ୍ତବ୍ୟ ରଖିଥିଲେ। ଏହି ତାଲିମ ର ମୂକ୍ଷ ଉଦେଶ୍ୟ ଶସକ୍ତ ଓ ମୋ ସ୍ୱପ୍ନ ର ପଂଚାୟତ ଗଢ଼ିବା ପାଇଁ ଗ୍ରାମ ପନଂଚାୟତ ସହ ମିସି, ଗ୍ରାମ ସ୍ଥରରୁ ଏକ ସଠିକ ଯୋଜନା ପ୍ରସ୍ତୁତ କରି ଜନସାଧାରଣ ଙ୍କ ପାଖରେ ସୁବିଧା ସୁଯୋଗ ପହନଂଚାଇବା। ଅନୁଷ୍ଠାନର ସଂପାଦକ ଇଂ. ହରିଶଙ୍କର ରାଉତ ପ୍ରସିକ୍ଷଣ ର ରୂପରେଖ ପ୍ରତି ଆନ୍ତରିକତା ସହ ଯୋଡିରହିବା ପାଇଁ ଜନପ୍ରତିନିଧି ମାନଙ୍କ ସହଯୋଗ ଲୋଡିଥିଲେ। ଏହି ପ୍ରଶିକ୍ଷଣରୁ କିଛି ଅନୁଭୁତି ନେଇ ଗ୍ରାମପଂଚାୟତକୁ ଏକ ସ୍ୱଛ ଓ ସୁନ୍ଦର କରିଗଢି ତୋଳିବା ପାଇଁ ଆଜିଠାରୁ ଚେଷ୍ଟା କରିବାକୁ ଅନୁରୋଧ କରିଥିଲେ। ଉକ୍ତ ତାଲିମ୍ କାର୍ଯ୍ୟକ୍ରମରେ ଫିରିଙ୍ଗିଆର ୫ ଗୋଟି ପଂଚୟାତ ଯଥା ସଲାଗୁଡା, କ୍ରାଣ୍ଡିବାଲି, ନୂଆପଦର, ଡିମିରିଗୁଡା ଓ ପବିଙ୍ଗିଆ ରୁ ୪୭ ରୁ ଉର୍ଦ୍ଧ ଓ୍ୱାର୍ଡ ସଭ୍ୟ ଓ ସଭ୍ୟା ମାନେ ଉପସ୍ଥିତ ହୋଇଥିବା ବେଳେ ତାଲିମଦାତା ଭାବେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଦ୍ୱାରା ତାଲିମ ପ୍ରାପ୍ତ କୈଳାଶ ଚନ୍ଦ୍ର ପାଢି ଓ ନିରଞ୍ଜନ ବେହେରା ଯୋଗ ଦେଇଥିଲେ। ଆଗାମି ଦିନରେ ଫିରିଙ୍ଗିଆ, ଫୁଲବାଣୀ ଓ ଖଜୁରିପଡା ପଂଚାୟତ ସମିତି ର ୪୯ ଗୋଟି ପଂଚାୟତରୁ ୧୫ ଗୋଟି ପଂଚାୟତ ର ସମସ୍ତ ଓ୍ୱାର୍ଡ ମେମ୍ବର ପ୍ରଶିକ୍ଷଣ ଦିଆ ସରିଥିବା ବେଳେ, ପର୍ଜାୟ କ୍ରମେ ଏହି ୩ ଟି ବ୍ଲକର ଅନ୍ୟ ବାକି ଥିବା ପଂଚାୟତ ର ସଭ୍ୟ ଓ ସଭ୍ୟାଙ୍କୁ ଆଗାମି ଜାନୁୟାରୀ ମାସ ଭିତରେ ସରିବା ପାଇଁ ଯୋଯନା କରାଯାଇଛି ବୋଲି ସ୍ୱାତୀର ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର କହିଥିଲେ। ସ୍ୱାତୀ ତରଫରୁ ଆଲୋକ ସାମନ୍ତରାଏ, ବିନୋଦ ବେହେରା ଓ ଏଲ୍. କିର୍ତି ରେଡି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରଞ୍ଜନ ରଶ୍ମୀ ନିଦାନ କେନ୍ଦ୍ରରେ ଥିବା ମାମୋଗ୍ରାଫିକ୍ସ ମେସିନ୍ ଦୀର୍ଘ ମାସ ହେବ ଅଚଳ

ଗଞ୍ଜାମ, ୦୯/୧୧ (ନି.ପ୍ର): ଏମକେସିଜି ମେଡିକାଲର ରଞ୍ଜନ ରଶ୍ମୀ ନିଦାନ କେନ୍ଦ୍ରରେ ଥିବା ମାମୋଗ୍ରାଫିକ୍ସ ମେସିନ୍ ଦୀର୍ଘ ମାସ ହେବ ଅଚଳ ଅବସ୍ଥାରେ ପଡ଼ି ରହିଛି। ଉକ୍ତ ମେସିନ ସାହାଯ୍ୟରେ ବ୍ରେଷ୍ଟ କ୍ୟାନସର (ସ୍ତନ କର୍କଟ)ର ଚିହ୍ନଟ ସହ ସ୍ତନ ସମ୍ବନ୍ଧୀୟ ଅନେକ ରୋଗ ଚିହ୍ନଟ କରାଯାଇଥାଏ। କିନ୍ତୁ, କୌଣସି ଯାନ୍ତ୍ରିକ ତ୍ରୁଟି ନିମନ୍ତେ ଏହି ମେସିନ୍ ଅଚଳ ହୋଇଥିବା ବେଳେ ଏହାକୁ ମରାମତି କରାଯାଉ ନାହିଁ। ମେଡିକାଲରେ ଏଭଳି ଏକ ମାତ୍ର ମେସିନ ରହିଥିବା ବେଳେ ବିଭିନ୍ନ ବିଭାଗକୁ ଆସିଥିବା ରୋଗୀ ଉକ୍ତ ମେସିନ ଉପରେ ନିର୍ଭର କରନ୍ତି। ହେଲେ ଅନେକ ମାସ ହେବ ମେସିନଟି ଅଚଳ ରହିଥିବାରୁ ମେଡ଼ିକାଲକୁ ଆସୁଥିବା ଅନେକ ରୋଗୀ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଏହା ସହ ଅନେକ ରୋଗୀ ଉକ୍ତ ପରୀକ୍ଷା ନିମନ୍ତେ ଘରୋଇ ଡ଼ାଗ୍ନୋଷ୍ଟିକ ସେଂଟରକୁ ଯାଉଛନ୍ତି। ମେଡ଼ିକାଲରେ ଏଭଳି ବ୍ୟବସ୍ଥା ନିମନ୍ତେ ଘରୋଇ ଡ଼ାଗ୍ନୋଷ୍ଟିକ ସେଂଟର ଗୁଡ଼ିକ ରୋଗୀଙ୍କ ଠାରୁ ଏହି ପରୀକ୍ଷା ନିମନ୍ତେ ଅଢେଇ ହଜାର ଠାରୁ ତିନି ହଜାର ଟଙ୍କା ନେଇ ଥାଆନ୍ତି। ଯାହାକୁ ଜଣେ ସାଧାରଣ ରୋଗୀଙ୍କ ପାଇଁ ଅତି କଷ୍ଟକର ଅଟେ। ଅନ୍ୟପକ୍ଷରେ ଏଭଳି ଏକ ମେସିନ ବଡ଼ ମେଡିକାଲ ନିକଟରେ ଥିବା ଏକ ଘରୋଇ ଡ଼ାଗ୍ନୋଷ୍ଟିକ ସେଂଟରରେ ଥିବାବେଳେ ଏମକେସିଜିର ରଞ୍ଜନ ରଶ୍ମୀ ବିଭାଗର ଜଣେ ବରିଷ୍ଠ ଡାକ୍ତର ଉକ୍ତ ସ୍ଥାନକୁ ରୋଗୀଙ୍କ ପରୀକ୍ଷା ନିମନ୍ତେ ଯାଉଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଘରୋଇ ଡ଼ାଗ୍ନୋଷ୍ଟିକ ସେଣ୍ଟର ମାନେ ଭଲ ବ୍ୟବସାୟ କରୁଛନ୍ତି। ତେଣୁ ମେଡିକାଲ କର୍ତୁପକ୍ଷ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ବୈଠକ

ଜୟପୁର, ୦୯/୧୧ (ନି.ପ୍ର): ଆଜି ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ବୈଠକ ସ୍ଥାନୀୟ ଯାଦବ ଭବନ ଠାରେ ଆବାହକ ତଥା ଫାଷ୍ଟ ୟୁନିଅନ ସଭାପତି ପ୍ରମୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୯ ତାରିଖ ଦିନ ଜିଲ୍ଲାପାଳଙ୍କ ଦପ୍ତରରେ ହେବାକୁ ଥିବା ବୈଠକ ଏବଂ ତା'ର ଫଳାଫଳକୁ ନେଇ ପରବର୍ତୀ କାର୍ଯ୍ୟକ୍ରମ ସ୍ଥିର କରାଯିବ ବୋଲି ଆଲୋଚନା ଚାଲିଥିଲା ବେଳେ ଶ୍ରମ ବିଭାଗ ଅଧିକାରୀଙ୍କ ଅଫିସ୍ ରୁ ଜରୁରୀ ଚିଠି ଆସିଲା ଯେ, ଜିଲ୍ଲାପାଳ ପ୍ରସ୍ତାବିତ ମିଟିଂ ସ୍ଥଗିତ ରଖିଛନ୍ତି। ପରବର୍ତୀ ତାରିଖ ଜଣେଇବେ। ଜିଲ୍ଲାପାଳଙ୍କ ବୈଠକ ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଇତି ମଧ୍ୟରେ ରାଜ୍ୟ ସରକାର ନୂତନ ମଦର ଆର୍ଥ୍ କମ୍ପାନୀକୁ ଦେଇଥିବା ଏନ୍ ଓ ସି ସମ୍ବନ୍ଧରେ ଆର୍ ଟି ଆଇ ରେ ଇଡକଲ ଠାରୁ ତଥ୍ୟ ମଗାଯିବା ପାଇଁ ପଦକ୍ଷେପ ନିଆଯିବ। ଏ ସବୁ ମିଳିବା ପରେ ଆବଶ୍ୟକ ସ୍ଥଳେ ଆଇନ୍ ଅଦାଲତର ସହାୟତା ମଧ୍ୟ ନିଆଯିବ। ଗତ ୨୭.୧୧.୨୦୨୨ ଠାରୁ ଆଜି ପର୍ଯ୍ୟନ୍ତ କାରଖାନା ବନ୍ଦ ରହିଛି। ଆଇନ୍ ଅଦାଲତକୁ ରାଜ୍ୟ ସରକାରଙ୍କ ଇଡିକଲ୍, ମୁଖ୍ୟ ଶାସନ ସଚିବ, ଶିଳ୍ପ ଓ ଶ୍ରମ ସଚିବଙ୍କୁ ପକ୍ଷଭୁକ୍ତ କରାଯିବ।

# ମୁଖ୍ୟମନ୍ତ୍ରୀଙ୍କୁ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ମହାସଂଘ ପକ୍ଷରୁ ଦାବିପତ୍ର

କେନ୍ଦ୍ରାପଡ଼ା, ୦୯/୧୧ (ନି.ପ୍ର): ଓଡିଶା ରାଜ୍ୟ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ମହାସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ଏକ ୫ ଦଫା ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଓଡିଶା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନରେ ତୃଣମୂଳ ସ୍ତରରେ ପ୍ରାୟ ୨୦ ହଜାର ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟ କରୁଥିବା ବେଳେ ଦୀର୍ଘଦିନ ଧରି ସେମାନଙ୍କର ନାର୍ଯ୍ୟ ଦାବି ପ୍ରତି ସରକାର ଉଦାସୀନ ରହିଛନ୍ତି। ପ୍ରତ୍ୟେକ ସରକାରୀ କର୍ମଚାରୀ ନିଜର ଚାକିରୀ କାଳ ମଧ୍ୟରେ ସର୍ବନିମ୍ନ ପ୍ରାୟ ୪ଟି ପଦ୍ୟୋନ୍ନତି ପାଉଥିବା ବେଳେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ମାନେ ମାତ୍ର ଗୋଟିଏ ପଦ୍ୟୋନ୍ନତି ପାଉଛନ୍ତି। କିମ୍ବା ବିନା ପଦ୍ୟୋନ୍ନତିରେ ଅବସର ଗ୍ରହଣ କରୁଛନ୍ତି। ୫ ଦଫା ଦାବି ମଧ୍ୟରେ କ୍ୟାଡର ପୁନଗଠନ କରି ୪ଟି ପଦ୍ୟୋନ୍ନତି ଦେବା, ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ୩.୧୧. ୨୦୨୦ ରେ ପ୍ରକାଶ ପାଇଥିବା ଚିଠିକୁ ପ୍ରତ୍ୟାହର କରି ଆରଏସିପି ଲାଗୁ କରିବା, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଠିକା ସମୟକୁ ଚାକିରୀରେ ମିଶାଇ ୬ ଟି ନ୍ୟାସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା ପଦବୀର ନାମ ପରିବର୍ତନ ସହ ପୋଷାକ ଭତା ପ୍ରଦାନ କରିବା ଆଦି ଦାବି ଗୁଡିକ ରହିଛି। ୭ ଦିନ ମଧ୍ୟରେ ଏହି ଦାବି ଗୁଡିକ ପୂରଣ କରା ନଗଲେ ଚଳିତ ମାସ ୨୧ ତାରିଖ ଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବା ସହ ଏହି ସ୍ୱାସ୍ଥ୍ୟକର୍ମୀ ମାନେ ସମସ୍ତ ପ୍ରକାର କାର୍ଯ୍ୟକୁ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ସଭାପତି ମିନତୀ ନାୟକଙ୍କ ନେତୃତ୍ୱରେ ସଂପାଦକ ଜୀବନ ଜ୍ୟୋତି ବେହେରା, ଅନିଲ କୁମାର ପରିଡା, ରାମାକନ୍ତ ପ୍ରଧାନ, ସୁରେନ୍ଦ୍ର ମାଝି, ପ୍ରଫୁଲ୍ଲ କୁମାର ଉପାଧାୟ ପ୍ରମୁଖ ଡେପୁଟି କଲେକ୍ଟର ରାଜେନ୍ଦ୍ର ଆଚାରିଆଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ : ୪ ଦୋକାନ ଓ ହୋଟେଲ ଭସ୍ମୀଭୂତ

ବାରିପଦା, ୦୯/୧୨ (ନି.ପ୍ର): ବାରିପଦା ମୁଖ୍ୟ ଡାକଘର ପାଖ ସରକାରୀ ବସଷ୍ଟାଣ୍ଡ ସମ୍ମୁଖରେ ବୁଧବାର ବିଳମ୍ବିତ ରାତି ପ୍ରାୟ ୧.୩୦ ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଥିବାର ଜଣାଯାଇଛି । ଏହି ଅଗ୍ନିକାଣ୍ଡରେ ୨ଗୋଟି ବ୍ୟାଗ ଦୋକାନ, ଗୋଟିଏ ଡ୍ରେସ ଦୋକାନ ଏବଂ ଗୋଟିଏ ହୋଟେଲ ସଂପୂର୍ଣ୍ଣ ଭସ୍ମ ହୋଇଯାଇଥିବାର ଦେଖାଯାଇଛି । ଖବର ପାଇ ଘଟଣା ସ୍ଥଳରେ ବାରିପଦା ଦମକଳ ବାହୀନି ପହଂଚି ନିଆଁକୁ ଆୟତ କରିଥିଲେ ନଚେତ ଅଧିକ କ୍ଷୟକ୍ଷତି ହେବାର ଆଶଂକା ଥିଲା ବୋଲି ଜଣାଯାଇଛି । ତେବେ ବର୍ତ୍ତମାନ ସୁଦ୍ଧା କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଛି ତାହା ଅସ୍ପଷ୍ଟ ରହିଛି ।

## ମହିଳା ହିଂସା ବିରୋଧି ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୯/୧୨ (ନି.ପ୍ର): ନଭେମ୍ବର ୨୫ରୁ ଆରମ୍ଭ ହୋଇଥିବା ମହିଳା ହିଂସା ବିରୋଧି ୧୬ଦିନ ସଚେତନତା ଅଭିଯାନର ୧୩ଦିନ ଅବସରରେ ପୁରୁଣାବଜାର ସ୍ଥିତ ଆସିଆନା ସ୍ୱଧାର ଗୃହ ସଭା ଗୃହରେ ଜିଲ୍ଲା ଶିକ୍ଷ ବିକାଶ ସାଧାରଣ ପରିଚାଳକ ପିତାମ୍ବର ପରିଡାଙ୍କ ସଭାପତିତ୍ୱରେ ଏକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷ ବିକାଶ ଅଧିକାରୀ ଶଶିଶେଖର ବେହେରା ଅନ୍ତେବାସୀମାନଙ୍କୁ ବିଭିନ୍ନ ପ୍ରକାର ଦକ୍ଷତା ତାଲିମ ଦେବା ସଂଗେ ସଂଗେ ଭବିଷ୍ୟତରେ ଏହାକୁ କର୍ମରେ ଲଗାଇବା ପାଇଁ କହିଥିଲେ । ଆସିଆନାର ସଂଯୋଜକ ରିଆଜ ଅହମ୍ମଦ ଅତିଥି ପରିଚୟ କରିଥିଲେ । ଆସିଆନାର ପରାମର୍ଶ ଦାତ୍ରି ଅନିମା ପଣ୍ଡା ଏହି କ୍ୟାମ୍ପିଂର ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଶେଷରେ ଆସିଆନାର ସ୍ୱଧାର ଗୃହର ପରିଚାଳକା ସବାନା ସେକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱଧର ଗୃହ ଅନ୍ତେବାସୀ ଓ ମୁକ୍ତାଶ୍ରୟ କେନ୍ଦ୍ରର ଅନ୍ତେବାସୀମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଭାଗ୍ୟଶ୍ରୀ ମହାକୁଡ, ବିକାଶ ରାଉତ, ଶାନ୍ତିଲତା ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ନବୀନ ପଟ୍ଟନାୟକ ନିର୍ବାଚନକୁ ବ୍ୟୟବହୁଳ କରିଦେଲେଣି : ଜୟ ନାରାୟଣ ମିଶ୍ର

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ପଦ୍ମପୁରରେ କଂଗ୍ରେସ ଭୋଟ୍ ସମ୍ପୂର୍ଣ୍ଣ ଭାବେ ବିଜେଡି ନେଇଗଲା, ଯାହା ଆମ ପାଇଁ ବିପଦ ହେଲା । ବିଜେଡି ଜିତିବାର କାରଣ ଅର୍ଥବଳ, ବାହୁବଳ ଓ ସରକାରୀ କଳ । ନବୀନ ପଟ୍ଟନାୟକ ନିର୍ବାଚନକୁ ବ୍ୟୟବହୁଳ କରିଦେଲେଣି ବୋଲି ପଦ୍ମପୁରରେ ପରାଜୟକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର । ସେ କହିଛନ୍ତି ପଦ୍ମପୁରରେ ଜିତୁବୁ ବୋଲି ଆଶା ରଖିଥିଲୁ । ଗତଥର ଠାରୁ ବିଜେପିକୁ ଅଧିକ ଭୋଟ୍ ମିଳିଛି, କିନ୍ତୁ ଭୋଟ୍ ବ୍ୟବଧାନ ଅଧିକ ଥିଲା । ପଦ୍ମପୁର ପରାଜୟର ସମୀକ୍ଷା କରାଯିବ । ୨୦୨୪ରେ ବ୍ୟାପକ ଲଢ଼େଇ ହେବ । ଓଡ଼ିଶା ରାଜନୀତିରୁ କଂଗ୍ରେସ ବାହାରି ଗଲାଣି । ତେଣୁ ବିଜେଡି ଓ ବିଜେପି ମଧ୍ୟରେ ଲଢ଼େଇ ହେବ ବୋଲି ସେ କହିଛନ୍ତି । ଅପରପକ୍ଷରେ ବର୍ଷାଙ୍କୁ ବ୍ୟକ୍ତିଗତ ଆକ୍ଷେପ ହୋଇନାହିଁ । ସେ ପଦ୍ମପୁରର ଝିଅ, କଣାସର ବୋହୂ; ଏଥିରେ ଅସତ୍ୟ କଣ ବୋଲି ସେ କହିଛନ୍ତି ।

# ବେଆଇନ ନିଶା କାରବାର ନ ରୋକିଲେ ଏସପି ଅଫିସ ସମ୍ମୁଖରେ ଧାରଣା



ଭଦ୍ରକ, ୦୯/୧୨ (ନି.ପ୍ର): ଭଦ୍ରକରେ ଅପମିଶ୍ରିତ ଦେଶୀ, ନକଲି ବିଦେଶୀ ମଦ ଓ ଧଳା ଜହର (ବ୍ରାଉନସୁଗାର)ର ବେଆଇନ କାରବାର ବଢ଼ି ବଢ଼ି ଚାଲିଛି । ଏହି ବେଆଇନ କାରବାର ପଛରେ ଏକ ନିର୍ଦ୍ଦିଷ୍ଟ ନେଟୱାର୍କ କାର୍ଯ୍ୟ କରୁଛି । ଏହି ନେଟୱାର୍କ ଚଳାଉଥିବା ବ୍ୟକ୍ତି ବିଶେଷଙ୍କ ପଛରେ ରହିଛି କେତେକ ରାଜନୈତିକ ନେତା, ଅବକାରୀ ବିଭାଗ ଏବଂ ଜିଲ୍ଲା ଓ ପୁଲିସ ପ୍ରଶାସନର ଉଚ୍ଚ ଅଧିକାରୀଙ୍କ ଆର୍ଶୀବାଦ । ଏହି ବେଆଇନ କାରବାର ବିରୋଧରେ ୨ ବର୍ଷ ପୂର୍ବେ କଂଗ୍ରେସ ଏହାକୁ ଏକ ପ୍ରମୁଖ ପ୍ରସଙ୍ଗ କରିବା ସହିତ ଏହି ଘଟଣାରେ ଜଣେ ବିହାରୀ ବ୍ୟବସାୟୀ ଶ୍ୟାମନାରାୟଣ ଗୁପ୍ତାଙ୍କ ପରୋକ୍ଷ ସଂପୃକ୍ତି ଓ ତାଙ୍କ ସମ୍ପର୍କୀୟଙ୍କ ପ୍ରତ୍ୟେକ୍ଷ ସଂପୃକ୍ତିକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଥିଲା । ଶ୍ରୀ ଗୁପ୍ତାଙ୍କ କଳା ସାମ୍ରାଜ୍ୟର ରହସ୍ୟ ଭେଦ ପାଇଁ କଂଗ୍ରେସ ପକ୍ଷରୁ ବାରମ୍ବାର ଦାବିପତ୍ର ପ୍ରଦାନ କରିବା ସହ ଜିଲ୍ଲା ଆରକ୍ଷୀ ଅଧିକଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା । ପୁଲିସ ପ୍ରଶାସନ ଏଦିଗରେ ଉପଯୁକ୍ତ ପଦକ୍ଷେପ ନେନବ ବୋଲି ପ୍ରତିଶ୍ରୁତି ଦେଇ ଆଜି ପର୍ଯ୍ୟନ୍ତ ନିରବ ରହିଛି । ସେହିପରି ଭଦ୍ରକର ଅବକାରୀ ବିଭାଗ ମଧ ଚୁପ ବସିଛି । କାହା ସାହାସ ଓ ଅଦୃଷ୍ୟ ଶକ୍ତିର ଆର୍ଶୀବାଦ ବଳରେ ଶ୍ରୀ ଗୁପ୍ତା ନିଜର କଳା ସାମ୍ରାଜ୍ୟକୁ ବିସ୍ତାର କରିବାକୁ ସକ୍ଷମ ହୋଇଛି ତାହାର ପର୍ଦ୍ଦାଫାସ କରିବାକୁ ଓ ଭଦ୍ରକ ସହରକୁ ସମ୍ପୂର୍ଣ୍ଣ ବେଆଇନ ନିଶା କାରବାର କବଳରୁ ମୁକ୍ତ କରିବାକୁ ଭଦ୍ରକ ବିଧାନସଭା କଂଗ୍ରେସ ନେତା ନଳିନୀ ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତିଯେ ୨ ବର୍ଷ ପୂର୍ବେ ସେ ଶ୍ରୀ ଗୁପ୍ତାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆଣିଥିଲେ ତାହା ସତ୍ୟ ସାବ୍ୟସ୍ତ ହୋଇଛି । କାରଣ ଚଳିତ ମାସ ୬ ତାରିଖ ମଙ୍ଗଳବାର ଅବକାରୀ ବିଭାଗର ଏକ ଭ୍ରାମ୍ୟମାଣ ଟିମ ଦ୍ୱାରା ଅନ୍ନପାଳ ମଧୁସୂଦନପୁର ଗ୍ରାମରୁ ନକଲି ମଦ କାରବାର କରିବା ସମୟରେ ଗିରଫ ହୋଇଥିବା ସହଦେବ ପୃଷ୍ଟି ଗଣମାଧମ ଓ ଅବକାରୀ ବିଭାଗ ଅଧିକାରୀଙ୍କ ସମ୍ମୁଖରେ ସ୍ୱୀକାର କରିଛନ୍ତିଯେ ଏହି ମଦ ତାଙ୍କୁ ଭଦ୍ରକ 'ଆନନ୍ଦ' ହୋଟେଲ ମାଲିକ 'ଶ୍ୟାମ ନାରାୟଣ ଗୁପ୍ତା' ଯୋଗାଇଥିଲେ । ଯାହାକି ନକଲି ଥିଲା । କିନ୍ତୁ ଅବକାରୀ ବିଭାଗ ଏକ ସାଧାରଣ ମଦ ଜବତ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଛି । ଏହି ଅଭିଯୁକ୍ତକୁ ଅବକାରୀ ବିଭାଗ କେଉଁ କାରଣରୁ ରିମାଣ୍ଡରେ ଆଣି ଉକ୍ତ ନକଲି ମଦର ଉତ୍ସ ସମ୍ପର୍କରେ ଜାଣିବାକୁ ଚେଷ୍ଟା କଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି ଶ୍ରୀ ଗୁପ୍ତାଙ୍କ ବେଆଇନ ନକଲି ମଦ କାରବାରକୁ ସ୍ଥାନୀୟ ରାଜ ନେତା, ପୁଲିସ, ଅବକାରୀ ଓ ଜିଲ୍ଲା ପ୍ରଶାସନର ଉଚ୍ଚ ଅଧିକାରୀମାନେ ନୈତିକ ସମର୍ଥନ ଦେଉଛନ୍ତି । ଏହି କାରଣରୁ ଯଦି ଭଦ୍ରକରେ ମଦମୃତ୍ୟୁ ଘଟେ ତେବେ ଉପରୋକ୍ତ ୪ ବିଭାଗ ମଧ୍ୟରୁ କିଏ ନୈତିକ ଦାୟିତ୍ୱ ବହନ କରିବ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ତେଣୁ ଶ୍ୟାମନାରାୟଣ ଗୁପ୍ତାଙ୍କ ରାଜନୈତିକ ପୃଷ୍ଠପୋଷକତା ସମ୍ପର୍କରେ ତଦନ୍ତ କରିବା, ଶ୍ରୀ ଗୁପ୍ତାଙ୍କ ବେଆଇନ ମଦ କାରବାରର କଳା ସାମ୍ରାଜ୍ୟର ଉତ୍ସ ସମ୍ପର୍କରେ ଆୟକର ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି । ସେହିପରି ଶ୍ରୀ ଗୁପ୍ତା ଏବେ ସହର ମଧ୍ୟରେ ନିଜ ଓ ନିଜ ସମ୍ପର୍କୀୟଙ୍କ ନାମରେ ୧୧ଟି ମୂଲ୍ୟବାନ ପ୍ଲଟ କୁଆଁସ ଓ ମଠସାହି ମୌଜାରେ ରଖିଛନ୍ତି । ତେବେ ଠୁଳ କରିଥିବା ବିପୁଳ ପରିମାଣର ସମ୍ପତି ସମ୍ପର୍କରେ ପ୍ରବର୍ତନ ଇଡି ଓ ଆୟକର ବିଭାଗ ଦ୍ୱାରା ତଦନ୍ତ କରିବା, ସହରକୁ ବିହାରୀ ଗୁଣ୍ଡାଙ୍କ କବଳରୁ ରକ୍ଷା କରିବାକୁ ମଧ ଦେ ଦାବି କରିଛନ୍ତି । କେବଳ ଦେଶକିମ୍ବା ବିଦେଶୀ ନୁହେଁ, ଧଳା ଜହର କାରବାରର ମୂଳକୁ ଖୋଜିବା ସହିତ ଏହାର ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ।

## ରାଜ୍ୟ ସ୍ତରୀୟ କୁସ୍ତି ଚାମ୍ପିୟନସିପରେ ସିଦ୍ଧାର୍ଥଙ୍କ ସଫଳତା




ବାରିପଦା, ୦୯/୧୨ (ନି.ପ୍ର): ଓଡିଶା କୁସ୍ତି ଏସୋସିଏସନ ଆନୁକୂଲ୍ୟରେ ପୁରୀ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କୁସ୍ତି ଚାମ୍ପିୟନସିପରେ ମୟୂରଭଂଜର କୁସ୍ତିବାଜ ସିଦ୍ଧାର୍ଥ ଶଙ୍କର ମହାନ୍ତ ୫୭ କେଜି ସିନିଅର ଗ୍ରୁପରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଏହି ସଫଳତା ପାଇଁ ସେ ତାଙ୍କ କୋଚ ମାନସ ବେହେରାଙ୍କୁ ଶ୍ରେୟ ଦେଇଛନ୍ତି ଓ ମୟୂରଭଂଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଗୌରୀ ଶଙ୍କର ସିହ୍ନଓ, ମିଡ଼ିଆ ସଂଯୋଜକ ସୋମନାଥ ସିଂହ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଏହି ସଫଳତା ଅନ୍ୟ ଯୁବ କୁସ୍ତିବାଜଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ଓ ସିଦ୍ଧାର୍ଥ ଯଶିପୁର ବ୍ଲକର ମୌଦି ଗ୍ରାମର ବାସିନ୍ଦା ଅଟନ୍ତି ଓ ବର୍ତ୍ତମାନ ସେ ଭଂଜକିଆ ସ୍ଥିତ ଚୈତନ୍ୟ ପ୍ରସାଦ ମହାବିଦ୍ୟାଳୟର +୩ ବିଜ୍ଞାନର ଦ୍ୱିତୀୟ ବର୍ଷର ଛାତ୍ର ଓ ତାଙ୍କର ଏହି ସଫଳତା ପାଇଁ ତାଙ୍କ ମହାବିଦ୍ୟାଳୟ, ଗ୍ରାମ ତଥା ଯଶିପୁର ଅଂଚଳରେ ଖୁସିର ଲହରୀ ଖେଳି ଯାଇଛି ଏବଂ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ମିଳିଛି ବୋଲି ସେ ପ୍ରକାଶ କରିଛନ୍ତି ।

## ୨୧ ଲକ୍ଷର ବ୍ରାଉନ୍‌ସୁଗାର ଜବତ : ଜଣେ ଗିରଫ



ବସ୍ତା, ୦୯/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଅବକାରୀ ବିଭାଗ ୨୧୦ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହିତ ଏହି କାରବାରରେ ସଂପୃକ୍ତ ଜଣକୁ ଗିରଫ କରିଛି । ଗିରଫ ଜଣକ ହେଲେ ସେକ ସାଲାଦ୍ଦିନ । ତାଙ୍କ ଘର ବସ୍ତା ଅଂଚଳ ର ସଦାନନ୍ଦପୁର ଅଂଚଳରେ ବୋଲି ଜଣା ପଡିଛି । ସୂଚନା ଅନୁସାରେ, ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ପତ୍ର ଝଡା ରାସ୍ତା ରୁ ସେକ ସାଲାଦ୍ଦିନକୁ ଗିରଫ କରିଛି । ତାଙ୍କଠାରୁ ୨୧୦ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୨୧ଲକ୍ଷ ଟଙ୍କା ହେବ । ଏହା ସହିତ ଏକ ମୋଟର ସାଇକେଲକୁ ମଧ୍ୟ ଜବତ କରାଯାଇଛି ।

## ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ୍ ସପ୍ତାହ ପାଳନ




ଜଳେଶ୍ୱର, ୦୯/୧୨ (ନି.ପ୍ର): ଜଳେଶ୍ୱର ପୌରପାଳିକାରେ ଅବସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ବିଶ୍ୱ ଏଡସ୍ ସପ୍ତାହ ପାଳନ ହୋଇ ଯାଇଛି । ଦୀନକୃଷ୍ଣ ସଭାକକ୍ଷରେ ଆୟୋଜିତ ଏହି ଉତ୍ସବରେ ଅଧ୍ୟକ୍ଷା ମାନୀରାଣୀ ମହାନ୍ତି ପୌରହିତ୍ୟ କରିଥିଲେ । ଜିକେଭଟ୍ଟର ଡାକ୍ତରଖାନାର ଏଡ୍‌ସ୍ କାଉନ୍‌ସିଲର ରଶ୍ମିତା ରାଉତ ଏଥିରେ ଯୋଗ ଦେଇ ରାଜ୍ୟ, ଦେଶ ଓ ସମଗ୍ର ବିଶ୍ୱରେ ଏଡ୍‌ସ୍ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହି ରୋଗର ଇତିହାସ, କାରଣ, ନିରାକରଣ, ସଚେତନତା ନେଇ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ୍ ସଂଯୋଜିକା ଚନ୍ଦ୍ରଲେଖା ମହାକୁଡ, ଅଧ୍ୟାପକ ନିଳକଣ୍ଠ ଖଣ୍ଡା, ସୁରତୀ ଦେ, ଉଦୟ କୁମାର ଗିରି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅଂଚଳି ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ସାଧାରଣଜ୍ଞାନ, ଚିତ୍ରାଙ୍କନ, ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଛାତ୍ରୀମାନେ ପ୍ଲାକାର୍ଡ ଧରି ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିବା ବେଳେ କୃତି ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଜି-୨୦ ଯୁବ ଗୋଷ୍ଠୀର କୋଷାଧକ୍ଷ ହେଲେ ଓଡ଼ିଆ ପୁଅ ଓମ୍ ପ୍ରିୟଦର୍ଶୀ

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ଓଡ଼ିଆ ପୁଅ ଓମ୍ ପ୍ରିୟଦର୍ଶୀ ଛୋଟରାୟଙ୍କୁ ଭାରତ ଅଧକ୍ଷତାରେ ହେବାକୁ ଯାଉଥିବା ଜି-୨୦ ସମ୍ମିଳନୀରେ ଗୁରୁ ଦାୟିତ୍ୱ ଦିଆଯାଇଛି । ସେ ପ୍ରମୁଖ ୧୯ ରାଷ୍ଟ୍ର ଓ ୟୁରୋପୀୟ ରାଷ୍ଟ୍ରସଂଘକୁ ନେଇ ଗଠିତ ଯୁବଗୋଷ୍ଠୀର କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି । ଓମ୍ ଆଗାମୀ ବର୍ଷ ଭାରତ ଓ ଅନ୍ୟ ଜି-୨୦ ରାଷ୍ଟ୍ରଗୁଡିକରେ ଆୟୋଜିତ ହେବାକୁ ଯାଉଥିବା ବିଭିନ୍ନ ପ୍ରାକ ସମ୍ମିଳନୀ, ଯୁବ ସଂଗୋଷ୍ଠୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବୈଶ୍ୱିକ ସମସ୍ୟାର ସମାଧାନ ନିମିତ କାର୍ଯ୍ୟଶାଳାର ପରିଚାଳନା କରିବେ । ଓଡ଼ିଶାରେ ମଧ ଜି-୨୦ ର ଏଜେଣ୍ଡାକୁ ନେଇ ବିଶ୍ୱବିଦ୍ୟାଳୟ, ସରକାରୀ ଅନୁଷ୍ଠାନ ଓ ସାମାଜିକ ସଙ୍ଗଠନ ମାଧମରେ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ଭାରତର ଜି-୨୦ ସଂଗଠନର ଅଧ୍ୟକ୍ଷତା ଏକ ସାର୍ବଜନୀନ ଏକତ୍ୱର ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରିବ । ତେଣୁ ଆମର ମୂଳ ପ୍ରସଙ୍ଗ ହେଉଛି – "ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ" । ଏହା କେବଳ ଏକ ସ୍ଲୋଗାନ ନୁହେଁ । ଏହା ସମ୍ପ୍ରତି ମାନବୀୟ ପରିସ୍ଥିତିରେ ଘଟୁଥିବା ପରିବର୍ତ୍ତନକୁ ମଧ ପ୍ରଦର୍ଶିତ କରୁଛି ଯାହାକୁ ଆମେ ସାମୂହିକ ଭାବେ ସ୍ୱୀକାର କରିବାରେ ବିଫଳ ହୋଇଛୁ । ଆଜି ଆମେ ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ ଏବଂ ବୈଶ୍ୱିକ ମହାମାରୀ ପରି ଯେଉଁ ବୃହତ୍ ବିପଦର ସାମ୍ନା କରୁଛୁ ତାହା ପରସ୍ପର ମଧ୍ୟରେ ବିବାଦରେ ଲିପ୍ତ ରହିଲେ କଦାପି ସମାଧାନ କରିହେବନାହିଁ, ବରଂ ମିଳିତ ଭାବେ ସେସବୁର ମୁକାବିଲା କରିବା ଆବଶ୍ୟକ । ଏନ.ଆଇ.ଟି ରାଉରକେଲାରୁ ସ୍ନାତକୋତର ହାସଲ କରିଥିବା ଓମ୍ ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶ୍ରେଷ୍ଠ ଯୁବ ଲେଖକ ଭାବେ ସମ୍ମାନୀତ ହୋଇ ସାରିଛନ୍ତି ।

## ପୁନର୍ଗଠିତ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦର ବୈଠକ

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ପୁନର୍ଗଠିତ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦର ପ୍ରଥମ ବୈଠକ ଆଜି ପରିଷଦର ଅଧକ୍ଷ ପଦ୍ମବିଭୂଷଣ ଡଃ. ସୁଦର୍ଶନ ସାହୁଙ୍କ ଅଧକ୍ଷତାରେ ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢୀ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇ ପରିଷଦର କାର୍ଯ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ । ପରିଷଦର ବୈଠକରେ ରାଜ୍ୟରେ ବୁଣାକାର ଓ କାରିଗରମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ସଦସ୍ୟମାନେ ଆଲୋକପାତ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତାମତ ରଖିଥିଲେ । ବୈଠକରେ ସଭାପତିତ୍ୱ କରି ପଦ୍ମବିଭୂଷଣ ଡଃ. ସୁଦର୍ଶନ ସାହୁ ରାଜ୍ୟର ସମସ୍ତ ବୁଣାକାର ଓ କାରିଗରମାନଙ୍କର ସମସ୍ୟା ଓ ଉନ୍ନତି ନିମନ୍ତେ ପର୍ଯ୍ୟାୟ କ୍ରମେ ସମସ୍ତ ପ୍ରକାର ପଦକ୍ଷେପ ନେବା ପାଇଁ ସରକାରଙ୍କ ସହ ସମନ୍ୱୟ ରଖାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଉକ୍ତ ବୈଠକରେ ସ୍ୱତନ୍ତ୍ର ସଚିବ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ନିର୍ଦ୍ଦେଶକ, ବୟନଶିଳ୍ପ, ନିର୍ଦ୍ଦେଶକ, ହସ୍ତଶିଳ୍ପ ଯୋଗଦେଇ ସଦସ୍ୟମାନଙ୍କ ଦ୍ୱାରା ଉଠାଯାଇଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ । ପରିଷଦର ସଦସ୍ୟ ସଚିବ ବିକ୍ରମାଦିତ୍ୟ ବାରିକ, ଅତିରିକ୍ତ ଶାସନ ସଚିବ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଗାନ୍ଧୀମାର୍ଗ ଅଚଳ କଲେ....

ଆସୋସିଏସନ୍‌ର ନେତା ତଥା ସି.ଆଇ.ଟି.ୟୁ.ର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ସି.ଆଇ.ଟି.ୟୁ. ନେତ୍ରୀ ପୁଷ୍ପା ଦାଶ, ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ଉପସାଧାରଣ ସମ୍ପାଦିକା ପ୍ରତିଭା ପାଲ ଏବଂ ମମତାଜ ଖୁଣ୍ଟିଆ, ଏ.ଆଇ.ଟି.ୟୁ.ସି. ରାଜ୍ୟ ଉପସଭାପତି ଅଭୟ ସାହୁ, ଦେବାଶିଷ ଘୋଷ ପ୍ରମୁଖ ସାମିଲ ଥିଲେ । ବିକ୍ଷୋଭ ସମାବେଶ ଚାଲିଥିବା ମଧ୍ୟରେ ସଂଯୁକ୍ତ ମୋର୍ଚ୍ଚାର ଆବାହକ ବିଜୟ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମହିଳା ଓ ଶିଶୁ ବିକାଶ ସଚିବ ତଥା କମିଶନର୍‌ଙ୍କୁ ସାକ୍ଷାତ କରି ଦାବିପତ୍ର ଉପସ୍ଥାପନ କରିଥିଲେ । ସମସ୍ତ ଦାବି ଖୁବ୍ ଶୀଘ୍ର ପୂରଣ ନ କଲେ ବିଧାନସଭାର ବଜେଟ୍ ଅଧିବେଶନ ସମୟରେ ସମଗ୍ର ରାଜ୍ୟର ଲକ୍ଷାଧିକ ଅଙ୍ଗନୱାଡ଼ି କର୍ମୀ, ମିନିକର୍ମୀ ଓ ସହାୟିକାମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିରହିବେ ଓ ଏଥିରୁ ଉପୁନ୍ନ ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ ବୋଲି ଅଙ୍ଗନୱାଡ଼ି କର୍ମଚାରୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି ।

## ସମୁଦ୍ର ଭିତରେ ନେଲା....

ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ଦୁଇଦିନ ଯାଏଁ ବର୍ଷାର ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଆସନ୍ତାକାଲି ଯାଏଁ ତାମିଲନାଡୁ, ପୁଡୁଚେରୀ, କରାଇକାଲ, ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଶୁକ୍ରବାର କିଛି ରେଳ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଅନ୍ୟପଟେ ମତ୍ସଜୀବୀଙ୍କୁ ସମୁଦ୍ର ଭିତରକୁ ନଯିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ । ସାମୁଦ୍ରିକ ଝଡ଼ ମଣ୍ଡୋସ ଭୀଷଣ ବାତ୍ୟାର ରୂପ ନେବା ପରେ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶର ବହୁ ସ୍ଥାନରେ ବର୍ଷା ହୋଇଛି । ବାତ୍ୟା ମୁକାବିଲା ପାଇଁ ଉଦ୍ଧାରକାରୀ ଟିମ୍ ପ୍ରସ୍ତୁତି ଚଳାଇଛନ୍ତି ।

## ଧାମରା - ପାରଦ୍ୱୀପ ୨୩୩ କିଲୋ ମିଟର....

କିଲୋ ମିଟର ରହିଛି, ଯାହା ଓଡିଶାକୁ ନୌ ପରିବହନ କ୍ଷେତ୍ରରେ ବେଶ୍ ସହାୟକ ହେବ । ପର୍ଯ୍ୟାବରଣ ଅନୁକୂଳ ଏବଂ ପରିବହନ ସୁଲଭ ସାଧନ ଭାବରେ ଆଭ୍ୟନ୍ତରୀଣ ଜଳପଥକୁ ପ୍ରୋତ୍ସାହିତ କରିବା ପାଇଁ, ଜାତୀୟ ଜଳପଥରେ ଚାଲୁଥିବା ଜାହାଜ ଗୁଡ଼ିକ ଉପରେ ଆଇଡବ୍ଲ୍ୟୁଏଆଇ ଦ୍ୱାରା ଲଗା ଯାଇଥିବା ଜଳପଥ ଉପଯୋଗ ଶୁଳ୍କକୁ ଜୁଲାଇ ୨୦୨୦ ପ୍ରାରମ୍ଭରେ ତିନି ବର୍ଷ ଅବଧି ପାଇଁ ଛାଡ କରି ଦିଆଯାଇଛି ।କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଲୋକସଭାକୁ ଲିଖିତ ଉତରରେ ଏହି ସୂଚନା ପ୍ରଦାନ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ ଚୟନକୁ ନେଇ ହିମାଚଳରେ....

ତାଙ୍କ ପରିବାର ପ୍ରତି ସହାନୁଭୂତି ରହିବ ବୋଲି ସେ ଆଶା କରିଛନ୍ତି । କହିରଖୁ କି, ହିମାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭୂପେନ୍ଦ୍ରସିଂ ହୁଡ୍ଡାଙ୍କର ଗତବର୍ଷ ଦେହାନ୍ତ ହୋଇଥିଲା । ଏହାସହ ପ୍ରତିଭା ସିଂ ମୁ୍ଖ୍ୟମନ୍ତ୍ରୀ ଭାବେ ରାଜ୍ୟର ନେତୃତ୍ୱ ନେଇପାରିବେ ବୋଲି ସେହି ସାକ୍ଷାତକାରରେ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଇଫୁ ମଲ୍ଲିକ

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ନିଟ୍ ପରୀକ୍ଷାରେ କୃତୀତ୍ୱ ହାସଲ କରି କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ପାଠ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବାଲିଗୁଡାର ଛାତ୍ର ଇଫୁ ମଲ୍ଲିକ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ଭେଟିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଇଫୁଙ୍କ ପ୍ରତିଭାର ଉଚ୍ଚପ୍ରଶଂସା କରିବା ସହିତ ଆଗକୁ ଏହିପରି ଉଦ୍ୟମ ଜାରି ରଖି ଦେଶବାସୀଙ୍କ ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରେରଣା ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଫୁଙ୍କ ସହିତ ସେଲ୍‌ଫି ଉଠାଇବା ସହିତ ଏକ ପୁସ୍ତକ ମଧ ଉପହାର ଦେଇଥିଲେ । ସୂଚନାଯୋଗ୍ୟ ଯେ ଇଫୁ ମଲ୍ଲିକ କନ୍ଧମାଳ ଜିଲ୍ଲା ବାଲିଗୁଡା ଅଂଚଳର ଜଣେ ଗରିବ, ଆଦିବାସୀ ଯୁବକ । ନିଜର ପ୍ରତିଭା ଓ ଉଦ୍ୟମ ଯୋଗୁ ଅନେକ ପ୍ରତିକୂଳ ପରିସ୍ଥିତିରେ ମଧ ସେ ମେଡିକାଲ ପଢିବା ପାଇଁ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । କିନ୍ତୁ ଅର୍ଥାଭାବ ଯୋଗୁ ତାଙ୍କର ଏ ଆଶା ପୂରଣ ହେବା ସଂପର୍କରେ ସେ ସନ୍ଦିହାନ ଥିଲେ । ସାମାଜିକ ଗଣମାଧ୍ୟମରୁ ଏ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ମେଡିକାଲ ପଢିବା ପାଇଁ ସମସ୍ତ ଆବଶ୍ୟକୀୟ ଖର୍ଚ୍ଚ ରାଜ୍ୟ ସରକାର ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ ଏବଂ ଇଫୁଙ୍କୁ ବ୍ୟକ୍ତିଗତ ଭାବେ ଭେଟିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ମଧ ଇଫୁଙ୍କ ସହିତ ଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିଲେ ।

## ନୀଳମଣି ମହାବିଦ୍ୟାଳୟ ରାଜନୀତି ବିଭାଗ ତରଫରୁ ପଂଚାୟତରାଜ ବ୍ୟବସ୍ଥା ସମ୍ପର୍କିତ କର୍ମଶାଳା




ରୂପ୍ସ, ୦୮/୧୨ (ନି.ପ୍ର): ରୂପ୍ସା ସଦର ବ୍ଲକ ସ୍ଥିତ ନୀଳମଣି ମହାବିଦ୍ୟାଳୟ ରାଜନୀତି ବିଭାଗ ତରଫରୁ ପଂଚାୟତ ରାଜ ବ୍ୟବସ୍ଥା ମୌଳିକ ସ୍ତର ଗ୍ରାମପଂଚାୟତ ର ଗଠନ ଓ କାର୍ଯ୍ୟ ସମ୍ପକିତ ଏକ କର୍ମଶାଳା ନୂତନ ଭାବେ ଗଠିତ ଆଙ୍କ ଗ୍ରାମପଂଚାୟତ ପରିସରରେ ଅନୁଷ୍ଠିତ ହୋଇଥିଲା ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ଼ ତପନ କୁମାର ଦାସଙ୍କ ତତ୍ୱାବଧାନରେବିଭାଗୀୟ ଛାତ୍ର ଛାତ୍ରୀ ଆଙ୍କ ପଂଚାୟତ ପରିସରରେ ସରପଞ୍ଚ ଜ୍ୟୋତ୍ସ୍ନା ରାଣୀ ବେହେରାଙ୍କ ଠାରୁଅନେକ ପ୍ରଶ୍ନ ଓ ଉତ୍ତର ଜାଣିଥିଲେ । ପଂଚାୟତ ରାଜ ବ୍ୟବସ୍ଥା ସମ୍ପର୍କରେ ମୌଳିକ ତଥ୍ୟ ଦେଇ ସମାଜସେବୀ ଜୟକୃଷ୍ଣ ବେହେରା କହିଥିଲେ ପଂଚାୟତ ରାଜ ଗଣତନ୍ତ୍ରର ମୌଳିକ ସ୍ତର ପଲ୍ଲିସଭା, ଗ୍ରାମସଭା ଜନସାଧାରଣଙ୍କ କଲ୍ୟାକାରୀ ସଭା ଏହିସଭା ସର୍ବସାଧାରଣ ଙ୍କ ଉଦେଶ୍ୟରେ ସମର୍ପିତ, ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବ୍ରତମହାନ୍ତି ପଂଚାୟତ ସ୍ତରରେ ଲୋକଙ୍କ ଅଧିକାର ଓ କର୍ତବ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଉକ୍ତ କର୍ମଶାଳାରେ ସମିତି ସଭ୍ୟା ସିନଗ ହାଁସଦା, ଏମ ବିକେ କୁଞ୍ଜଲ ତା ବେହେରା, ୱାର୍ଡ ମେମ୍ବର ବିକର୍ତ୍ତନ ହାତୀ, ମମତା ବେହେରା, ଶକୁନ୍ତଳା ଦଳେଇ, ନାଏବ ସରପଞ୍ଚ ଦୀନବନ୍ଧୁ ଦାସ, ବର୍ଣାଳୀ ଦାସ, ଚନ୍ଦନ ସେନାପତି, ଦିଲୀପ ରାଉତ, ରଂଜିତା ସେନାପତି, ବିଷ୍ଣୁ ଚରଣ ଦାସ, ଉମେଶ ଚନ୍ଦ୍ର ବେହେରା, ଅମୂଲ୍ୟ ବେହେରା, ଗଜେନ୍ଦ୍ର ପଣ୍ଡା, ଅଭିମନ୍ୟୁ ବେହେରା, ଲମ୍ବୋଦର ଜେନା,ଇତ୍ୟାଦି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ, ଅଧାପିକା ଇତିଶ୍ରୀ ମହାନ୍ତ, ଅଧାପକ ଶମ୍ଭୁନାଥ ଗିରି, ପ୍ରମୁଖ କର୍ମଶାଳା ପରିଚାଳନା କରିଥିଲେ, ରାଜନୀତି ବିଜ୍ଞାନସମ୍ମାନ ଶ୍ରେଣୀର ଛାତ୍ର ଛାତ୍ରୀ ପଂଚାୟତ ରାଜ ସମ୍ପର୍କିତ ଅନେକ ତଥ୍ୟ ପାଇବା ସହିତ ସରପଞ୍ଚ ଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ସୋଫିଆ ସେକ୍‌ଙ୍କୁ ଯମୁନାଲାଲ ବଜାଜ-୨୦୨୨ ପୁରସ୍କାର ଅର୍ପଣ



ଭଦ୍ରକ, ୦୯/୧୨ (ନି.ପ୍ର): ସୋସାଇଟ ଫର ଉଇକର କମ୍ୟୁନିଟି (ଆସିଆନା), ଭଦ୍ରକ ଓଡିଶାର ସଂପାଦିକା ସୋଫିଆ ସେକ୍ ମହିଳା ଓ ଶିଶୁ ମାନଙ୍କ ବିକାଶ ଉନ୍ନତି କ୍ଷେତ୍ରରେ ଅଗ୍ରଣୀ ସେବା ନିମନ୍ତେ ଯମୁନାଲାଲ ବଜାଜ ୨୦୨୨ ପୁରସ୍କାର ବିଜୟ ଲାଭ କରିଛନ୍ତି । ଏହି ପୁରସ୍କାର ଏକ ମହା ସମାବେଶ ରୟାଲ ଅପେରା ହାଉସ୍, ଗିରଗାଁ ମୁମ୍ବାଇରେ ଅନୁଷ୍ଠିତ ହୋଇଥିଲା । ଯମୁନାଲାଲ ଟ୍ରଷ୍ଟି ତଥା ଅଧକ୍ଷ ଶେଖର ବଜାଜ ଓ ପୂର୍ବତନ ନିର୍ଦ୍ଦେଶକ ତଥା ଏଫ୍‌ଆରଏସର ପୂର୍ବତନ ନିର୍ଦ୍ଦେଶକ, ଅଧକ୍ଷ ଶିକ୍ଷ ଅନୁସନ୍ଧାନ, ଅଧକ୍ଷ ଜାତୀୟ ଅଭିନବ କରଣ ପ୍ରତିଷ୍ଠା, ପାରିଷଦ ଉପଦେଷ୍ଟା ଯମୁନାଲାଲ ବଜାଜର ପ୍ରତିଷ୍ଠା ଡ. ରଘୁନାଥ ମାସେହଲ୍‌କାରଙ୍କ ଠାରୁ ମାନପତ୍ର ଓ ଅର୍ଥରାଶି ଗ୍ରହଣ କରିଥିଲେ । ବିଭିନ୍ନ ସାମାଜିକ ସଂଗଠନର ସଂକ୍ରିୟ ଅଂଶଗ୍ରହଣ, ବିଡି କାରିଗରୀ ଶ୍ରମିକ ଓ ଶିଶୁ ମାନଙ୍କ କ୍ଷେତ୍ରରେ ବିଶାଳ ପରିବର୍ତ୍ତନ, ତିନିତଲାକ ଭଳି ସାମାଜିକ କୁପ୍ରଥାର ଉଚ୍ଛେଦ ଲାଗି ମାନ୍ୟବର ସୁପ୍ରିମ କୋର୍ଟରେ ଜୀବନବ୍ୟାପି ସଂଗ୍ରାମ କରିଥିବା ମହିଳାଙ୍କୁ ଯମୁନାଲାଲ ବଜାଜ-୨୦୨୨ ପୁରସ୍କାର ଅର୍ପଣ କରାଯାଇଥିଲା । ପ୍ରକାଶ ଥାଉକି ଏହି ପୁରସ୍କାର ଓଡିଶାର ୧୯୮୧ର ରମାଦେବୀ ଚୌଧୁରୀ, ୧୯୮୮ ମାଳତୀଦେବୀ ଚୌଧୁରୀ, ୧୯୯୪ ଶାନ୍ତି ଦେବୀ, ୨୦୧୩ରେ ବିଦ୍ୟା ଦାସ ହାସଲ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଲାଇଟ୍ ହାଉସ୍ ପର୍ଯ୍ୟଟନ ପ୍ରକଳ୍ପରେ ଓଡିଶାରୁ ପାଂଚ ସାମିଲ୍

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୯/୧୨ (ନି.ପ୍ର): ସରକାରୀ ଘରୋଇ ଭାଗୀଦାରୀ (ପିପିପି)ରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ନିମନ୍ତେ ନିର୍ଦ୍ଧାରିତ ହୋଇଥିବା ୭୫ଟି ଲାଇଟ୍ ହାଉସ୍ ମଧ୍ୟରୁ ଓଡିଶାର ପାଂଚଟି ଲାଇଟ୍ ହାଉସ୍ କୁ ଚିହ୍ନଟ କରାଯାଇଛି। ସେଗୁଡିକ ହେଉଛି, ଗୋପାଳପୁର ଲାଇଟ୍ ହାଉସ୍, ପୁରୀ ଲାଇଟ୍ ହାଉସ୍, ଚନ୍ଦ୍ରଭାଗା ଲାଇଟ୍ ହାଉସ୍, ପାରାଦୀପ ଲାଇଟ୍ ହାଉସ୍ ଏବଂ 'ଲ୍ସ ପଏଂଟ ଲାଇଟ୍ ହାଉସ୍ । ଅନ୍ୟ ପକ୍ଷରେ ଏହି ପ୍ରକଳ୍ପରେ ଗୁଜରାଟର ୧୩ଟି, ତାମିଲନାଡୁର ୧୧ଟି, କେରଳର ୧୦ଟି, ଆନ୍ଧ୍ର ପ୍ରଦେଶର ୯ଟି, ମହାରାଷ୍ଟ୍ରର ୫ଟି, କର୍ଣ୍ଣାଟକର ୫ଟି, ପଶ୍ଚିମବଙ୍ଗ ୩ଟି, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ୨ଟି ଲାଇଟ୍ ହାଉସ୍ ନିର୍ଦ୍ଧାରିତ ହୋଇଥିବା ବେଳେ ଲାକ୍ଷାଦ୍ୱୀପ ଏବଂ ଗୋଆରେ ଗୋଟିଏ ଲେଖାଏଁ ଲାଇଟ୍ ହାଉସ୍ କୁ ଚିହ୍ନଟ କରାଯାଇଛି । ଡର୍ଲିନ୍ ନୋଜ୍ ଲାଇଟ୍ ହାଉସ୍ କୁ ସୁରକ୍ଷା ଦୃଷ୍ଟିକୋଣରୁ ଏଥିରୁ ବାଦ୍ ଦିଆଯାଇଛି। କେରଳ ରାଜ୍ୟରେ ସରକାରୀ ଘରୋଇ ଭାଗୀଦାରୀ (ପିପିପି)ରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ନିମନ୍ତେ ନିର୍ଦ୍ଧାରିତ ୧୦ଟି ଲାଇଟ୍ ହାଉସ୍ ର କୋଷ୍ଟାଲ୍ ରେଗୁଲେସନ୍ ଜୋନ୍ (ସିଆରଜେଡ୍)ର ମ୍ୟାପିଂ କାର୍ଯ୍ୟ ସମାପ୍ତ ହୋଇଛି। ଏହି ୧୦ ଟି ଲାଇଟ୍ ହାଉସ୍ ମଧ୍ୟରୁ କୁନ୍ନୁର ଲାଇଟ୍ ହାଉସ୍ ସମେତ ଛଅଟି ଲାଇଟ୍ ହାଉସ୍ ପାଇଁ ସିଆରଜେଡ୍ ର ମଞ୍ଜୁରୀ ଆରମ୍ଭ କରା ଯାଇଛି। ଅବଶିଷ୍ଟ ଚାରିଟି ଲାଇଟ ହାଉସ୍ "ନୋ ଡେଭଲପମେଂଟ ଜୋନ୍" (ଏନ୍‌ଡିଜେଡ୍) ଅଧୀନରେ ଆସିଥାଏ, ଯାହା ସ୍ଥାୟୀ ସଂରଚନା ନିର୍ମାଣକୁ ଅନୁମତି ଦିଏ ନାହିଁ। ସିଆରଜେଡ୍ ମଞ୍ଜୁରୀ ପ୍ରାପ୍ତ କରିବା ପାଇଁ ଏବଂ ସହାରାଂଚଳ ଏବଂ ଗ୍ରାମାଂଚଳ ଯୋଜନା ବିଭାଗର ଅନୁମୋଦନ ପାଇବା ଦିନ ଠାରୁ ଏହି ପ୍ରକଳ୍ପ ଗୁଡିକୁ ଦୁଇ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ନିର୍ଦ୍ଧାରିତ ରହିଛି। ୧୧ ଜଣ ଘରୋଇ ହିତାଧିକାରୀ କେରଳ ଠାରେ ଲାଇଟ୍ ହାଉସ୍ ପର୍ଯ୍ୟଟନ ପ୍ରକଳ୍ପ ଗୁଡିକୁ ଆରମ୍ଭ କରିବା ନିମନ୍ତେ ନିଜର ବ୍ୟକ୍ତିଗତ ଆଗ୍ରହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ବନ୍ଦରଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଲୋକସଭାରେ ଏକ ଲିଖିତ ଉତରରେ ସୂଚିତ କରିଛନ୍ତି ।

## ପୌରପାଳିକାର ନିଷ୍କ୍ରିୟତା ଉନ୍ନୟନ କାର୍ଯ୍ୟରେ ଅନ୍ତରାୟ : ଆନ୍ଦୋଳନକୁ ଓହ୍ଲାଇବ ବିଜେପି ନଗର କମିଟି




ବାଲେଶ୍ୱର, ୦୯/୧୨ (ନି.ପ୍ର): ନୂତନ ପୌର ପରିଷଦ ଗଠନକୁ ୮ ମାସ ବିତିବାକୁ ବସିଥିବା ବେଳେ ବାଲେଶ୍ୱର ସହରାଞ୍ଚଳ ଉନ୍ନୟନ ମୂଳକ କାର୍ଯ୍ୟରେ ପୌରପାଳିକାର ନିଷ୍କ୍ରିୟତାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ବିଜେପ ନଗର କମିଟି। ଏହି ପିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, କାଉନସିଲର ସତ୍ୟଶିବ ସୁନ୍ଦର ଦାସ, ପୂର୍ବତନ କାଉନସିଲର ଜୟପ୍ରକାଶ ଦାଶ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ପୌରପାଳିକାର ମନ୍ଥର ବିକାଶ ଧାରା ଯୋଗୁଁ ଉପୁଜିଥିବା ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ସୂଚନା ଦେଇଥିଲେ । ପୂର୍ବ ପୌର ପରିଷଦ ଭାଙ୍ଗିବାର ସାଢେ ୩ ବର୍ଷରେ ପୌର ନିର୍ବାଚନ ଦ୍ୱାରା ଏକକ ବ୍ୟକ୍ତି ପରିଚାଳିତ ପୌରପରିଷଦ ସମାପ୍ତି ସହ ନୂତନ ପରିଷଦ ଗଠନ ହୋଇଥିଲା। ମାତ୍ର ଅଧିକାରୀଙ୍କ ଉଦାସୀନତା ଯୋଗୁଁ ପରିଷଦରେ ଗୃହୀତ ପ୍ରସ୍ତାବ କାର୍ଯ୍ୟକାରିତାରେ ସ୍ଥାଣୁ ଅବସ୍ଥା ସୃଷ୍ଟି ହୋଇଛି । ଦୀର୍ଘବର୍ଷ ଧରି ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତିରେ ରାଜ୍ୟ ସରକାରଙ୍କ ଖାମଖିଆଲି ନୀତି ଯୋଗୁଁ ପୌରପାଳିକାର କାର୍ଯ୍ୟ ପରିସର କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି। ଫଳରେ ପ୍ରତିଟି କ୍ଷେତ୍ରରେ ଜଟିଳ ସ୍ଥିତି ପରିଲକ୍ଷିତ ହୋଇଛି ବୋଲି ବିଜେପି କର୍ମକର୍ତ୍ତାମାନେ ଆରୋପ କରିଛନ୍ତି। ନିର୍ବାଚିତ କାଉନସିଲରମାନେ ପୌର ପରିଷଦ ବୈଠକରେ ୱାର୍ଡର ସମସ୍ୟା ନେଇ ବାରମ୍ବାର ସ୍ୱର ଉତ୍ତୋଳନ କରିବା ସତ୍ତ୍ୱେ ଏହାର ସ୍ଥାୟୀ ସମାଧାନ ବାବଦରେ କିଛି ବ୍ୟବସ୍ଥା କରାଯାଉ ନାହିଁ। ପ୍ରତିମାସ ନିର୍ବାହୀ ଅଧିକାରୀ ବଦଳ ହେବା ଫଳରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ପୌରାଧକ୍ଷା, ଉପାଧ୍ୟକ୍ଷ ଏମିତିକି କାଉନସିଲରଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ତୁରନ୍ତ ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି, ପରିଷଦ ବୈଠକରେ ଗୃହୀତ ପ୍ରସ୍ତାବ ଅନୁଯାୟୀ ୱାର୍ଡଗୁଡ଼ିକର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବା, ସହରର ପରିମଳ ବ୍ୟବସ୍ଥା ସଠିକ୍ ଢଙ୍ଗରେ ପରିଚାଳନା ପାଇଁ ନୂତନ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବା, ଅଚଳ ଷ୍ଟ୍ରିଟ ଲାଇଟ୍‌ର ମରାମତି ସହ ନୂତନ ଲାଇଟ ଲଗାଇବା, ପାନୀୟ ଜଳ ସମସ୍ୟାର ଆଶୁ ସମାଧାନ କରିବା ଓ ସହରରେ ନୂତନ ଟାଉନ ବସ ଚଳାଚଳ ପାଇଁ ବିଜେଡି ନେତାମାନେ ଏହି ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। ଏଥି ପ୍ରତି ପୌର କର୍ତ୍ତୃପକ୍ଷ, ପ୍ରଶାସନ ଓ ରାଜ୍ୟ ସରକାର ତୁରନ୍ତ ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ନଗର କମିଟି ଆନ୍ଦୋଳନମୁଖୀ ହେବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

## କାନ୍ତକବିଙ୍କୁ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ଜୟନ୍ତୀରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଂଜଳି ଜଣାଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା କାଳଜୟୀ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି। ଲୋକଙ୍କ ମଧ୍ୟରେ ଜାତୀୟତା ଭାବ ଜାଗ୍ରତ କରିବାରେ ତାଙ୍କ ସାହିତ୍ୟ ରଚନା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ତାଙ୍କ ନିଃସ୍ୱାର୍ଥପର ଜୀବନ, ଅମାପ ଦେଶପ୍ରେମ ସର୍ବଦା ପ୍ରେରଣାଦାୟୀ।

## କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ଓଡିଶା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ସକାଳେ ବରପୁତ୍ରଙ୍କ ପ୍ରତିମୂର୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିକ୍ଷାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସମ୍ମିଳନୀର ଉପ-ସଭାପତି ଡ ସୁରେନ୍ଦ୍ର ମୋହନ ମିଶ୍ର ଓ ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ବରପୁତ୍ରଙ୍କ ଗୁଣଗାନ କରିଥିଲେ ।

## ଲୋୟର ପିଏମ୍‌ଜିରେ ବୁଲିଲେ ଚକୁଳିଆ ପଣ୍ଡା

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ଓଡିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘର ପ ମ ଦିନ ଧାରଣାରେ ବହୁ କଳା ଓ କ୍ରୀଡ଼ା ପ୍ରଶିକ୍ଷକ ପ୍ରଶିକ୍ଷିକା ଉପସ୍ଥିତ ରହି ଲୋୟର ପିଏମ୍‌ଜିରେ ତାଙ୍କର ପ୍ରାପ୍ୟ ଦାବିକୁ ଚକୁଳିଆ ପଣ୍ଡାମାନଙ୍କ ମାଧ୍ୟମରେ ଏକ ନିଆରା ଢଙ୍ଗରେ ସରକାରଙ୍କୁ ଜଣାଇଛନ୍ତି। ଏହା ସହିତ ଧାରଣାରେ ଉପସ୍ଥିତ ନଥିବା କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନଙ୍କୁ ଅନୁରୋଧ କରି ଆହ୍ୱାନ କରିଛନ୍ତି ଯେ, ଯେପର୍ଯ୍ୟନ୍ତ ସରକାର ଓଡ଼ିଶା କଳା ଓ କ୍ରୀଡ଼ା ମହାସଂଘର ହକ୍ ଦେଇନାହାଁନ୍ତି, ସେପର୍ଯ୍ୟନ୍ତ ରାଜରାସ୍ତାରେ ବସିରହିବେ ବୋଲି ମହାସଂଘର ଆବାହକ ଧର୍ମେନ୍ଦ୍ର ପଣ୍ଡା ଓ ଦେବବ୍ରତ ପଟ୍ଟନାୟକ, ସଂଯୋଜକ ଆଶୁତୋଷ ଶତପଥି, ବିଜନ ଦାସ ପ୍ରମୁଖ ସୂଚନା ଦେଇଛନ୍ତି।

## ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ବୈଠକ



ବାରିପଦା, ୦୯/୧୨ (ନି.ପ୍ର): ଆଜି ମୟୁରଭଂଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କକ୍ଷରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସଭାପତିତ୍ୱରେ ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ଉପଯୁକ୍ତ ଭାବେ ସଚେତନ କରାଇ ଆସନ୍ତା ୨୦୨୩ ମସିହା ଜାନୁଆରୀ ୫ ତାରିଖ ରେ ପ୍ରକାଶିତ ହେବାକୁ ଥିବା ନୂତନ ତ୍ରୁଟିଶୁନ୍ୟ ଭୋଟର ତାଲିକାରେ ଆଗାମୀ ବର୍ଷ ପାଇଁ ନୂତନ ଭାବେ ଯୋଗ୍ୟ ବିବେଚିତ ହେଉଥିବା ଜଣେ ମଧ ଭୋଟର ଯେମିତି ତାଲିକାରୁ ବାଦ ନପଡ଼ନ୍ତି ସେଥିପ୍ରତି ଯତ୍ନବାନ ହେବା ସହ ଜିଲ୍ଲାର ଖଡିଆ ମାଙ୍କଡ଼ିଆ ଓ ଲୋଧା ସମ୍ପ୍ରଦାୟ ର ଆଦିମ ଅଧିବାସୀ, ଦିବ୍ୟାଙ୍ଗ ଭୋଟର ଓ ମହିଳା ଭୋଟରଙ୍କୁ ଭୋଟର ତାଲିକାରେ ଶତ ପ୍ରତିଶତ ତାଲିକାଭୁକ୍ତ ପ୍ରତି ଧ୍ୟାନ ଦେବା ଏବଂ ତ୍ରୁଟି ଶୁନ୍ୟ ଭୋଟର ତାଲିକା ପ୍ରସ୍ତୁତି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । କିଛିବି ତଥ୍ୟ ତ୍ରୁଟି ଥିବାର ନଜରକୁ ଆସିଲେ ସମ୍ପୃକ୍ତ ଭୋଟର ତାଙ୍କର ବୁଥ ଲେବେଲ ଅଧିକାରୀ କିମ୍ବା ଉପଜିଲ୍ଲାପାଳ (ଭୋଟର ପଞ୍ଜିକରଣ ଅଧିକାରୀ)ଙ୍କ କାର୍ଯ୍ୟାଳୟ ରେ ଆବଶ୍ୟକୀୟ ସଂଶୋଧନ ନିମନ୍ତେ ଆବେଦନ କରିପାରିବେ ଏବଂ ନିଜ ମୋବାଇଲ ଫୋନ ରେ ଭୋଟର ହେଲ୍ପ ଲାଇନ ଆପ ଜରିଆରେ କିମ୍ବା ୱେବ୍‌ସାଇଟରେ ମଧ ଅନଲାଇନ ରେ ଆବେଦନ କରିପାରିବେ ବୋଲି ଜଣାଯାଇଛି । ଏବର୍ଷ ନିର୍ବାଚନ ଆୟୋଗଙ୍କ ତରଫରୁ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ପ୍ରଥମ ଥର ପାଇଁ ପୋଷ୍ଟାଲ ବାଲେଟ ପେପରର ପ୍ରଚଳନ ଆରମ୍ଭ କରିଛନ୍ତି ଯଦ୍ୱାରା ଆଗାମୀ ସମୟ ରେ ହେବାକୁ ଥିବା ନିର୍ବାଚନ ରେ ଦିବ୍ୟାଙ୍ଗ ଭୋଟର ମାନେ ପୋଷ୍ଟାଲ ବାଲେଟ ଜରିଆରେ ସେମାନଙ୍କ ମତଦାନ କରିପାରିବେ ବୋଲି ଜଣାଯାଇଛି । ବୈଠକରେ ଡେପୁଟି କଲେକଟର ସୁଶ୍ରୀତା ଟୁଡୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଂଜନ ମହାନ୍ତିଙ୍କ ସମେତ ବିଭିନ୍ନ ଗଣମାଧମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

## ଥାନା ପରସରରେ ବିସ୍ଫୋରଣ, ଜଳେଶ୍ୱରରେ ଆତଙ୍କ

ଜଳେଶ୍ୱର, ୦୯/୧୨(ନି.ପ୍ର): ଗତ ଗୁରୁବାର ସଂଧ୍ୟାରେ ଜଳେଶ୍ୱର ଥାନା ପରିସରରେ ଥିବା ଏକ ପରିତ୍ୟକ୍ତ କୋଠରୀ ମଧ୍ୟରେ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ତୀବ୍ରତା ଏତେ ଶକ୍ତିଶାଳିଥିଲା ଯେ ଥାନା ସମ୍ମୁଖରେ ଥିବା ଦୋକାନବଜାର ଗୁଡିକ ଥରି ଉଠିଥିଲା ଓ ଏହା ବହୁଦୂର ପର୍ଯ୍ୟନ୍ତ ଶୁଭିଥିଲା । ଘର ଗୁଡିକର କାଚ ଭାଂଗି ଯାଇଥିଲା । ଭୂମୀ କମ୍ପ କିମ୍ବା ବୋମା ବିସ୍ଫୋରଣ ନେଇ ଲୋକ ଆତଙ୍କିତ ହୋଇ ଏଣେ ତେଣେ ଦୌଡାଦୌଡି କରିଥିଲେ । ଘଟଣାରୁ ପ୍ରକାଶ, ଗତ ଦୀପାବଳୀ ସମୟରେ ପୁଲିସ୍ ବିଭିନ୍ନ ସ୍ଥାନର ବେଆଇନ୍ ବାଣ ଦୋକାନ ଉପରେ ଚଢାଉ କରି ସେ ଗୁଡିକ ଜବତ୍ କରିଥିଲା । କିନ୍ତୁ ତାହା ଏହି ପରିତ୍ୟକ୍ତ ଘରେ ରଖିଥିବା କୁହାଯାଇଛି । ଗତ ଗୁରୁବାର ଏ ସବୁ ବାଣ ପରୀକ୍ଷାନିରିକ୍ଷା ଲାଗି ବାଲେଶ୍ୱରରୁ ଏକ ଦଳ ଆସି ଯାଞ୍ଚ କରୁଥିବା ବେଳେ ତାହା ବିସ୍ଫୋରଣ ହୋଇଥିବା କହୁଯାଇଛି । ପୁଲିସ୍ ଏ ସଂପର୍କରେ କୌଣସି ସୂଚନା ଦେଉନାହିଁ । ଏ ସଂପର୍କରେ ବିସ୍ଫୋରଣ ପରେ ଥାନା ପରିସର ଧୂଆଁରେ ପରିପୂର୍ଣ୍ଣ ହୋଇଥିଲା ଓ ଫାଟକକୁ ବନ୍ଦ କରାଯାଇଥିଲା । ଫଳରେ କୌଣସି ଗଣମାଧ୍ୟମର ପ୍ରତିନିଧିଙ୍କୁ ପରିସରମଧ୍ୟକୁ ଯିବାକୁ ଦିଆଯାଇନଥିଲା । ଅନ୍ୟପକ୍ଷରେ ଏତେ ପରିମାଣର ବିସ୍ଫୋରକ ଥାନା ପରିସରରେ କାହିଁକି ରଖାଗଲା ଏବଂ ତାହା ଥାନା ଭଳି ସମ୍ବେଦନଶୀଳ ପରିସରରେ କାହିଁକି ପରୀକ୍ଷା କରାଗଲା ବୋଲି ସହରବାସୀ ପ୍ରଶ୍ନ କରିଛନ୍ତି ।

## ୨୦୨୪ ନିର୍ବାଚନ ଉପରେ ପ୍ରଭାବ ପକାଇବ ପଦ୍ମପୁର ବିଜୟ : ଦେବୀ ମିଶ୍ର

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ପଦ୍ମପୁର ବିଜୟ ୨୦୨୪ ନିର୍ବାଚନ ଉପରେ ପ୍ରଭାବ ପକାଇବ। ଏବେ ବି ନବୀନଙ୍କ ଭାବମୂର୍ତି ବଳବତର ରହିଛି। ନବୀନଙ୍କ ଯୋଗୁଁ ଭୋଟ ପ୍ରତିଶତ ବଢୁଛି। ଲୋକଙ୍କ ଉପରେ ନବୀନଙ୍କ ପ୍ରଭାବ ରହିଛି। ସବୁ ନିର୍ବାଚନ ସମୟରେ ସ୍ଥାନୀୟ ନେତାଙ୍କୁ ଦଳ ଗୁରୁତ୍ୱ ଦେଉଛି ବୋଲି କହିଛନ୍ତି ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର। ସେହିପରି ବର୍ଷା ସିଂ ବରିହାଙ୍କ ପ୍ରତି ବିଜେପି ନେତାଙ୍କ ଆକ୍ଷେପ ଗ୍ରହଣୀୟ ନୁହେଁ। ମୁଖ୍ୟମନ୍ତ୍ରୀ ଏଭଳି ଆକ୍ଷେପକୁ ନିନ୍ଦା କରିଥିବା ବେଳେ ଏହା ଏହା ସାମାଜିକ ଚଳନି ଓ ସଂସ୍କୃତିର ପରିପନ୍ଥୀ। ବିଜେଡି ଲୋକଙ୍କ ବିଶ୍ୱାସ ଭାଜନ ଥିବା ଦଳ। ପ୍ରଥମ ପସନ୍ଦ ଦଳ। ବିଜେଡି ଅର୍ଥବଳରେ ନିର୍ବାଚନ ଲଢୁଛି ଅଭିଯୋଗ ଉପରେ ଦେବୀ ମିଶ୍ର କହିଛନ୍ତି ଗୁଜୁରାଟ କିପରି ଲଢୁଥିଲା ବିଜେପି। କେତେ ଟଙ୍କା ଖର୍ଚ୍ଚ କରିଛି ବୋଲି ପ୍ରଶ୍ନ କରିଛନ୍ତି ଦେବୀ ମିଶ୍ର । କଂଗ୍ରେସ ଭୋଟ ବିଜେଡି ଆଡ଼କୁ ଗଲା ବୋଲି ପ୍ରଶ୍ନରେ କହିଛନ୍ତି, ଏହା ବିରୋଧୀଙ୍କର ଅବାନ୍ତର ଯୁକ୍ତି।

## ଚତୁର୍ଥ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ମାସିକ ଖବରକାଗଜ 'ଶାନ୍ତିସ୍ତୁପ' ଷ୍ଟଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୦୯/୧୨(ନି.ପ୍ର): ଚତୁର୍ଥ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୨ରେ ମାସିକ ଓଡ଼ିଆ ଖବରକାଗଜ 'ଶାନ୍ତିସ୍ତୁପ'ର ଷ୍ଟଲ୍ ଉଦ୍ଘାଟିତ ହୋଇଯାଇଛି । ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ବିଶିଷ୍ଟ ସଂଳାପ ଲେକକ ତଥା କବି ଡ. ରଜନୀ ରଞ୍ଜନ ଦାସ ଯୋଗଦେଇ ଷ୍ଟଲକୁ ଉଦ୍ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପ୍ରମୋଦ ପାଢ଼ୀ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଯୋଗ ଦେଇଥିଲେ ।



ଏହି କାର୍ଯ୍ୟକ୍ରମରେ ଶାନ୍ତିସ୍ତୁପର ସମ୍ପାଦକ ରଞ୍ଜନ କୁମାର ମହାପାତ୍ର, ମାର୍କେଟିଂ ମୁଖ୍ୟ ବିଶ୍ୱଜିତ୍ ସାମନ୍ତରାୟ, ସମାଜସେବୀ ଲକ୍ଷ୍ମଣ ଜେନା, ସଞ୍ଜୀବ ପଟ୍ଟନାୟକ, ଦୀପକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୮ ବର୍ଷ ବୟସ ପର୍ଯ୍ୟନ୍ତ ବାଧ୍ୟତା ମୂଳକ ଶିକ୍ଷା ଦିଆଯାଉ : ପ୍ରମିଳା ପଣ୍ଡା



ଉଦଳା, ୦୯/୧୨ (ନି.ପ୍ର): ଶିକ୍ଷାକୁ ମୌଳିକ ଅଧିକାର ଭାବରେ ଗ୍ରହଣ କରାଯାଇ ନୂତନ ଶିକ୍ଷା ଅଧିକାର ଆଇନ ପ୍ରଣୟନ କରାଯାଇଛି । ଏଥିରେ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପୁଅ ଝିଅଙ୍କୁ ଶିଶୁ ବୋଲି ଧରାଯାଇଛି । ଏବଂ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇ ଦେବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । କିନ୍ତୁ ରାଜ୍ୟ ସରକାର ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପୁଅ ଝିଅଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ବ୍ୟବସ୍ଥା କରିଛନ୍ତି। ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ୧୮ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପୁଅଝିଅଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇ ଦିଆଯାଉବୋଲି ଦାବି ଜଣାଇଛନ୍ତି। ସେ ଏ ବାବଦରେ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେବା ସହିତ ବିଧାନ ସଭାରେ ଏ ବାବଦରେ ବିରୋଧି ଦଳ ଦାବି ଉପସ୍ଥାପନ କରନ୍ତୁ ବୋଲି ଅନୁରୋଧ ଜଣାଇଛନ୍ତି। ୧୪ ବର୍ଷ ବୟସ ପରେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ଅନେକ ପୁଅ ଝିଅ ପାଠ ପଢ଼ା ଛାଡ଼ି ଦେଉଛନ୍ତି। ଏହା ଦୁଃଖଦାୟକ ବିଷୟ ବୋଲି କହିବା ସହ ୧୪ ବର୍ଷ ପରେ ୧୮ ବର୍ଷ ମଧ୍ୟରେ ଅନେକ ପୁଅ ଝିଅ ବିବାହ ମଧ କରୁଥିବାର ଶୁଣିବାକୁ ମିଳୁଛି ବୋଲି ଜଣାଇଛନ୍ତି । ଫଳରେ ବାଲ୍ୟ ବିବାହ ଜନିତ ଭୟଙ୍କର ବିପଦ ଆମ ରାଜ୍ୟକୁ ମାଡ଼ି ଆସୁଛି। ଏ ସବୁ ସମସ୍ୟାର ସମାଧାନ ପାଇଁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ଏକମାତ୍ର ବିକଳ୍ପ ବୋଲି ସେ କହିଛନ୍ତି ।

## ୪ ଦଫା ଦାବିରେ ବିଜେପିର ଜିଲ୍ଲା କୃଷି ଅଧିକାରୀଙ୍କୁ ଦାବିପତ୍ର



ଜଳେଶ୍ୱର, ୦୯/୧୨ (ନି.ପ୍ର): ଜଳେଶ୍ୱର ବିଜେପି ନଗର ସଭାପତି ତଥା ସାଂସଦ ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜଳେଶ୍ୱର କୃଷି ଜିଲା ଅଧିକାରୀଙ୍କ ଜରିଆରେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଉଦ୍ଦେଶ୍ୟରେ ୪ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଗତ ସେପ୍ଟେମ୍ବର ୨୬ ତାରିଖରେ ଜଗତପୁର ଅଂଚଳର ଏକ ବ୍ୟବସାୟୀ ଏକ ପିକ୍‌ଅପ୍‌ରେ ଘାସବଛାଯନ୍ତ୍ର କୃଷି କାର୍ଯ୍ୟାଳୟରୁ ନେଇ ପଳାଇ ଯାଉଥିବା ବେଳେ ତାହା ସ୍ଥାନୀୟ ଲୋକଙ୍କ ଦ୍ୱାରା ଧରାପଡିଥିଲେ । ତତ୍‌କାଳୀନ ତହସିଲଦାର ଏହାକୁ ଜବତ୍ କରିଥିବା ବେଳେ ୭୦ ଦିନ ବିତିଯାଇଥିଲେ ମଧ୍ୟ ଏହାର ବିଧିବଦ୍ଧ ତଦନ୍ତ ହୋଇନାହିଁ। ଏହା ୨୦୧୮-୧୯ ଆର୍ଥିକ ବର୍ଷରେ ବଣ୍ଟନ ପାଇଁ ଆସିଥିବା ବେଳେ ଏହି ୬୧୭ଟି ଘାସବଛା ଯନ୍ତ୍ରକୁ ୨୬-୧୧-୨୧ରେ କାର୍ଯ୍ୟାଳୟ ପକ୍ଷରୁ ଗ୍ରହଣ କରାଯାଇଥିଲା। ମାତ୍ର ତାହା ୧ବର୍ଷ ମଧ୍ୟରେ ଚାଷୀମାନଙ୍କୁ ବଣ୍ଟନ କରା ନ ଯାଇ ଜଗତପୁର ଅଂଚଳର ଜଣେ ବ୍ୟବସାୟୀ ଏହାକୁ ନେଇ ପଳାଇଯାଉଥିବା ସଂପର୍କରେ କିଛି ଜଣାପଡୁନାହିଁ । ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ବରିଷ୍ଠ ନେତା ଅରୁଣ କୁମାର ବେଜ, ବିଶ୍ୱରୂପ ଦାସ, ମୁକୁନ୍ଦ ଜେନା, ସୁରେଶ ଜେନା, ସଂଗ୍ରାମ ଜେନା, ଦେବଯାନୀ ଅଣ୍ଡିଆ, ସୁମତୀ ରଣା, ରଂଜନ ପାତ୍ର, ଅମୂଲ୍ୟ ସେନାପତି, ବଂକବିହାରୀ ଦାସ ଓ ଗୌତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ : ୯୦୬ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

ବାଲେଶ୍ୱର, ୦୯/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ୭୮ତମ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ପରମିଟ ପଡ଼ିଆରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ସଦର ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାସ୍ତରୀୟ କ୍ରୀଡ଼ାକୁ ଉଦ୍‌ଘାଟନ କରିବା ସହିତ ଖେଳରେ ଶ୍ରେଷ୍ଠ ପ୍ରଦର୍ଶନ ସହ ଜିଲ୍ଲାର ଗରିମା ରକ୍ଷା ପାଇଁ ଖେଳାଳିଙ୍କୁ ପରାମର୍ଶ ଦେଇଥିଲେ। ସମ୍ପ୍ରତି ରାଜ୍ୟ ସରକାର କ୍ରୀଡ଼ା କ୍ଷେତ୍ରର ବିକାଶକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ କ୍ରୀଡ଼ା ଭିତିଭୂମିର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଉଦୀୟମାନ କ୍ରୀଡ଼ାବିତ୍‌ମାନେ ଏହାର ସୁଯୋଗ ନେବାକୁ ବିଧାୟକ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲ୍ଲା କ୍ରୀଡା ସଂଘର ପ୍ରସ୍ତାବିତ ୨୪ଶହ ବର୍ଗଫୁଟର ଜିମନାସିୟମ ପାଇଁ ବିଧାୟକ ପାଣ୍ଠିରୁ ୨୦ଲକ୍ଷ ଅନୁଦାନ ପ୍ରଦାନ ନେଇ ବିଧାୟକ ଘୋଷଣା କରିଥିଲେ । ଜିଲ୍ଲା କ୍ରୀଡ଼ା ସଂଘର ସଭାପତି ତଥା ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହିତ କ୍ରୀଡ଼ା ପ୍ରତିଭା ବିକାଶରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଥିଲେ। କ୍ରୀଡା ସଂଘର କାର୍ଯ୍ୟକାରୀ ସଭାପତି ଅଧୀପ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଅଭୟ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ବୀରେନ୍ଦ୍ର ସ୍ୱାଇଁ, ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, କୋଷାଧକ୍ଷ ଅମର ମହାନ୍ତି ପ୍ରମୁଖ କର୍ମକର୍ତ୍ତାମାନେ ଏଥିରେ ଯୋଗଦେଇ ଜିଲା କ୍ରୀଡ଼ା କ୍ଷେତ୍ରକୁ ଆଗେଇ ନେବାରେ ଆଥଲେଟିକ ଆସୋସିଏସନର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ କ୍ରୀଡ଼ା ସଂଘର ଯୁଗ୍ମ ସମ୍ପାଦକ ଜଗଦୀଶ ବେହେରା, ସଞ୍ଜୟ ଲେଙ୍କା, ନିମାଇ ରାଉତରାୟ, ସୁଜୟ ଆଚାର୍ଯ୍ୟ, କାର୍ତ୍ତିକ ନାୟକ, ରବୀନ୍ଦ୍ର କୁମାର ସାହୁ, ହରେନ ଚନ୍ଦ୍ର ରଣା, ସାଦିକ୍ ଅଲ୍ଲୀ ଖାଁ, ଗୌରୀ ଶଙ୍କର ସାହାଣୀ, ରବିନ୍ ମିତ୍ର ପ୍ରମୁଖ ଉଦଘାଟନୀ ଉତ୍ସବ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ପ୍ରତିଯୋଗୀମାନେ ମାର୍ଚ୍ଚପାଷ୍ଟରେ ପଡିଆ ପରିକ୍ରମା କରିଥିଲେ । ଏଥିରେ ଜିଲ୍ଲା ସ୍କୁଲର ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ବ୍ୟାଣ୍ଡ ପରିବେଷଣ କରିଥିଲେ । ପରେ ପ୍ରତିଯୋଗୀ ଖେଳାଳିମାନେ ସାମୂହିକ ଶପଥ ନେଇଥିଲେ । ଏହି ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡ଼ା ୩ଦିନ ଧରି ଚାଲିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷିକ କ୍ରୀଡ଼ାରେ ୩୩ଟି ସ୍କୁଲ, ୧୫ଟି କଲେଜ ଓ ୨୩ଟି ବିଭିନ୍ନ ଯୁବକ ସଂଘଙ୍କୁ ମିଶାଇ ମୋଟ ୭୬ଟି ଅନୁଷ୍ଠାନରୁ ୯୦୬ଜଣ ପ୍ରତିଯୋଗୀ କ୍ରୀଡ଼ାରେ ଅଂଶଗ୍ରହଣ କରୁଛନ୍ତି। ତନ୍ମଧ୍ୟରୁ ୫୯୫ ଜଣ ବାଳକ ଥିବା ବେଳେ ୩୧୧ ଜଣ ବାଳିକା ଅଛନ୍ତି । ୩ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା ପାଇଁ ୯୦ଜଣ ଅଫିସିଆଲ୍ ଯୋଗ ଦେଇଛନ୍ତି।

## ଚାରୁପ୍ରଭା କଳାମନ୍ଦିରର ବାର୍ଷିକୋତ୍ସବ

ବାଲେଶ୍ୱର, ୦୯/୧୨ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ସୋମନାଥୁର ସ୍ଥିତ ଚାରୁପ୍ରଭା କଳାମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠାନ ପରିସରରେ ଆୟୋଜିତ ହୋଇଯାଇଛ। ଆୟୁର୍ବେଦ ବିଶେଷଜ୍ଞ ଡାକ୍ତର ଶାନ୍ତନୁ କୁମାର ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ନୃତ୍ୟ, ସଙ୍ଗୀତ ଏବଂ କଳା କ୍ଷେତ୍ରରେ ସୁଖ୍ୟାତି ଅର୍ଜନ ପାଇଁ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ହୋଇ ସାଧନା ଜାରି ରଖିବାକୁ ଡାକ୍ତର ଦାସ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଚିତ୍ରକର ଡାଏନା ମହାପାତ୍ର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କାରଯୁକ୍ତ ସମାଜ ନିର୍ମାଣରେ ନୃତ୍ୟ, ସଙ୍ଗୀତ ଓ କଳାର ଅବଦାନ ସମ୍ପର୍କରେ ଆଲେଚନା କରିଥିଲେ। ସଙ୍ଗୀତ, କଳା ଓ ସଂସ୍କୃତ କ୍ଷେତ୍ରରେ ବାଲେଶ୍ୱର ସର୍ବଦା ଆଗରେ ଥିବା ବେଳେ ଚାରୁପ୍ରଭା କଳାମନ୍ଦିରରୁ ଶିକ୍ଷାଲାଭ କରି ବହୁ ପ୍ରତିଭାବାନ ଛାତ୍ରଛାତ୍ରୀ ଜିଲା ତଥା ରାଜ୍ୟ ପାଇଁ ଗୌରବ ଅର୍ଜନ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚ ଟୁଟୁନ ଜେନା ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କଳାମନ୍ଦିରର ପ୍ରତିଷ୍ଠାତା ତଥା ଅଷ୍ଟ୍ରେଲିଆର ପ୍ରବାସୀ ଭାରତୀୟ ଗୋବିନ୍ଦ ଚନ୍ଦ୍ର ମିଶ୍ର ଏଥିରେ ଅଧକ୍ଷତା କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଙ୍ଗୀତ ପ୍ରତି ବିଶେଷ ରୁଚି ରଖିଥିବା ତାଙ୍କ ପିତା ଚାରୁଚନ୍ଦ୍ର ମିଶ୍ର ଓ ମାତା ପ୍ରଭାଦେବୀ ମିଶ୍ରଙ୍କ ସ୍ମୃତିରେ ଜନ୍ମମାଟିରେ ଏହ ଅନୁଷ୍ଠାନ ପ୍ରତିଷ୍ଠା କରିଥିବା ସେ କହିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବରିଷ୍ଠ ବେହେଲା ବାଦକ ଗୁରୁ ମନୋରଞ୍ଜନ ପଣ୍ଡା ଓ ଗିତାରାଣୀ ମିଶ୍ର, ତବଲା ବାଦକ ମାୟାଧର ମହାପାତ୍ର ଓ ଅଜିତାନନ୍ଦ ଦେବଗୋସ୍ୱାମୀଙ୍କ ସମେତ ଗୁରୁ ଅମିତ କୁମାର ପ୍ରଧାନ, ଗୁରୁ ଉମାକାନ୍ତ ସାହୁ, ଗୁରୁ କମଳାକାନ୍ତ ପାତ୍ର, ଗୁରୁ ତୃପ୍ତିମୟୀ ଖୁଣ୍ଟିଆ, ଗୁରୁ ଅମରେଶ ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳା ମନ୍ଦିରର ପ୍ରତିଷ୍ଠାତା ଶ୍ରୀ ମିଶ୍ରଙ୍କୁ ମଧ୍ୟ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ତବଲା ବାଦକ ଶ୍ରୀ ମହାପାତ୍ର ଏଥିରେ ସଂଯୋଜନା କରିଥିବା ବେଳେ ଭୁବନେଶ୍ୱରର ଅନିମା ମିଶ୍ର କାର୍ଯ୍ୟକ୍ରମ ପରିକଳ୍ପନା କରିଥିଲେ। ଶେଷରେ ତବଲା ବାଦକ ଶ୍ରୀ ଦେବଗୋସ୍ୱାମୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ଡାଏନା ମହାପାତ୍ର ଉଦଘାଟନ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo